

ଭାରତ ସହ ଟି-୨୦ ବିଶ୍ୱକପ୍ ଖେଳିବନି ପାକିସ୍ତାନ

▶ପୃଷ୍ଠା ୧୨ ଦେଖନ୍ତୁ...


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-217 ◆MONDAY ◆2 FEBRUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୧୭ ◆ସୋମବାର ◆୨ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ନିର୍ମଳାଙ୍କ ନୀଳ ନକ୍ସା

## ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ୫୩,୪୭,୩୧୫ କୋଟିର ବଜେଟ


■ ନୂଆଦିଲ୍ଲୀ ୧।୨ (ଏଜେନ୍ସି): ବୈଶ୍ୱିକ ଅସ୍ଥିରତା, ରପ୍ତାନୀ ହ୍ରାସ, ଦରଦାମ ବୃଦ୍ଧି, ନିଯୁକ୍ତି ଅନିଶ୍ଚିତତା ମଧ୍ୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି (ରବିବାର) ଲୋକସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି। ଭାରତକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ସହିତ ବିକଶିତ ଭାରତ ଗଠନ ଲକ୍ଷ୍ୟରେ ନିର୍ମଳା ତାଙ୍କ ନୂଆ ବଜେଟରେ ୫୩ ଲକ୍ଷ ୪୭ ହଜାର ୩୧୫ କୋଟିର ବ୍ୟୟ ଅଟକଳ ରଖିଛନ୍ତି। ବଜେଟରେ ରାଜସ୍ୱ ଆୟ ୩୫ ଲକ୍ଷ ୩୩ ହଜାର ୧୫୦ କୋଟି ରହିଥିବା ବେଳେ ବିତ୍ତୀୟ ନିଅଣ୍ଟ ପରିମାଣ ୧୬ ଲକ୍ଷ ୯୫ ହଜାର ୭୬୮ କୋଟି ଥିବା ଦର୍ଶାଯାଇଛି।


ଏନ୍‌ଡିଏ ସରକାରଙ୍କ ତୃତୀୟ ତଥା ନିର୍ମଳାଙ୍କ ଏହି ୯ମ ବଜେଟ୍ ଉପରେ ସାରା ବିଶ୍ୱର ଧ୍ୟାନ ନିବଦ୍ଧ ରହିଥିଲା। ଆମେରିକା ସହ ବାଣିଜ୍ୟିକ ଉତ୍ତେଜନାଜନିତ ଚାପ ଓ ୟୁରୋପୀୟ ୟୁନିୟନ ସହ ବାଣିଜ୍ୟ ବୁଝାମଣା ଜନିତ ଆଶ୍ୱସ୍ତି ମଧ୍ୟରେ ଉପସ୍ଥାପନ ହେବାକୁ ଥିବା ଏହି ବଜେଟ ଉପରେ ଭାରତୀୟ ରପ୍ତାନୀକାରୀ, ଅର୍ଥନୀତିକୁ ନିୟନ୍ତ୍ରଣ କରୁଥିବା ବ୍ୟବସାୟୀ ଗୋଷ୍ଠୀ, ଦେଶର ଟିକସଦାତା ମଧ୍ୟବିତ୍ତ ଏବଂ ଆର୍ଥିକ ଚାପଗ୍ରସ୍ତ ସାଧାରଣଜନତା ଅନେକ କିଛି ଆଶା ରଖିଥିଲେ। ମାତ୍ର ଏହି ବଜେଟ ପ୍ରାୟ ସବୁ ବର୍ଗକୁ ନିରାଶ କରିଛି। ଆୟକର ରିଆତି, ନିଯୁକ୍ତି ସୃଷ୍ଟି, ଦରଦାମ ହ୍ରାସ ସମ୍ପର୍କରେ ବଜେଟ୍‌ରେ ସେପରି କିଛି ଯୋଜନା ନାହିଁ। ଅର୍ଥମନ୍ତ୍ରୀ ତାଙ୍କର ୮୫ ମିନିଟର ବଜେଟ୍ ଅଭିଭାଷଣରେ ସାଧାରଣ ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିଛନ୍ତି। ବିଶେଷକରି ଦେଶ ଚଳାଇବା ପାଇଁ ସରକାର ଋଣ ଉପରେ

▶ପୃଷ୍ଠା-୭



## ଆୟର ୨୪% ଋଣ; ସୁଧମୂଳ ଶୁଝିବାରେ ଯିବ ୨୨%




## ଆୟକର ସୀମା ଅପରିବର୍ତ୍ତିତ

୨୦୨୬-୨୭ ବଜେଟ୍‌ରେ ସରକାର ଆୟକର ସୀମାକୁ ଅପରିବର୍ତ୍ତିତ ରଖିଛନ୍ତି। ପୂର୍ବ ବଜେଟରେ ଥିବା ଆୟକର ସୀମାରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ନୂଆ ଆୟକର ଆଇନ ଚଳିତବର୍ଷ ଏପ୍ରିଲ୍ ପହିଲାରୁ କାର୍ଯ୍ୟକାରୀ ହେବ। ଏହାର ନିୟମ ଏବଂ ଟିକସ ରିଟର୍ଣ୍ଣ ଫର୍ମ ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ନୂତନ ନିୟମ ଏବଂ ଫର୍ମଗୁଡ଼ିକୁ ସାଧାରଣଲୋକଙ୍କ ଦ୍ୱାରା ସହଜରେ ଅନୁସରଣ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ଟିକସ ଦାଖଲ ପ୍ରକ୍ରିୟାକୁ ଆହୁରି ସରଳ କରିବ। ଏହାଦ୍ୱାରା ଛୋଟ କରଦାତାଙ୍କ ପାଇଁ ପ୍ରକ୍ରିୟା ସହଜ ହେବ। ଆଇଟିଆର୍-୧, ଆଇଟିଆର୍-୨ରେ ଲୋକେ ରିଟର୍ଣ୍ଣ ଭରିପାରିବେ। ଯଦିଓ ଚଳିତଥର ବଜେଟ୍‌ରେ କୌଣସି ଆୟକର ଛାଡ଼ କରାଯାଇନାହିଁ, କିନ୍ତୁ ଏଥିରେ ଅନେକ ପରିବର୍ତ୍ତନ କରାଯାଇଛି। ଏହା ସାଧାରଣ ଲୋକଙ୍କୁ ବଡ଼ ରିଆତି ପ୍ରଦାନ କରିବ। ବିଦେଶରେ ଶିକ୍ଷା ଓ ମେଡିକାଲ କ୍ଷେତ୍ରରେ ଟିସିଏସ୍ (ଉତ୍ସରୁ ଟିକସ ସଂଗ୍ରହ) ୫ରୁ ୨ପ୍ରତିଶତକୁ ହ୍ରାସ କରାଯାଇଛି। ଅପରପକ୍ଷେ, ମୋଟର ଦୁର୍ଘଟଣା ବାବଦ ସୁଧ ଉପରେ ଲାଗୁ ହେବନି ଆୟକର।

**ଏପ୍ରିଲରୁ ନୂଆ ଆୟକର ନିୟମ**

**ଆୟକର ଦାଖଲ ଅବଧି ବଢ଼ିଲା**

**ଆୟକର ଫାଙ୍କିଲେ ମିଳିବନି ଜେଲ୍ ଦଣ୍ଡ**

## ରେୟାର୍-ଆର୍ଥ କରିଡର୍‌ରେ ଓଡ଼ିଶା

ବିରଳ ଖଣିଜ ପଦାର୍ଥ (ରେୟାର-ଆର୍ଥ ମିନେରାଲ୍‌ସ) କ୍ଷେତ୍ରରେ ଚୀନ୍ ଉପରୁ ନିର୍ଭରତା ହ୍ରାସ କରିବା ପାଇଁ ଏଥର ବଜେଟ୍‌ରେ ଗୁରୁତ୍ୱାରୋପ କରାଯାଇଛି। ଦେଶର ୪ଟି ରାଜ୍ୟ ଯଥା ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାକୁ ରେୟାର୍-ଆର୍ଥ କରିଡର୍‌ର ରୂପ ଦେବାକୁ ସରକାର ଯୋଜନା କରିଛନ୍ତି। ଫଳରେ ଓଡ଼ିଶା ବିରଳ ଖଣିଜର ହବ୍ ହେବାକୁ ଯାଉଛି। କେନ୍ଦ୍ର ସରକାର ୨୦୨୫ ନଭେମ୍ବରରେ ରେୟାର-ଆର୍ଥ ପରମାନେଣ୍ଟ ମ୍ୟାଗନେଟ୍ ଯୋଜନା ଆଣିଥିଲେ। ଏହି ଯୋଜନା ଅନୁଯାୟୀ ଦେଶର ଉପରୋକ୍ତ ୪ ରାଜ୍ୟରେ ଖଣିଜ ଓ ରେୟାର ଆର୍ଥ କରିଡର୍‌ର ବିକାଶ କରାଯିବ। ଏଥିରେ ବୈଦ୍ୟୁତିକ ଗତିଶୀଳତା, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରତିରକ୍ଷା କ୍ଷେତ୍ରକୁ ସୁରକ୍ଷିତ ଘରୋଇ ଯୋଗାଣ ପ୍ରଦାନ କରିବା ଲକ୍ଷ୍ୟ ରଖିଛି।

## କେନ୍ଦ୍ର ବଜେଟ ୨୦୨୬-୨୭ ମୁଖ୍ୟାଂଶ

- ୧୮୭ ବିଲିୟନ୍ ଡଲାର୍ ଋଣ କରିବେ ସରକାର
- ପ୍ରତିରକ୍ଷା ପାଇଁ ୭.୮୫ ଲକ୍ଷ କୋଟି
- ତିନି କର୍ତ୍ତବ୍ୟକୁ ଗୁରୁତ୍ୱ: ଗତି, କ୍ଷମତା ଓ ସମୂହ
- ଆୟ ଲୁଚାଇଲେ ୧୦୦ ପ୍ରତିଶତ ଜୋରିମାନା
- ଶସ୍ତା ହେବ ବିଦେଶରେ ପାଠପଢ଼ା ଓ ଚିକିତ୍ସା ଖର୍ଚ୍ଚ
- ଦେଶରେ ସାତଟି ହାଇସ୍ପିଡ୍ ରେଲ କରିଡର
- ୨୦ଟି ନୂଆ ଜଳପଥ କାର୍ଯ୍ୟକାରୀ ହେବ
- ୧୭ ଜଟିଳ କର୍କଟ ଔଷଧ ଉପରୁ ସୀମା ଶୁଳ୍କ ଛାଡ଼
- ଏମ୍ସ ଭଳି ତିନିଟି ଆୟୁର୍ବେଦିକ ଅନୁଷ୍ଠାନ ପ୍ରତିଷ୍ଠା
- କଇଁଛଙ୍କ ସୁରକ୍ଷା ପାଇଁ ହେବ ସ୍ୱତନ୍ତ୍ର ପଥ
- ଓଡ଼ିଶା, କେରଳ, ତାମିଲନାଡୁ, ଆନ୍ଧ୍ରରେ ବିରଳ ଖଣିଜ କରିଡର
- ୮୦୦ ଜିଲ୍ଲାରେ ଖୋଲିବ ଛାତ୍ରୀ ନିବାସ
- ଚାବାହାର ବନ୍ଦର ପ୍ରକଳ୍ପକୁ ବଜେଟ ଆବଣ୍ଟନ ବନ୍ଦ
- ଫ୍ୟୁଚର ଟ୍ରେଡିଂ ଉପରେ ଏସ୍‌ଟିଟି ବୃଦ୍ଧି
- ମହିଳାଙ୍କୁ ଆତ୍ମନିର୍ଭର କରିବା ପାଇଁ 'ସି-ମାର୍ଟ'
- କ୍ଲାଉଡ୍ କମ୍ପାନୀଙ୍କୁ ୨୧ ବର୍ଷ ପାଇଁ ଟିକସ ଛାଡ଼
- ପ୍ରବାସୀ ଭାରତୀୟଙ୍କ ସମ୍ପତ୍ତି ବିକ୍ରି ସମସ୍ୟାର ଅନ୍ତ
- ନଡ଼ିଆ, କାଜୁଚାଷୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା
- ସ୍ୱାସ୍ଥ୍ୟ ପର୍ଯ୍ୟଟନର ସମ୍ପ୍ରସାରଣ
- ବାଂଲାଦେଶକୁ ସହାୟତା ରାଶି ହ୍ରାସ
- ପାଞ୍ଚ ବର୍ଷରେ ଯୋଡ଼ିହେବେ ୧ ଲକ୍ଷ ଆନୁସଙ୍ଗିକ ସ୍ୱାସ୍ଥ୍ୟକର୍ମୀ
- ସ୍କୁଲ୍ ଓ କଲେଜରେ ଖୋଲିବ କଣ୍ଟେଣ୍ଟ ଲ୍ୟାବ୍
- ବାୟୋ ଫାର୍ମା ଶକ୍ତି ମିଶନ୍ ପାଇଁ ୧୦ହଜାର କୋଟି

**ଶସ୍ତା**

ମଧୁମେହ ଏବଂ କର୍କଟ ଔଷଧ, ଚମଡ଼ା ଜୋତା, ମୋବାଇଲ୍ ଫୋନ୍ ଏବଂ ଇଭି ବ୍ୟାଟେରୀ, ଟିଭି, ମାଇକ୍ରୋଓଭେନ୍, ବିଦେଶ ଯାତ୍ରା, ସୋଲାର ସାମଗ୍ରୀ, ବାୟୋଗ୍ୟାସ୍ ମିଶ୍ରିତ ସିଏନଜି

**ମହଙ୍ଗା**

ମଦ, ସିଗାରେଟ୍, ବିଡ଼ି, ଫ୍ୟୁଚର୍ସ ଅପ୍‌ସନ୍ ଟ୍ରେଡିଂ

## ନିର୍ମାଣ ହେବ ୭ଟି ହାଇ-ସ୍ପିଡ୍ ରେଳ କରିଡର୍

# ଓଡ଼ିଶାକୁ ଉପେକ୍ଷା

■ ନୂଆଦିଲ୍ଲୀ, ୧।୨ (ସମିସ): ଆଗାମୀ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ସଂସଦରେ ଆଗତ କରିଥିବା ବଜେଟରେ ରେଳବାଇ ନିମନ୍ତେ ବରାଦ କରିଛନ୍ତି ୨.୯୩ ଲକ୍ଷ କୋଟି ଟଙ୍କା।ଗତ ଆର୍ଥିକବର୍ଷ ୨୦୨୫-୨୬ ବଜେଟରେ ରେଳବାଇ ପାଇଁ ୨.୫୨ ଲକ୍ଷ କୋଟି ଟଙ୍କା ଆବଣ୍ଟନ ହୋଇଥିବା ବେଳେ ଚଳିତ ବର୍ଷ ବଜେଟରେ ରେଳବାଇକୁ ଅଧିକ ୪୧ ହଜାର କୋଟି ଟଙ୍କା ମିଳିଛି। ଏ ପର୍ଯ୍ୟନ୍ତ ରେଳବାଇକୁ ବଜେଟ୍‌ରେ ହୋଇଥିବା ବରାଦ ତୁଳନାରେ ଚଳିତ ବର୍ଷ ସର୍ବାଧିକ ଅନୁଦାନ ମିଳିବ ବୋଲି ବଜେଟରେ କୁହାଯାଇଛି।

ଅର୍ଥମନ୍ତ୍ରୀ ୨୦୨୬-୨୭ ବଜେଟରେ ଏକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ସଂଯୋଗ ଏବଂ ଭିତ୍ତିଭୂମି ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଚେନ୍ନାଇ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦକୁ ସଂଯୋଗ କରୁଥିବା ଏକ ଦକ୍ଷିଣ ତ୍ରିଭୁଜ ମଧ୍ୟ ବିକଶିତ କରାଯିବ। ବଜେଟରେ ଏକ ନୂତନ ସମର୍ପିତ ମାଲ ପରିବହନ କରିଡର ଘୋଷଣା କରାଯାଇଛି, ଯାହା ମାଲ ପରିବହନକୁ ଦ୍ରୁତ, ଶସ୍ତା ଏବଂ ଅଧିକ ଦକ୍ଷ କରିବ। ସୁରତ (ଗୁଜରାଟ) ରୁ ଡାଙ୍କୁନି (ପଶ୍ଚିମବଙ୍ଗ) ପର୍ଯ୍ୟନ୍ତ ଏକ ନୂତନ ସମର୍ପିତ ମାଲ ପରିବହନ କରିଡର ନିର୍ମାଣ ପାଇଁ ବଜେଟ୍‌ରେ ପ୍ରସ୍ତାବ ରହିଛି। ଏହି ନୂତନ ପୂର୍ବ-ପଶ୍ଚିମ କରିଡର ଶିଳ୍ପ କେନ୍ଦ୍ରଗୁଡ଼ିକୁ ସିଧାସଳଖ ବନ୍ଦର ସହିତ ସଂଯୋଗ କରିବ। ଯାହାଦ୍ୱାରା ମାଲ ପରିବହନ ଖର୍ଚ୍ଚ ହ୍ରାସ ହେବା ସହ ଗତି ବୃଦ୍ଧି ହେବ। ଏହା ସହ ପଶ୍ଚିମବଙ୍ଗ ଓ ଗୁଜରାଟ ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇବ।

ଅନ୍ୟପକ୍ଷରେ ଅର୍ଥମନ୍ତ୍ରୀ ପରିବେଶ ଅନୁକୂଳ ଯାତ୍ରୀ ପରିବହନକୁ ପ୍ରୋତ୍ସାହିତ କରିବା ପାଇଁ ଯୋଜନା କରିଛନ୍ତି। ଏଥିରେ ପ୍ରମୁଖ ସହରାଞ୍ଚଳ ଏବଂ ଆର୍ଥିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ୭ଟି ହାଇ-ସ୍ପିଡ୍ ରେଳ କରିଡର ବିକାଶର ପ୍ରସ୍ତାବ ଦିଆଯାଇଛି। ଏହି କରିଡରଗୁଡ଼ିକ ସଂଯୋଗୀକରଣ ଭାବରେ କାର୍ଯ୍ୟ କରିବ, ଯାତ୍ରା ସମୟ ହ୍ରାସ କରିବ, ଅଙ୍ଗାରକ ନିର୍ଗମନ ହ୍ରାସ କରି ଆଞ୍ଚଳିକ ବିକାଶକୁ ସମର୍ଥନ କରିବ ବୋଲି ଅର୍ଥମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏଥିରେ ରହିଛି ମୁମ୍ବାଇ-ପୁନେ, ପୁନେ-ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁରୁ, ହାଇଦ୍ରାବାଦ-ଚେନ୍ନାଇ, ଚେନ୍ନାଇ-ବେଙ୍ଗାଲୁରୁ, ଦିଲ୍ଲୀ-ବାରାଣସୀ ଓ ସିଲିଗୁଡ଼ି-ବାରାଣସୀ କରିଡ଼ର। ଏହି ମାର୍ଗଗୁଡ଼ିକ ଭାରତର ଆର୍ଥିକ

▶ପୃଷ୍ଠା-୭

**ରେଳବାଇ ବରାଦ ୪୧ ହଜାର କୋଟି ବୃଦ୍ଧି**



## ସଂସ୍କାର ଏକ୍ସପ୍ରେସ୍‌କୁ ଗତି ଦେବ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ବଜେଟ୍‌କୁ ଐତିହାସିକ ଏବଂ ଯୁବ ଶକ୍ତି ଦ୍ୱାରା ପରିଚାଳିତ ବଜେଟ୍ ବୋଲି ଅଭିହିତ କରିଛନ୍ତି। ଏହା ସୁଯୋଗର ମାର୍ଗକୁ ପ୍ରଶସ୍ତ କରିବ ଏବଂ ସଂସ୍କାର ଏକ୍ସପ୍ରେସକୁ ନୂଆ ଗତି ଦେବ। ଏହି ବଜେଟ ବର୍ତ୍ତମାନର ସ୍ୱପ୍ନକୁ ସାକାର ଏବଂ ଭାରତର ଉଜ୍ଜ୍ୱଳ ଭବିଷ୍ୟତକୁ ମଜବୁତ କରୁଛି। ଏହା ଦକ୍ଷତା, ପରିମାଣ ଓ ସ୍ଥିରତାକୁ ସୁଦୃଢ଼ କରିବାର ଏକ ପ୍ରୟାସ। ନାଗରିକମାନେ ହେଉଛନ୍ତି ସବୁଠାରୁ ବଡ଼ ସମ୍ପତ୍ତି। ଏହି ବଜେଟ ମାଧ୍ୟମରେ ସେମାନଙ୍କ ମଧ୍ୟରେ ନିବେଶ କରାଯାଇଛି। ବଜେଟ ବିକଶିତ ଭାରତ ପାଇଁ ସୁଦୃଢ଼ ମୂଳଦୁଆ ରଖିଛି। ଏହି ବଜେଟ୍ ବିଶ୍ୱାସ-ଭିତ୍ତିକ ଶାସନ ଏବଂ ମାନବ-କୈନ୍ଦ୍ରିକ ଅର୍ଥନୀତିର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି।

## ଅଭିବୃଦ୍ଧିମୂଳକ ଓ ଐତିହାସିକ



୨୦୨୬-୨୭ର କେନ୍ଦ୍ର ବଜେଟ୍ ଅଭିବୃଦ୍ଧିମୂଳକ ଓ ଐତିହାସିକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବଜେଟ ଉପରେ ପ୍ରତିକ୍ରିୟା ରଖି ସେ କହିଛନ୍ତି, ସମାଜର ସବୁ ବର୍ଗର ଲୋକଙ୍କ ଅଭିବୃଦ୍ଧି ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଯୁବ ଶକ୍ତିର ବିକାଶ ଉପରେ ସ୍ୱତନ୍ତ୍ର ଫୋକସ୍ ରହିଛି। ଏହି କେନ୍ଦ୍ର ବଜେଟରେ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରିଥିବାରୁ ଆମେ ଭାରତ ସରକାରଙ୍କ ନିକଟରେ କୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଚଳିତ ବଜେଟ୍‌ରେ ଥିବା ପ୍ରାବଧାନ ଗୁଡିକ ସମୃଦ୍ଧ ଓଡ଼ିଶା - ବିକଶିତ ଭାରତର ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହେବ। ସବୁ ଦୃଷ୍ଟିକୋଣରୁ ଏହା ଏକ ଐତିହାସିକ ବଜେଟ୍ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ବଜେଟ ସମସ୍ତଙ୍କୁ ନିରାଶ କରିଛି



କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ ଆଗତ କରିଥିବା ବେଳେ ଏନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। କେନ୍ଦ୍ର ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ ସମସ୍ତଙ୍କୁ ନିରାଶ କରିଛି ବୋଲି ସେ କହିଛନ୍ତି। ବଜେଟରେ ଓଡ଼ିଶା ଏବଂ ଏହାର ଲୋକଙ୍କୁ କୌଣସି ଉଲ୍ଲେଖନୀୟ ଲାଭ ପ୍ରଦାନ କରାଯାଇ ନାହିଁ। ଓଡ଼ିଶାବାସୀଙ୍କ ଆଶା ଥିଲା ଯେ ଡବଲ ଇଞ୍ଜିନ୍ ସରକାର ଭିତ୍ତିଭୂମି, ନିଯୁକ୍ତି ସୃଷ୍ଟି ଏବଂ ରାଜ୍ୟ ପାଇଁ ଅତିରିକ୍ତ ଆବଣ୍ଟନ ଉପରେ ଧ୍ୟାନ ଦେଇ ଅଭିବୃଦ୍ଧି ଗତି ପ୍ରଦାନ କରିବ। କିନ୍ତୁ ଏଥିରୁ ରାଜ୍ୟକୁ ବହୁତ କମ୍ ମିଳିଛି ବୋଲି ନବୀନ ଉଦବେଗ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରି

▶ପୃଷ୍ଠା-୭

## ବଜେଟ୍‌ରେ ଟ୍ରେଡର୍‌ଙ୍କୁ 'ଏସ୍‌ଟିଟି' ଝଟ୍‌କା

# ମାଟି କାମୁଡ଼ିଲା ସେୟାର୍ ବଜାର

■ ନୂଆଦିଲ୍ଲୀ, ୧।୨ (ସମିସ): ଏଥରର ବଜେଟ୍ ଭାରତୀୟ ସେୟାର୍ ବଜାରକୁ ସଂପୂର୍ଣ୍ଣ ଭାବେ ନିରାଶ କରିଛି। ଗତଥର ଦୀର୍ଘକାଳୀନ ପୁଞ୍ଜିଗତ ଲାଭ (ଏଲ୍‌ଟିସିଜି) ଓ ଛୋଟ ଅବଧି ଜନିତ ପୁଞ୍ଜିଗତ ଲାଭ(ଏସ୍‌ଟିସିଜି)ରେ ସରକାର ଟିକସ ବୃଦ୍ଧି କରିଥିଲେ। ଚଳିତ ବଜେଟ୍‌ରେ ଏଥିରେ କିଛି ମାତ୍ରାରେ ରିହାତି ମିଳିବ ବୋଲି ପୂରା ବଜାର ଆଶାୟୀ ଥିଲା। କିନ୍ତୁ ରିହାତି ତ ଦୂରର କଥା, ଓଲଟି ସରକାର ଡେରିଭେଟିଭ୍ସ ବଜାର ଅର୍ଥାତ୍ ଫ୍ୟୁଚର୍ସ ଏବଂ ଅପ୍ସନ୍ (ଏଫ୍‌ଏନ୍‌ଓ) ଉପରେ ଲାଗୁ ହେଉଥିବା ସୁରକ୍ଷା କାରବାର ଟିକସ(ଏସ୍‌ଟିଟି)ରେ ଯଥେଷ୍ଟ ଟିକସ ବୃଦ୍ଧି ପ୍ରସ୍ତାବ ଦେଇଛନ୍ତି। ଏହା ବଜାରକୁ ନିରାଶ କରିଛି ଏବଂ ଏହାର ପ୍ରଭାବ ଆଜି ବଜାରରେ ସ୍ପଷ୍ଟ ଅନୁଭୂତ ହୋଇଛି। ଉଭୟ ନିଫ୍ଟି-୫୦ ଓ ସେନସେକ୍ସରେ ଆଜି ଏହାର ବଡ଼ ପ୍ରଭାବ ଦେଖିବାକୁ ମିଳିଛି। ଦିନିକିଆ କାରବାର ବେଳେ ଏକସମୟରେ ସେନ୍‌ସେକ୍ସ ୨୮୨୭ ପଏଣ୍ଟ ହ୍ରାସ ପାଇଥିଲା। ଏହା ଉଭୟ ନିବେଶକ ଓ ଟ୍ରେଡର୍‌ଙ୍କୁ ଭୟଭୀତ କରାଇଥିଲା। ତେବେ କାରବାର ଶେଷ ବେଳକୁ ପଏଣ୍ଟରେ ସାମାନ୍ୟ ବୃଦ୍ଧି ଦେଖାଦେଇଥିଲା। ସେନସେକ୍ସରେ ୨.୨୩ ପ୍ରତିଶତ ଅର୍ଥାତ୍ ୧୮୪୩ପଏଣ୍ଟ ହ୍ରାସ ପାଇ ୮୦,୭୨୨.୯୪ରେ କାରବାର ବନ୍ଦ ହୋଇଥିଲା।



ସେହିପରି ନିଫ୍ଟି-୫୦ରେ ମଧ୍ୟ ୫୯୩.୪୫ ପଏଣ୍ଟ ତଥା ୨.୩୩% ହ୍ରାସ ଘଟିଛି। ଏହା ୨୪,୮୨୫.୪୫ ପଏଣ୍ଟରେ କାରବାର ଶେଷ କରିଛି। ଏସ୍‌ଟିଟିରେ ବୃଦ୍ଧି ବିଶେଷକରି ଟ୍ରେଡର୍‌ଙ୍କୁ ବଡ଼ ଝଟ୍‌କା ବୋଲି କୁହାଯାଉଛି। ପୁଞ୍ଜିବଜାରରେ ଫ୍ୟୁଚର୍ସ ଓ ଅପସନ୍ କଣ୍ଟ୍ରାକ୍ଟସରେ କାରବାର ହୋଇଥାଏ। ଧରାଯାଉ ଯେ ନିଫ୍ଟି ଫ୍ୟୁଚର୍ସର ଗୋଟିଏ ଲଟ୍‌ର ମୂଲ୍ୟ ୨ଲକ୍ଷ ଟଙ୍କା। ପୂର୍ବ ନିୟମ ଅନୁଯାୟୀ, ଟ୍ରେଡର୍‌ଙ୍କୁ ଏଥିପାଇଁ ୦.୦୨% ହାରରେ ଏସ୍‌ଟିଟି କରରେ କେବଳ ୪୦ ଟଙ୍କା ଦେବାକୁ ପଡୁଛି। ନୂତନ ବଜେଟ୍ ପ୍ରସ୍ତାବ ପରେ ବର୍ତ୍ତମାନ ଏହି କର ୦.୦୫%କୁ ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ସେହି ୨ ଲକ୍ଷ ଲଟ୍ ଉପରେ ଟ୍ରେଡର୍‌ଙ୍କୁ ଏବେ ୧୦୦ ଟଙ୍କା ଟିକସ ଦେବାକୁ ପଡ଼ିବ। ସରଳ ଭାବେ କହିବାକୁ ଗଲେ, ପ୍ରତ୍ୟେକ ଫ୍ୟୁଚର୍ସ ଲଟ୍ ପାଇଁ ବର୍ତ୍ତମାନ ଅତିରିକ୍ତ ୬୦ ଟଙ୍କା ଗଣିବେ ଟ୍ରେଡର୍।

ପୁଞ୍ଜିବଜାରରେ ବଢୁଥିବା ଟ୍ରେଡିଂକୁ ନିୟନ୍ତ୍ରଣ କରିବା ଏବଂ ଖୁଚୁରା ନିବେଶକମାନଙ୍କୁ ବିପଦପୂର୍ଣ୍ଣ କାରବାରରୁ ରକ୍ଷା କରିବା ଏହି ପଦକ୍ଷେପର ପ୍ରାଥମିକ ଉଦ୍ଦେଶ୍ୟ ବୋଲି କୁହାଯାଉଛି। ଖୁଚୁରା ନିବେଶକମାନେ ଏହି ଫ୍ୟୁଚର୍ ଓ ଅପସନ୍ ଟ୍ରେଡିଂରେ ବିପୁଳ କ୍ଷତି ସହୁଛନ୍ତି।

▶ପୃଷ୍ଠା-୭






# ୧୮୭ ବିଲିୟନ ଡଲାର ଋଣ କରିବେ ସରକାର

ନୂଆଦିଲ୍ଲୀ,୧।୨(ଏଜେନ୍ସି): ବଜେଟ୍‌ରେ ସରକାର 'ବିକଶିତ ଭାରତ'କୁ ଗୁରୁତ୍ୱ ଦେଇଛନ୍ତି। ଆଗାମୀ ଦିନରେ ଦେଶ କିଭଳି ସବୁ କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିବ, ସେନେଇ ଅନେକ ଯୋଜନା ଅଣାଯାଇଛି। ଏହି ସବୁ ଯୋଜନା ସହ ଅନେକ ପ୍ରକଳ୍ପ ପାଇଁ ବାହାରୁ ଋଣ କରାଯିବ ବୋଲି କହିଛନ୍ତି ଅର୍ଥମନ୍ତ୍ରୀ। ରିପୋର୍ଟ ଅନୁସାରେ କେନ୍ଦ୍ର ସରକାର ପ୍ରାୟ ୧୭.୨ ଟ୍ରିଲିୟନ ଟଙ୍କା ବା ୧୮୭ ବିଲିୟନ ଡଲାର ଅର୍ଥ ଋଣ କରିବେ। ଏହା ୨୦୨୫-୨୦୨୬ ତୁଳନାରେ ପ୍ରାୟ ୧୭% ଅଧିକ। ଚଳିତ ଆର୍ଥିକ ବର୍ଷରେ ସରକାର ୧୪.୬୧ ଲକ୍ଷ କୋଟି ଟଙ୍କା ଋଣ କରିବା ଲକ୍ଷ୍ୟ ରଖିଥିଲେ। ଆସନ୍ତାବର୍ଷ ଅର୍ଥାତ୍ ୨୦୨୬-୨୭ରେ ଦେଶର ନେଟ୍




ବଜାର ଋଣ ୧୧.୭୩ ଟ୍ରିଲିୟନ ଟଙ୍କା ହେବ। ବିଗତ କିଛି ଦିନ ହେବ ଦେଶର ବଣ୍ଡ କାରବାର ବୃଦ୍ଧି ପାଇଛି। ବିଭିନ୍ନ ରାଜ୍ୟ ସରକାରଙ୍କ ସମେତ ଅନ୍ୟ ସଂସ୍ଥା ବଣ୍ଡ ସାହାଯ୍ୟରେ ଅନେକ ଅର୍ଥ ଋଣ ଆକାରରେ ନେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୬-୨୭ରେ ମୁଣ୍ଡପିଛା ଋଣ ଜିଡିପିର ହାରାହାରି ୫୫.୬% ହେବ ବୋଲି ଆକଳନ କରାଯାଇଛି, ଯାହା ପୂର୍ବ ଆର୍ଥିକ ବର୍ଷ ୨୦୨୫-୨୬ରେ ୫୬.୧% ଥିଲା। ବଜେଟ ୨୦୨୬-୨୭ରେ ଆର୍ଥିକ ନିଅଣ୍ଟ ଜିଡିପିର ୪.୩% ଆକଳନ କରାଯାଇଛି। ଏହା ୨୦୨୫-୨୬ ଆର୍ଥିକ ବର୍ଷରେ ୪.୪% ଥିଲା। ୨୦୨୬-୨୭ରେ ଅଣ-ଋଣପ୍ରାପ୍ତି ୩୬.୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

## ନିର୍ମଳାଙ୍କୁ ଦହି-ଚିନି ଖୁଆଇଲେ ରାଷ୍ଟ୍ରପତି



ବଜେଟ୍ ଉପସ୍ଥାପନ କରିବା ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମତି ନେବା ପାଇଁ ରାଷ୍ଟ୍ରପତି ଭବନରେ ପହଞ୍ଚିଥିଲେ। ସେଠାରେ ରାଷ୍ଟ୍ରପତି ତାଙ୍କୁ ଦହି-ଚିନି ଖୁଆଇ ଶୁଭକାମନା ଜଣାଇଥିଲେ। ବହୁ କାଳରୁ ଭାରତରେ ଏହି ପରମ୍ପରା ରହିଆସିଛି। ଶୁଭ କାମ ପୂର୍ବରୁ ଦହି-ଚିନି ଖାଇବାକୁ ଦିଆଯାଇଥାଏ। ଏହା ସୌଭାଗ୍ୟ ଏବଂ ସଫଳତା ଆଣିଥାଏ ବୋଲି ବିଶ୍ୱାସ ରହିଛି। ପରେ ରାଷ୍ଟ୍ରପତିଙ୍କ ସହ ଅର୍ଥମନ୍ତ୍ରୀ ବଜେଟ୍ ସଂପର୍କରେ ଆଲୋଚନା କରିଥିଲେ। ବଜେଟ୍‌ର ଲକ୍ଷ୍ୟ ବିଷୟରେ ସେ ରାଷ୍ଟ୍ରପତିଙ୍କୁ ସମ୍ୟକ୍ ସୂଚନା ଦେଇଥିଲେ। ଏହି ଅବସରରେ ଅର୍ଥମନ୍ତ୍ରୀ(ରାଷ୍ଟ୍ର) ପଙ୍କଜ ଚୌଧୁରୀ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ନିର୍ମଳା ଟାବଲେଟ୍ ଧରି ସଂସଦ ଭବନରେ ପହଞ୍ଚିଥିଲେ।

## କ୍ଲାଉଡ୍ କମ୍ପାନୀଙ୍କୁ ୨୧ ବର୍ଷ ପାଇଁ ଟିକସ ଛାଡ଼

ଏଥର ବଜେଟ୍‌ରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ 'କ୍ଲାଉଡ୍' ସହ ଜଡ଼ିତ କମ୍ପାନୀଗୁଡ଼ିକ ପାଇଁ ବଡ଼ ଘୋଷଣା କରାଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଭାଷଣରେ ଟେକ୍ନୋଲୋଜି ଓ ଡିଜିଟାଲ୍ ସେକ୍ଟର୍‌କୁ ଦେଶର ବିକାଶ ପାଇଁ ମଜଭୁତ ସ୍ତମ୍ଭ ବୋଲି କହିଛନ୍ତି। ସେ ବିଦେଶୀ କ୍ଲାଉଡ୍ କମ୍ପାନୀଗୁଡ଼ିକ ପାଇଁ ୨୦୪୭ ଯାଏ ଟିକସ ଛାଡ଼ କରିଛନ୍ତି। ଏହି ଟିକସ ରିଆତି ସେହି କମ୍ପାନୀଗୁଡ଼ିକୁ ମିଳିବ, ଯେଉଁମାନେ ଭାରତରେ ନିର୍ମିତ ଡାଟା ସେଣ୍ଟର୍ ବ୍ୟବହାର କରିବେ। ଏହି କମ୍ପାନୀଗୁଡ଼ିକ ଭାରତରୁ ସାରା ଦୁନିଆର ଗ୍ରାହକଙ୍କୁ 'କ୍ଲାଉଡ୍' ସେବା ପ୍ରଦାନ କରିବେ। ଯଦି କୌଣସି ବିଦେଶୀ କମ୍ପାନୀ ଭାରତୀୟ ଗ୍ରାହକଙ୍କୁ ଭାରତୀୟ ରି-ସେଲର୍‌ଙ୍କ ଜରିଆରେ ସେବା ଦିଅନ୍ତି, ତେବେ ବି ଏହି ଟିକସ ଛାଡ଼ର ଲାଭ ପାଇପାରିବେ। ସରକାରଙ୍କ ଘୋଷଣା ଅନୁସାରେ, ଏହି ନିଷ୍ପତ୍ତି ଭାରତରେ ନିବେଶକୁ ବଢ଼ାଇବ। ବଡ଼ ଡାଟା ସେଣ୍ଟର୍ ନିର୍ମାଣ କରାଯିବ। ଏ.ଆଇ ସହ ଜଡ଼ିତ ସେବା ବି ବୃଦ୍ଧି ପାଇବ। ଏହାଦ୍ୱାରା ଯୁବପିଢ଼ିଙ୍କ ପାଇଁ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଡାଟାର ଆବଶ୍ୟକତା ଲଗାତାର ବୃଦ୍ଧି ପାଉଛି। ଏ.ଆଇର ଦୁନିଆରେ ଡାଟା ସେଣ୍ଟର୍ ଅତ୍ୟନ୍ତ ଜରୁରୀ। ଯଦି କମ୍ପାନିଗୁଡ଼ିକ ଭାରତର ଡାଟା ସେଣ୍ଟର୍ ବ୍ୟବହାର କରିନ୍ତି, ତେବେ ଆପ୍ସ ଓ ୱେବସାଇଟ୍ ସ୍ପିଡ୍ ବଢ଼ିପାରେ। ଏହି ଫରକ ଖାସକରି ଗେମିଂ, ଭିଡିଓ ଓ କ୍ଲାଉଡ୍ ଆଧାରିତ ଆପ୍‌ରେ ଦେଖିବାକୁ ମିଳିବ। ଏଥିରେ କମ୍ପାନୀଗୁଡ଼ିକର ପରିଚାଳନା ଖର୍ଚ୍ଚ ମଧ୍ୟ କମ୍ ହେବ। ଭାରତରେ ଡାଟା ସେଣ୍ଟର୍ ରହିବା ଦ୍ୱାରା ନିୟମ ଅନୁପାଳନ ସହଜ ହେବ। ଏହାଦ୍ୱାରା ୟୁଜର୍ ଡାଟା ଉପରେ ସରକାରୀ ନିରୀକ୍ଷଣ ବଢ଼ିବ।

## ନିର୍ମଳାଙ୍କ ନିର୍ବାଚନୀ ଶାଢ଼ି!



ବଜେଟ୍ ଉପସ୍ଥାପନ ବେଳେ ଶାଢ଼ି ଚୟନକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସର୍ବଦା ଚର୍ଚ୍ଚାରେ ରହି ଆସିଛନ୍ତି। ଗତ ୮ଟି ଯାକ ବଜେଟ୍‌ରେ ସେ ଭିନ୍ନ ଭିନ୍ନ ରାଜ୍ୟର ସ୍ୱତନ୍ତ୍ର ଶାଢ଼ି ପିନ୍ଧି ଚର୍ଚ୍ଚାକୁ ଆସିଛନ୍ତି। ଚଳିତ ବଜେଟ୍‌ରେ ମଧ୍ୟ ନିର୍ମଳା ଏହି ଧାରା ବଜାୟ ରଖିଛନ୍ତି। ନିଜର ରେକର୍ଡ ନବମ ବଜେଟ୍ ଉପସ୍ଥାପନ ବେଳେ ନିର୍ମଳା ନିଜ ଜନ୍ମମାଟି ତଥା ନିର୍ବାଚନୀମୁହାଁ ତାମିଲନାଡୁର ପ୍ରସିଦ୍ଧ ଶାଢ଼ି କାଞ୍ଜିବରମକୁ ବାଛିଛନ୍ତି। ଭାରତର ରେଶମ ନଗର ଭାବେ ପରିଚିତ କାଞ୍ଚିପୁରମ୍‌ରେ ନିର୍ମିତ ଏହି ଶାଢ଼ିକୁ ଭୌଗୋଳିକ ସୂଚକାଙ୍କ (ଜିଆଇ ଟ୍ୟାଗ୍) ମିଳି ସାରିଛି। ଏହି ଶାଢ଼ିର ଇତିହାସ ଖୁବ୍ ପ୍ରାଚୀନ। ୪୦୦ରୁ ୫୦୦ ବର୍ଷ ତଳେ ପଲ୍ଲବ ଏବଂ ଚୋଳ ବଂଶର ରାଜତ୍ୱ କାଳରେ ଏହାର ଉତ୍ପତ୍ତି ବୋଲି କୁହାଯାଏ। ଏହା ଦକ୍ଷିଣ ଭାରତର ସମୃଦ୍ଧ ସଂସ୍କୃତିର ପ୍ରତିନିଧିତ୍ୱ କରୁଛି। ଦକ୍ଷିଣାଞ୍ଚଳ ସମେତ ସାରା ଭାରତରେ ଏହାର ଖୁବ୍ ଆଦର ରହିଛି। ନିର୍ମଳା ଏହି ଶାଢ଼ି ପିନ୍ଧି ୮୫ ମିନିଟ୍‌ରେ ୫୩.୪୭ ଲକ୍ଷ କୋଟିର ବଜେଟ୍ ଉପସ୍ଥାପନ କରିଛନ୍ତି। ଆଜି ନିର୍ମଳା ପିନ୍ଧିଥିବା ଏହି ଶାଢ଼ିଟି ହାତବୁଣା। ଶାଢ଼ିର ଧଡ଼ିରେ ସ୍ୱର୍ଣ୍ଣ ମୁଦ୍ରା ଏବଂ ଜ୍ୟାମିତିକ ଢାଞ୍ଚାର ଆକୃତି ରହିଛି। ଏହି ଶାଢ଼ି ପିନ୍ଧି ନିର୍ମଳା ତାମିଲନାଡୁ ପାଇଁ ରେୟାର୍-ଆର୍ଥ ମ୍ୟାଟେରିଆଲ ପାର୍କ ଏବଂ ହାଇ-ସ୍ପିଡ୍ ରେଳ କରିଡର ଘୋଷଣା କରିଛନ୍ତି।

## ଆୟକର ଫାଙ୍କିଲେ ଆଉ ମିଳିବନି ଜେଲ୍ ଦଣ୍ଡ

ଅର୍ଥମନ୍ତ୍ରୀ କରଦାତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଆୟକର ଆଇନକୁ ଅପରାଧମୁକ୍ତ କରିବା ଦିଗରେ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଯଦି କୌଣସି କରଦାତାଙ୍କ ଆୟରେ ଅସଙ୍ଗତି ଦେଖାଯାଏ କିମ୍ବା ସେମାନେ ଆୟ ଲୁଚାଇଛନ୍ତି, ସେମାନଙ୍କୁ ଆଉ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ନାହିଁ। କେବଳ ଜରିମାନା ଦେଇ ମାମଲାର ସମାଧାନ କରାଯିବ। ଏହି ନୂତନ ପରିବର୍ତ୍ତନ ନୂତନ ଆୟକର ଆଇନର ଏକ ଅଂଶ ହେବ। ଏହା ୨୦୨୬ ଏପ୍ରିଲ୍ ପହିଲାରୁ କାର୍ଯ୍ୟକାରୀ ହେବ। ଯଦି ଜଣେ କରଦାତାଙ୍କ ଉପରେ ଜରିମାନା ଲଗାଯାଏ ଏବଂ ପ୍ରଥମ ଆପିଲେଟ୍ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଏହା ବିରୋଧରେ ନିବେଦନ କରନ୍ତି, ଫଳାଫଳ ଯାହା ହେଉନା କାହିଁକି, ସେମାନଙ୍କୁ ଆବେଦନ ସମୟରେ ଆଦାୟ କରାଯାଇଥିବା ସୁଧରୁ ମୁକ୍ତ କରାଯିବ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ବୋଲି କୁହାଯାଉଛି। କାରଣ, ଏପରି ମାମଲାରେ ଆବେଦନ ଲମ୍ବା ହେବା ସହ ସୁଧ ବୋଝ ପ୍ରାୟତଃ ବୃଦ୍ଧି ପାଇଥାଏ।

## ଆୟ କର ଦାଖଲ ଅବଧି ବଢ଼ିଲା

ବଜେଟ୍‌ରେ ସରକାର ଆୟ କର ଦାଖଲ ଅବଧିରେ ବୃଦ୍ଧି କରିଛନ୍ତି। ଆଇଟିଆର୍ ୧ ଏବଂ ଆଇଟିଆର୍ ୨ ଦାଖଲ କରୁଥିବା ଲୋକମାନେ ପୂର୍ବପରି ଜୁଲାଇ ୩୧ ପର୍ଯ୍ୟନ୍ତ ସେମାନଙ୍କ ଆୟକର ଦାଖଲ କରିପାରିବେ। ଯେଉଁ ବ୍ୟବସାୟ ଏବଂ ଟ୍ରଷ୍ଟଗୁଡ଼ିକ ପାଇଁ ଅଡିଟ୍ ଆବଶ୍ୟକ ନାହିଁ, ସେମାନଙ୍କର ଅବଧି ଏବେ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଏହାଦ୍ୱାରା ସେମାନେ ଆରାମରେ ସେମାନଙ୍କର ଟିକସ ଦାଖଲ କରିପାରିବେ।

## ଛାତ୍ରଛାତ୍ରୀଙ୍କୁ ରିଲ୍ସ ତିଆରି ଶିଖାଇବେ ସରକାର

ଛାତ୍ରଛାତ୍ରୀଙ୍କୁ ରିଲ୍ସ ତିଆରି ଶିଖାଇବେ ସରକାର। ମୁମ୍ବାଇସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ ଟେକ୍ନୋଲୋଜି ସହାୟତାରେ ଦେଶର ୧୫ ହଜାର ଉଚ୍ଚ ମାଧ୍ୟମିକ ସ୍କୁଲ ଏବଂ ୫୦୦ କଲେଜରେ କଣ୍ଟେଣ୍ଟ କ୍ରିଏସନ୍ ଲ୍ୟାବ୍ ଖୋଲାଯିବ। ଏଥିରେ ପିଲାଙ୍କୁ ଆନିମେସନ୍, ଭିଜୁଆଲ ଇଫେକ୍ଟ, ଗେମିଂ ଏବଂ କମିକ (ଏବିଜିସି) କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଇ ୨୦୩୦ ସୁଦ୍ଧା ୨୦ ଲକ୍ଷ ଯୁବ ଗୋଷ୍ଠୀଙ୍କୁ ପ୍ରସ୍ତୁତ କରାଯିବ। ପାଠପଢ଼ା ସହ କମ୍ପାନୀରେ କାମ କରିବାର ସୁଯୋଗ ଦେଇ ଯୁବଗୋଷ୍ଠୀଙ୍କୁ 'କର୍ପୋରେଟ୍ ମିତ୍ର' କରାଯିବ। ସେହିପରି ଅପହଞ୍ଚ ଅଞ୍ଚଳରେ ଇଣ୍ଟରନେଟ୍ କନେକ୍ଟିଭିଟି ଏବଂ ଡିଜିଟାଲ ନେଟୱର୍କ ମଜଭୁତ କରିବାକୁ ୧୨.୨ଲକ୍ଷ କୋଟି ଖର୍ଚ୍ଚ କରାଯିବ। ଗେମିଂ ଷ୍ଟାର୍ଟଅପ୍‌କୁ ଋଣ ଦେବା ପାଇଁ ୧୦ ହଜାର କୋଟିର ପାଣ୍ଠି ସୃଷ୍ଟି କରାଯିବ। ୧୦ଲକ୍ଷରୁ ଅଧିକ ବୃତ୍ତିଗତଙ୍କୁ ନିଯୁକ୍ତି ଦିଆଯିବ।



## ପ୍ରତିରକ୍ଷା ବଜେଟରେ ୧୫ ପ୍ରତିଶତ ବୃଦ୍ଧି

ବଜେଟରେ ପ୍ରତିରକ୍ଷା କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଛି। ଗତବର୍ଷ ଅପେକ୍ଷା ଏଥର ପ୍ରତିରକ୍ଷା ବଜେଟ୍ ୧୫ ପ୍ରତିଶତ ବୃଦ୍ଧି ପାଇଛି। ଗତବର୍ଷ ପ୍ରତିରକ୍ଷା ବଜେଟ୍ ୬, ୮୧, ୨୧୦ କୋଟି ଟଙ୍କା ଥିବା ବେଳେ ଏବର୍ଷ ଏହା ବୃଦ୍ଧି ପାଇ ୭, ୮୪, ୬୭୮ କୋଟି ଟଙ୍କାରେ ପହଞ୍ଚିଛି। ପ୍ରତିରକ୍ଷା ବଜେଟ ମୋଟ ଜିଡିପିର ୧୧ ପ୍ରତିଶତ। ଗତବର୍ଷ ଏହା ୮ ପ୍ରତିଶତ ଥିଲା। ପାକିସ୍ତାନ ଏବଂ ଚୀନ୍‌ରୁ ଥିବା ବିପଦକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି। ମାତ୍ର ଆଶ୍ଚର୍ଯ୍ୟଜନକ ବିଷୟ ହେଲା, ବଜେଟ୍ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ କୌଣସି ପ୍ରତିରକ୍ଷା କୈନ୍ଦ୍ରିକ ନୂଆ ଯୋଜନାର ଘୋଷଣା କରିନାହାନ୍ତି।


ସେହିପରି ସେନାକୁ ଅତ୍ୟାଧୁନିକ କରିବା ପାଇଁ ଆବଣ୍ଟନ ପାଣ୍ଠିରେ ୨୧.୮୪ ପ୍ରତିଶତ ବୃଦ୍ଧି ହୋଇଛି। ଏ ବାବଦକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨.୧୯ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି। ଲଢୁଆ ବିମାନ ଏବଂ ଏରୋ ଇଞ୍ଜିନ ଲାଗି ୬୩, ୭୩୩ କୋଟି ଟଙ୍କାର ବଜେଟ୍ ରଖାଯାଇଛି। ସେହିପରି ନାଭାଲ ଫ୍ଲିଟ ପାଇଁ ମଧ୍ୟ ୨୫,୦୨୩ କୋଟି ଟଙ୍କା ରହିଛି। ଏହି ପ୍ରତିରକ୍ଷା ବଜେଟ୍‌ରେ ପେନସନ ବାବଦକୁ ୧,୭୧,୩୩୮ କୋଟି ଟଙ୍କା ମଧ୍ୟ ସାମିଲ ଅଛି। ଦରମା ଦେବା ପାଇଁ ସ୍ଥଳସେନା ସର୍ବାଧିକ ୨.୪୩ଲକ୍ଷ କୋଟି, ବାୟୁସେନା ୬୩ ହଜାର କୋଟି ଏବଂ ନୌସେନାକୁ ୪୭ ହଜାର କୋଟି ଟଙ୍କା ମିଳିଛି। ସରକାର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର କ୍ରୟକୁ ଧ୍ୟାନ ଦେଉଛନ୍ତି। ପ୍ରତିରକ୍ଷା ଉତ୍ପାଦନ ପାଇଁ ଘରୋଇ କ୍ଷେତ୍ରକୁ ପ୍ରୋତ୍ସାହନ ଦେଉଛନ୍ତି। ଗତ ମାସରେ ୧୧୪ଟି ରାଫେଲ ବିମାନ କିଣିବା ପାଇଁ ଫ୍ରାନ୍ସ ସହ ୩.୨୫ ଲକ୍ଷ କୋଟିର ଚୁକ୍ତି ହୋଇଥିଲା।

### ■ କରଦାତାଙ୍କ ପାଇଁ ସହାୟତା

ବ୍ୟକ୍ତିଗତ ଆମଦାନୀ ଉପରେ ଶୁଳ୍କ ୨୦ ପ୍ରତିଶତରୁ ୧୦ ପ୍ରତିଶତକୁ ହ୍ରାସ । ବିଦେଶରେ ସମ୍ପତ୍ତି ପ୍ରକାଶ କରିବା ପାଇଁ ଏକ ସ୍ୱତନ୍ତ୍ର ଛଅ ମାସିଆ ଯୋଜନା ଆରମ୍ଭ କରାଯିବ।

### ■ ଶିକ୍ଷା ଏବଂ ଚିକିତ୍ସା ଛାଡ଼

ଶିକ୍ଷା ଏବଂ ଚିକିତ୍ସା ପାଇଁ ବିଦେଶକୁ ପଠାଯାଇଥିବା ଟଙ୍କା ଉପରେ ଆୟକର (କର ରିହାତି) ୫% ରୁ ୨% କୁ ହ୍ରାସ ।



### ■ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ

ଭାରତକୁ ଏକ ପ୍ରଯୁକ୍ତିବିଦ୍ୟା ନେତା କରିବା ପାଇଁ 'ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ୨.୦' ର ଶୁଭାରମ୍ଭ। ଇଲେକ୍ଟ୍ରୋନିକ କମ୍ପୋନେଟ ଉତ୍ପାଦନ ଯୋଜନା ପାଇଁ ବଜେଟ ୪୦,୦୦୦ କୋଟିକୁ ବୃଦ୍ଧି ।

### ■ ୮୦୦ ଜିଲ୍ଲାରେ ଛାତ୍ରୀନିବାସ

ପ୍ରତ୍ୟେକ ଜିଲ୍ଲାରେ ଛାତ୍ରୀ ନିବାସ ସ୍ଥାପନ କରାଯିବ ଏବଂ ବାଳିକା ଛାତ୍ରୀଙ୍କ ପାଇଁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ ଶିକ୍ଷାକୁ ବିଶେଷ ପ୍ରାଥମିକତା ଦିଆଯିବ ।

### ■ ଲକ୍ଷପତି ଦିଦିଙ୍କ ଆୟ ବୃଦ୍ଧି

ଲକ୍ଷପତି ଦିଦିଙ୍କ ଅନୁକରଣରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉଦ୍ୟୋଗୀଙ୍କ ନିମନ୍ତେ ଏସ୍‌ଏଚ୍‌ଇ- ମାର୍ଟ ପ୍ରତିଷ୍ଠା କରାଯିବ। ଏହି ଷ୍ଟୋରଗୁଡ଼ିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ ହେବ। ମହିଳାମାନଙ୍କ ଦ୍ୱାରା ତିଆରି ଖାଦ୍ୟ, ହସ୍ତଶିଳ୍ପ, ପୋଷାକ ଏବଂ ସ୍ଥାନୀୟ ଉତ୍ପାଦ ଏଠାରେ ସିଧାସଳଖ ବିକ୍ରି ହେବ। ଏହା ମଧ୍ୟସ୍ଥିଙ୍କ ଭୂମିକାକୁ ହ୍ରାସ କରିବ ଏବଂ ମହିଳାମାନଙ୍କୁ ସେମାନଙ୍କ ବ୍ୟବସାୟର ମାଲିକାନା ପ୍ରଦାନ କରିବ।

### ■ ସବୁଜ ଶକ୍ତି ଏବଂ ଜୈବ-ଫାର୍ମା

ଇସ୍ପାତ ଏବଂ ସିମେଣ୍ଟ ଭଳି ଶିଳ୍ପରେ ପ୍ରଦୂଷଣ ହ୍ରାସ କରିବା ପାଇଁ ୨୦,୦୦୦ କୋଟିର କାର୍ବନ କ୍ୟାପଚର ଯୋଜନା ଆରମ୍ଭ କରାଯିବ। ଏହି ସମୟରେ, ଘରୋଇ ଔଷଧ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ୧୦,୦୦୦ କୋଟିର "ବାୟୋ ଫାର୍ମା ଶକ୍ତି" ମିଶନ ଘୋଷଣା କରାଯାଇଛି।

### ■ ପୂର୍ବୋଦୟ ଯୋଜନା

ଦେଶର ଉତ୍ତର-ପୂର୍ବର ୫ଟି ରାଜ୍ୟ - ଅରୁଣାଚଳ, ଆସାମ, ସିକିମ୍, ମିଜୋରାମ ଏବଂ ତ୍ରିପୁରାରେ ବୌଦ୍ଧ ସର୍କିଟ୍ ନିର୍ମାଣ କରାଯିବ।

### ■ ରାଜ୍ୟଗୁଡ଼ିକୁ ସହାୟତା

୧୬ତମ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ରାଜ୍ୟଗୁଡ଼ିକୁ ଗ୍ରାମୀଣ ଏବଂ ସହରାଞ୍ଚଳ ସଂସ୍ଥାଗୁଡ଼ିକର ବିକାଶ ପାଇଁ ୧.୪ ଲକ୍ଷ କୋଟି ଟଙ୍କାର ବ୍ୟବସ୍ଥା । ଏହା ସହ ୨୦୩୧ ସୁଦ୍ଧା ଅର୍ଥନୀତିର ପ୍ରାୟ ୫୦ ପ୍ରତିଶତ ଋଣ ରଖିବାର ଲକ୍ଷ୍ୟ

### ■ ସ୍ୱାସ୍ଥ୍ୟ ଏବଂ ନିଯୁକ୍ତି

ସରକାର ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୧.୫ ଲକ୍ଷ ସ୍ୱାସ୍ଥ୍ୟ ସହାୟକ ଓ ୧ ଲକ୍ଷ ସହଯୋଗୀ ସ୍ୱାସ୍ଥ୍ୟ ବୃତ୍ତିଧାରୀ (ଯେପରିକି ରେଡିଓଲୋଜି, ଆନାସ୍ଥେସିଆ ଏବଂ ଅପ୍‌ଟୋମେଟ୍ରି ବିଶେଷଜ୍ଞ)ଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ ରଖିଛନ୍ତି।

### ■ ଛୋଟ ସହରର ବିକାଶ

୫ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଟାୟାର-୨ ଏବଂ ଟାୟାର-୩ ସହର ବିକଶିତ କରିବା ପାଇଁ ୧୨.୨ ଲକ୍ଷ କୋଟି ଟଙ୍କା ଘୋଷଣା କରାଯାଇଛି।

### ■ ଗେମିଂ ଓ କଣ୍ଟେଣ୍ଟ ସୃଷ୍ଟି କ୍ୟାରିଅର

ବଜେଟ୍‌ରେ ଇଣ୍ଟରନେଟ୍ ଗେମିଂ କ୍ଷେତ୍ର ପାଇଁ ବଡ଼ ପ୍ରୋତ୍ସାହନ ଘୋଷଣା କରାଯାଇଛି। ସରକାରଙ୍କ ଅନୁଯାୟୀ, ଏହି କ୍ଷେତ୍ରରେ ୧୦ ଲକ୍ଷରୁ ଅଧିକ ବୃତ୍ତିଗତ ନିଯୁକ୍ତି ପାଇବେ। ଯୁବପିଢ଼ିଙ୍କୁ ତାଲିମ ଦେବା ପାଇଁ ଏକ ନୂତନ କଣ୍ଟେଣ୍ଟ କ୍ରିଏଟର୍ ଲ୍ୟାବ୍ ଇକୋସିଷ୍ଟମ୍ ସୃଷ୍ଟି କରାଯିବ, ଯେଉଁଠାରେ ଗେମିଂ, ଆନିମେସନ୍ ଏବଂ ଡିଜିଟାଲ୍ ଡିଜାଇନ୍ ଶିକ୍ଷା ଦିଆଯିବ। ଏହା ସହିତ, ଡିଜାଇନ୍ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଜାତୀୟ ଡିଜାଇନ୍ ସ୍କୁଲ୍ ମଧ୍ୟ ଖୋଲାଯିବ, ଯାହା ଦ୍ୱାରା ଛୋଟ ସହରରୁ ପିଲାମାନେ ମଧ୍ୟ ସୃଜନଶୀଳ କ୍ଷେତ୍ରରେ ଆଗକୁ ବଢ଼ିପାରିବେ।

### ■ ଏଆଇ ଭିତ୍ତିଭୂମି ବିକାଶ

ବଜେଟ୍‌ରେ ଏଆଇକୁ ଅର୍ଥନୀତିର ମେରୁଦଣ୍ଡ ଭାବରେ ବର୍ଣ୍ଣନା କରାଯାଇଛି । ଏଆଇକୁ ଏବେ ସରକାରୀ ସେବା ଏବଂ ଶାସନରେ 'ଗୁଣକ' ଭାବରେ ବ୍ୟବହାର କରାଯିବ। ଏଥିନିମନ୍ତେ ଦେଶର ସମସ୍ତ ଜିଲ୍ଲାରେ ଏଆଇ-ଆଧାରିତ ସମାଧାନକୁ ପ୍ରୋତ୍ସାହିତ କରାଯିବ। ଡିଜିଟାଲ୍ ସଂଯୋଗକୁ ସୁଦୃଢ଼ କରିବା ପାଇଁ ବଜେଟରେ ୧୨.୨ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ରହିଛି । ଏହା ଇଣ୍ଟରନେଟ୍, ଡାଟା ନେଟୱାର୍କ ଏବଂ ଡିଜିଟାଲ୍ ପ୍ଲାଟଫର୍ମକୁ ଆହୁରି ଉନ୍ନତ କରିବ ବୋଲି କୁହାଯାଇଛି।



### ■ ଷ୍ଟାର୍ଟଅପ୍ ଓ ଟେକ୍ ଫେଲୋସିପ୍

ଗେମିଂ ଓ ଟେକ୍ ଷ୍ଟାର୍ଟଅପ୍ କୁ ସମର୍ଥନ କରିବା ପାଇଁ ବଜେଟରେ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ସୃଷ୍ଟି ପ୍ରସ୍ତାବ ରହିଛି। ଅନୁରୂପ ଭାବରେ "ସେମିକଣ୍ଡକ୍ଟର ମିଶନ ୨.୦" ଅଧୀନରେ ୪୦,୦୦୦ କୋଟି ଖର୍ଚ୍ଚ କରି ଭାରତକୁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର କରିବା ପାଇଁ ପ୍ରସ୍ତୁତି କରାଯିବ।



### ■ ଏମ୍‌ଏସ୍‌ଏମ୍‌ଇ ଓ ବୟନ ଶିଳ୍ପ

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଗୁଡ଼ିକୁ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। 'ଚାମ୍ପିଅନ' ଯୋଜନାରେ ଆତ୍ମନିର୍ଭର ଭାରତ ପାଣ୍ଠି ପାଇଁ ମଧ୍ୟ ବ୍ୟୟବରାଦ କରାଯାଇଛି। ସରକାର ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ସାହାଯ୍ୟ କରିବା ପାଇଁ 'କର୍ପୋରେଟ୍ ମିତ୍ର' କ୍ୟାଡର ସୃଷ୍ଟି ହେବ। ସରକାର ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ସମର୍ଥନ କରିବା ପାଇଁ ୨୦୨୬-୨୭ ରେ ଆତ୍ମନିର୍ଭର ଭାରତ ପାଣ୍ଠିରେ ୪,୦୦୦ କୋଟି ଟଙ୍କା ଯୋଡିବାକୁ ପ୍ରସ୍ତାବ ଦେଇଛନ୍ତି। ବଡ଼ ୟୁନିଟ୍ ହେବା ପାଇଁ ସମ୍ଭାବନା ଏବଂ କାର୍ଯ୍ୟକ୍ଷମତା ଥିବା ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକରେ ୫୦,୦୦୦ କୋଟି ଟଙ୍କା ଇକ୍ୱିଟି ପାଣ୍ଠି ଭାବରେ ୨୦୨୩ରେ ଘୋଷଣା କରାଯାଇଥିଲା। ଛୋଟ ଶିଳ୍ପଗୁଡ଼ିକୁ ସମର୍ଥନ କରିବା ପାଇଁ, ୧୦,୦୦୦ କୋଟିର ଏକ ଅଭିବୃଦ୍ଧି ପାଣ୍ଠି ସୃଷ୍ଟି ଘୋଷଣା କରାଯାଇଛି। ଏହା ସହିତ, ଆତ୍ମନିର୍ଭରଶୀଳ ଭାରତ ପାଣ୍ଠିରେ ଅତିରିକ୍ତ ୨,୦୦୦ କୋଟି ଟଙ୍କା ପ୍ରଦାନ କରାଯିବ।

### ■ ହସ୍ତତନ୍ତ କାରିଗରଙ୍କୁ ସହାୟତା

ଏଥିପାଇଁ ଏକ ଜାତୀୟ ଫାଇବର ଯୋଜନା ସୃଷ୍ଟି କରାଯିବ। ମେଗା ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କରାଯିବ। ମାନବ ନିର୍ମିତ ତନ୍ତୁ ଉତ୍ପାଦନ ବୃଦ୍ଧି ପାଇବ। ଉନ୍ନତ ତନ୍ତୁ ପାଇଁ ଏକ ପ୍ରଯୁକ୍ତିବିଦ୍ୟା ଅପଗ୍ରେଡ୍ ସିଷ୍ଟମ ବିକଶିତ କରାଯିବ। ଖଦିକୁ ଉତ୍ପାଦନକୁ ପ୍ରୋତ୍ସାହିତ କରାଯିବ। ସେହିପରି ଏକ ସମନ୍ୱିତ ବୟନଶିଳ୍ପ କାର୍ଯ୍ୟକ୍ରମ ପ୍ରସ୍ତୁତ ହେବ। ପୁନଶ୍ଚ ପ୍ରାକୃତିକ ଫାଇବର ଯୋଜନା, ବୟନଶିଳ୍ପ ସମ୍ପ୍ରସାରଣ ଏମ୍‌ଏସ୍‌ଏମ୍‌ଇକୁ ସମୃଦ୍ଧ କରିବ ।

### ■ ୩ ରାସାୟନିକ ପାର୍କ ସ୍ଥାପନ

ଘରୋଇ ରାସାୟନିକ ଉତ୍ପାଦନ ବୃଦ୍ଧି କରିବା ଏବଂ ଆମଦାନୀ ହ୍ରାସ କରିବା ପାଇଁ, ସରକାର ତିନୋଟି ସମର୍ପିତ ରାସାୟନିକ ପାର୍କ ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ଏହି ଯୋଜନା ଚ୍ୟାଲେଞ୍ଜ ରୁଟ୍ ମାଧ୍ୟମରେ ରାଜ୍ୟଗୁଡ଼ିକୁ ସମର୍ଥନ କରି କାର୍ଯ୍ୟକାରୀ କରାଯିବ ଏବଂ ଏହା ଏକ କ୍ଲଷ୍ଟର-ଆଧାରିତ ପ୍ଲଗ୍-ଏଣ୍ଡ-ପ୍ଲେ ମଡେଲ ଉପରେ ଆଧାରିତ ହେବ, ଅର୍ଥାତ୍ ଶିଳ୍ପଗୁଡ଼ିକ ସେଠାରେ ସହଜରେ ପ୍ରତିଷ୍ଠା କରିପାରିବେ।

### ■ ଦୁଇଟି ହାଇ-ଟେକ୍ ଟୁଲ୍ ରୁମ୍

ପୁଞ୍ଜିଗତ ସାମଗ୍ରୀ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଦୁଇଟି ସ୍ଥାନରେ ହାଇ-ଟେକ୍ ଟୁଲ୍ ରୁମ୍ ନିର୍ମାଣ କରାଯିବ । ଏହାଦ୍ୱାରା ଦେଶର ଆବଶ୍ୟକତାର ପରିପୂରଣ ହୋଇ ପାରିବ ।

### ■ ଭିତ୍ତିଭୂମି ବିପଦ ଗ୍ୟାରେଣ୍ଟି ପାଣ୍ଠି

ରାସ୍ତା, ସେତୁ ଏବଂ ରେଳପଥ ଭଳି ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣରେ ନିର୍ମାଣ ସମୟରେ ବିପଦ ରହିଥାଏ। ତେଣୁ, ଘରୋଇ କମ୍ପାନୀ ଏବଂ ବ୍ୟାଙ୍କଗୁଡ଼ିକ ଟଙ୍କା ଋଣ ଦେବାକୁ ସଂକୋଚ କରନ୍ତି। ଏହାକୁ ଦୃଷ୍ଟିରେ ରଖି ବଜେଟରେ ଏକ ଭିତ୍ତିଭୂମି ବିପଦ ଗ୍ୟାରେଣ୍ଟି ପାଣ୍ଠି ଗଠନ ନିମନ୍ତେ ପ୍ରସ୍ତାବ ରହିଛି। ଏହି ପାଣ୍ଠି ବ୍ୟାଙ୍କଗୁଡ଼ିକୁ ଏକ ସରକାରୀ ଗ୍ୟାରେଣ୍ଟି ପ୍ରଦାନ କରିବ, ସେମାନଙ୍କୁ ଆତ୍ମବିଶ୍ୱାସ ଦେବ ଏବଂ ସେମାନଙ୍କୁ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ସହଜରେ ଆର୍ଥିକ ସହାୟତା ପ୍ରଦାନ କରିବ।

### ■ କଣ୍ଟେନର ଉତ୍ପାଦନ ଯୋଜନା

ବଜେଟରେ ମାଲ ପରିବହନ କଣ୍ଟେନର ଉତ୍ପାଦନ ପାଇଁ ଏକ ନୂତନ ଯୋଜନା ପ୍ରସ୍ତାବ ରହିଛି । ବୈଶ୍ୱିକସ୍ତରରେ ପ୍ରତିଯୋଗିତା ପାଇଁ ଭାରତରେ ଏକ ଇକୋସିଷ୍ଟମ ସୃଷ୍ଟି ପାଇଁ ଏଥିରେ ଲକ୍ଷ୍ୟ ରହିଛି ।

### ■ ସରକାରୀ କମ୍ପାନୀ ସମ୍ପତ୍ତିର ବ୍ୟବହାର

ସରକାର ଏହାର ଜମି ଏବଂ କୋଠାରୁ ପାଣ୍ଠି ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ। ସେ କହିଥିଲେ ଯେ ସରକାରୀ କମ୍ପାନୀଗୁଡ଼ିକର ବଡ଼ ଜମି ଏବଂ କୋଠାଗୁଡ଼ିକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରାଯିବ। ଏହି ପ୍ରକ୍ରିୟାକୁ ଶୀଘ୍ର ଏବଂ ସହଜ କରିବା ପାଇଁ ସରକାର ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରତିଷ୍ଠା କରିବେ।

### ■ ପର୍ଯ୍ୟଟନ ଗାଇଡଙ୍କୁ ତାଲିମ

୨୦ଟି ଲୋକପ୍ରିୟ ପର୍ଯ୍ୟଟନ ସ୍ଥାନରେ ୧୦,୦୦୦ ଗାଇଡଙ୍କୁ ତାଲିମ ଦେବା ପାଇଁ ଏକ ପାଇଲଟ୍ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଜମ୍ମୁ ଏବଂ କାଶ୍ମୀରରେ ପରିବେଶ ଅନୁକୂଳ ଟ୍ରେକିଂ ଏବଂ ହାଇକିଂଟ୍ରେଲ୍ ବିକଶିତ କରାଯିବ।



# ଶସ୍ତା ହେବ ୧୭ କର୍କଟ ଔଷଧ

## ସ୍ୱାସ୍ଥ୍ୟ ପର୍ଯ୍ୟଟନର ସମ୍ପ୍ରସାରଣ

ମେଡିକାଲ ଟୁରିଜିମ ତଥା ସ୍ୱାସ୍ଥ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ୫ଟି ଆଞ୍ଚଳିକ ମେଡିକାଲ ହବ୍ ନିର୍ମାଣ କରାଯିବ। ଏଥିରେ ଘରୋଇ କ୍ଷେତ୍ର ମଧ୍ୟ ସାମିଲ ହେବ। ହେଲ୍‌ଥକେୟାର କମ୍ପ୍ଲେକ୍ସରେ ଆୟୁଷ କେନ୍ଦ୍ର, ଡାଇଗ୍ନୋଷ୍ଟିକ୍, ପୋଷ୍ଟର କେୟାର ଏବଂ ପୁନର୍ବାସ କେନ୍ଦ୍ର ଆଦି ରହିବ। ଏହା ଦ୍ୱାରା ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ନିଯୁକ୍ତି ପାଇବେ। ଏହା ବ୍ୟତୀତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ହସ୍ପିଟାଲିଟିର ପ୍ରତିଷ୍ଠା ହେବ। ୨୦ ପ୍ରମୁଖ ପର୍ଯ୍ୟଟନ ସ୍ଥଳରେ ୧୦ ହଜାର ଗାର୍ଡ୍‌ଙ୍କ କୌଶଳ ବୃଦ୍ଧି ପାଇଁ ପ୍ରଶିକ୍ଷଣ ଦିଆଯିବ। ନ୍ୟାସନାଲ ଡେଷ୍ଟିନେସନ ଡିଜିଟାଲ ନଲେଜ ଗ୍ରୀଡ୍ ମଧ୍ୟ ପ୍ରତିଷ୍ଠା କରାଯିବ। ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଜମ୍ମୁ-କଶ୍ମୀରରେ ପରିବେଶ ଅନୁକୂଳ ଟ୍ରାକିଂ ମାର୍ଗ ପ୍ରସ୍ତୁତ କରାଯିବ।



## ବିଶ୍ୱସ୍ତରୀୟ ମାନ୍ୟତା ପାଇବ ଆୟୁର୍ବେଦ

### ଖୋଲିବ ୩ ଆୟୁର୍ବେଦ ପ୍ରତିଷ୍ଠାନ

ଯେପରି ଭାରତର ଯୋଗ ବିଶ୍ୱବ୍ୟାପୀ ଏକ ନୂତନ ପରିଚୟ ଲାଭ କରିଛି, ସେହିପରି ଆୟୁର୍ବେଦକୁ ମଧ୍ୟ ଅନ୍ତର୍ଜାତୀୟ ମାନ୍ୟତା ଦେବା ପାଇଁ ଏବେ ପ୍ରସ୍ତୁତି ଚାଲିଛି। ବିଶ୍ୱବ୍ୟାପୀ ସ୍ୱୀକୃତି ପାଇଥିବା ପ୍ରାଚୀନ ଯୋଗ ଏବଂ ଆୟୁର୍ବେଦ ପ୍ରଣାଳୀ ଉପରେ ଗୁରୁତ୍ୱ ଦିଆଯିବ। ଆୟୁର୍ବେଦିକ ଔଷଧ ପରୀକ୍ଷା କରିବା ପାଇଁ ଜାତୀୟ ପ୍ରୟୋଗଶାଳା ନିର୍ମାଣ କରାଯିବ। ଏହି ଅନୁଯାୟୀ, ଆୟୁର୍ବେଦକୁ ଆହୁରି ମଜବୁତ କରିବା ପାଇଁ ସରକାର ତିନୋଟି ନୂତନ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ(ଏଆଇଆଇଏ) ସ୍ଥାପନ ପାଇଁ ସରକାର ଘୋଷଣା କରିଛନ୍ତି। ଗୁଜରାଟର ଜାମନଗରଠାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ପାରମ୍ପରିକ ଔଷଧ କେନ୍ଦ୍ର ସ୍ଥାପନ କରାଯିବ। ଏହି ପ୍ରତିଷ୍ଠାନଗୁଡ଼ିକ ପାରମ୍ପରିକ ଔଷଧରେ ଗବେଷଣା, ତାଲିମ ଏବଂ ଚିକିତ୍ସାକୁ ପ୍ରୋତ୍ସାହିତ କରିବେ। ଔଷଧର ଗୁଣବତ୍ତା ଏବଂ ଉପଲବ୍ଧତାକୁ ଉନ୍ନତ କରିବା ପାଇଁ ଆୟୁଷ ଫାର୍ମାସିଗୁଡ଼ିକୁ ମଧ୍ୟ ଉନ୍ନତ କରିବାର ଯୋଜନା ରହିଛି।

## ଦେଶରେ ଖୋଲିବ ଆଉ ୩ ନୂଆ ଏମ୍ସ

AIIMS

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାର ରାଜକୋଷ ଖୋଲି ଦେଇଛନ୍ତି। ଚିକିତ୍ସା ପାଇଁ ଦିଲ୍ଲୀ କିମ୍ବା ମୁମ୍ବାଇ ଭଳି ବଡ଼ସହରକୁ ଯାଉଥିବା ଲୋକଙ୍କ ଅସୁବିଧା ଦୂର କରିବା ପାଇଁ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଏଥିରେ ସାଧାରଣଲୋକଙ୍କ ସ୍ୱାସ୍ଥ୍ୟ ଏବଂ ପକେଟ୍‌କୁ ଧ୍ୟାନରେ ରଖି ୩ଟି ନୂତନ ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ (ଏମ୍‌ସ) ଏବଂ ୫ଟି ଆଞ୍ଚଳିକ ଚିକିତ୍ସା କେନ୍ଦ୍ର ବା ମେଡିକାଲ୍ ହବ୍ ନିର୍ମାଣ ନିଷ୍ପତ୍ତି ନିଆଯାଇଛି। ଏହି ହବ୍‌ଗୁଡ଼ିକର ଉଦ୍ଦେଶ୍ୟ କେବଳ ଚିକିତ୍ସା ଯୋଗାଇବା ନୁହେଁ, ବରଂ ଏହା ଚିକିତ୍ସା ଗବେଷଣା ଏବଂ ତାଲିମକୁ ପ୍ରୋତ୍ସାହିତ କରିବ। ଏହି କେନ୍ଦ୍ରଗୁଡ଼ିକରେ ସ୍ୱାସ୍ଥ୍ୟସେବା ସୁବିଧା ସହଜରେ ଉପଲବ୍ଧ ହେବ ଏବଂ ଚିକିତ୍ସା ପର୍ଯ୍ୟଟନକୁ ମଧ୍ୟ ପ୍ରୋତ୍ସାହିତ କରିବ। ସରକାର ଏହି ହବ୍‌ଗୁଡ଼ିକ ମାଧ୍ୟମରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମଧ୍ୟ ଯୋଜନା କରିଛନ୍ତି।

## ୫ ବର୍ଷରେ ଯୋଡ଼ିହେବେ ୧ଲକ୍ଷ ଏଏଚ୍‌ପି

ବଜେଟରେ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ବିଶେଷ ଧ୍ୟାନ ଦିଆଯାଇଛି। ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ଏବଂ ସେମାନଙ୍କୁ ନିଯୁକ୍ତି ପାଇଁ ପ୍ରସ୍ତୁତ କରିବା ନିମନ୍ତେ ସରକାର ନୂଆ ଯୋଜନା ଆଣିଛନ୍ତି। ସେବା କ୍ଷେତ୍ର ପାଇଁ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବେ। ଏହା କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏ.ଆଇ) ଏବଂ ନୂଆ ପ୍ରଯୁକ୍ତିବିଦ୍ୟାର ପ୍ରଭାବ ଆକଳନ କରିବ।



ଦକ୍ଷତା ଆଧାରିତ ନିଯୁକ୍ତିକୁ ଧ୍ୟାନ ଦିଆଯିବ। ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ ବୃତ୍ତିଗତଙ୍କୁ ପ୍ରସ୍ତୁତ କରୁଥିବା ପ୍ରତିଷ୍ଠାନର ଅପଗ୍ରେଡ୍ କରାଯିବ। ରେଡିଓଲୋଜି, ଆନାସ୍ଥେସିଆ ଭଳି କ୍ଷେତ୍ରରେ ପ୍ରଶିକ୍ଷଣ ବୃଦ୍ଧି ହେବ। ଆସନ୍ତା ୫ବର୍ଷରେ ୧ଲକ୍ଷ ଆନୁଷଙ୍ଗିକ ସ୍ୱାସ୍ଥ୍ୟକର୍ମୀ (ଏଏଚପି)ଙ୍କୁ ସାମିଲ କରାଯିବ। ସେହିପରି ଦେଢ଼ଲକ୍ଷ ସେବାଦାତା (କେୟାରଗିଭର୍ସ)ଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବ।

ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ ବଜେଟରେ ନିର୍ମଳା ଅନେକ ଘୋଷଣା କରିଛନ୍ତି। ଭାରତକୁ 'ବୈଶ୍ୱିକ ବାୟୋଫାର୍ମା ହବ୍' ଭାବେ ଗଢ଼ିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଗୁରୁତର ରୋଗର ଚିକିତ୍ସା ଖର୍ଚ୍ଚ ହ୍ରାସ କରିବାକୁ ପଦକ୍ଷେପ ନେଇଛନ୍ତି। କର୍କଟ, ମଧୁମେହ ରୋଗୀଙ୍କୁ ସରକାର ବଜେଟ୍‌ରେ ବଡ଼ ଆଶ୍ୱସ୍ତି ଦେଇଛନ୍ତି। କର୍କଟ ଚିକିତ୍ସାରେ ବ୍ୟବହୃତ ୧୭ଟି ଗୁରୁତ୍ୱପୂର୍ଣ୍ଣ ଔଷଧ ଉପରେ ଲାଗୁ ସୀମାଶୁଳ୍କକୁ ସରକାର ହଟାଇ ଦେଇଛନ୍ତି। ଏହି ଔଷଧଗୁଡ଼ିକ ବିଦେଶରୁ ଆମଦାନୀ କରାଯାଇଥାଏ। ଏହା ଉପରେ ୫ପ୍ରତିଶତ ସୀମାଶୁଳ୍କ ଲଗାଯାଉଥିଲା। ହୋମୋଫିଲିଆ, ସିକିଲ୍ ସେଲ ଏବଂ ମସ୍କୁଲାର ଡିଷ୍ଟ୍ରଫି ଭଳି ୭ ଜଟିଳ ରୋଗର ଔଷଧକୁ ଏବେ ଶୁଳ୍କମୁକ୍ତ କରିଦିଆଯାଇଛି। ଏହାବ୍ୟତୀତ ୭ ଜଟିଳ ରୋଗର ଚିକିତ୍ସା ପାଇଁ ବାହାରୁ ଆସୁଥିବା ଔଷଧ, ଉପକରଣ ଏବଂ ସ୍ୱତନ୍ତ୍ର ଖାଦ୍ୟ ଉପରୁ ମଧ୍ୟ ଟିକସ



ହଟାଇ ଦିଆଯାଇଛି। ଏହାଦ୍ୱାରା ବିଦେଶୀ ଔଷଧ ଉପରେ ନିର୍ଭର ଥିବା ପରିବାରକୁ ଆର୍ଥିକ ଲାଭ ମିଳିବ। ତେବେ କେଉଁ କେଉଁ ଔଷଧର ମୂଲ୍ୟ ହ୍ରାସ ପାଇବ ତାହାର ତାଲିକା ସରକାରଙ୍କ ପକ୍ଷରୁ ଜାରି କରାଯାଇ ନାହିଁ। ସେହିପରି, ନବୋନ୍ମେଷକୁ ପ୍ରୋତ୍ସାହନ ଦେଇ ଅଣ-ସଂକ୍ରାମକ ରୋଗର ଚିକିତ୍ସାକୁ ସୁଲଭ କରାଯିବ ବୋଲି ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଏଥିପାଇଁ ୧୦ବର୍ଷରେ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହି ନିବେଶ ଦ୍ୱାରା କେବଳ ଔଷଧ ମୂଲ୍ୟ ହ୍ରାସ ହେବ ନାହିଁ, ବରଂ ବାୟୋ-ଫାର୍ମା ଶକ୍ତି ଏବଂ ବାୟୋଲଜିକ୍ସ ଉତ୍ପାଦନରେ ଭାରତ ବିଶ୍ୱର ନେତୃତ୍ୱ ନେବ।

## ମହିଳାଙ୍କୁ ଆତ୍ମନିର୍ଭର କରିବ ସି' ମାର୍ଟ

ନବମ ବଜେଟରେ କେନ୍ଦ୍ର ସରକାର ମେଡିକାଲ ଶିକ୍ଷାକୁ ପ୍ରାଧାନ୍ୟ ଦେଇଛନ୍ତି। ଏହାକୁ ପ୍ରାଥମିକ କ୍ଷେତ୍ର ଭାବେ ରଖିଛନ୍ତି। ଏହି କ୍ରମରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ମହିଳାଙ୍କ ପାଇଁ ହଷ୍ଟେଲ ଖୋଲିବାକୁ ଘୋଷଣା କରିଛନ୍ତି। ମହିଳା ଶିକ୍ଷା, ସୁରକ୍ଷା ଏବଂ ଉପଯୋଗିତାକୁ ଦୃଷ୍ଟିରେ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। ଶିକ୍ଷା କେନ୍ଦ୍ର ଏବଂ କାର୍ଯ୍ୟକ୍ଷେତ୍ର ନିକଟରେ ଏହି ସବୁ ହଷ୍ଟେଲ ଖୋଲାଯିବ। ୫ଟି ବିଶ୍ୱବିଦ୍ୟାଳୟ (ୟୁନିଭର୍ସିଟି) ଟାଉନସିପ୍ ମଧ୍ୟ ନିର୍ମାଣ କରାଯିବ। ମହିଳାଙ୍କ ନେତୃତ୍ୱାଧୀନ ଉଦ୍ୟୋଗ ପାଇଁ 'ସି ମାର୍ଟସ' ତଥା ସି-ହେଲ୍‌ପ ଏଣ୍ଟରପ୍ରିନ୍ୟୁର୍ ମଧ୍ୟ ଆରମ୍ଭ ହେବ। ଖୁଚୁରା ଦୋକାନ ଭାବେ ଏହାକୁ ଖୋଲାଯିବ। ଏଠାରେ ମହିଳା ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଷ୍ଟାର୍ଟ-ଅପ୍ ଏବଂ କାରିଗରମାନେ ନିଜ ଉତ୍ପାଦ ବିକ୍ରି କରିପାରିବେ। ଏହାଦ୍ୱାରା ମଧ୍ୟସ୍ଥିଙ୍କ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ସ୍ଥାନୀୟ ଉତ୍ପାଦକୁ ରାଷ୍ଟ୍ରୀୟ ପରିଚୟ ମିଳିବ। ଲକ୍ଷପତି ଦିଦି ଯୋଜନାର ମଧ୍ୟ ସମ୍ପ୍ରସାରଣ କରାଯିବ। ଏହାଦ୍ୱାରା ଲକ୍ଷଲକ୍ଷ ମହିଳା ଲାଭାନ୍ୱିତ ହେବେ। ଏହି ଯୋଜନାରେ ସ୍ୱୟଂସହାୟକ ଗୋଷ୍ଠୀ (ଏସଏଚ୍‌ଜି) ମହିଳାଙ୍କୁ ଆତ୍ମନିର୍ଭର କରାଯିବା ସହ ସେମାନଙ୍କ ଆୟ ବଢ଼ାଯିବ। ଏହା ଅଧୀନରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ସହ ସୁଧରେ ରିଆତି ଦିଆଯିବ। ସେହିପରି ଟିୟର୍-୨ ଏବଂ ଟିୟର୍-୩ ସହରଗୁଡ଼ିକରେ 'କର୍ପୋରେଟ୍ ମିତ୍ର' ଗଢ଼ାଯିବ। ଏହାଦ୍ୱାରା ବୃତ୍ତିଗତ ପ୍ରତିଷ୍ଠାନକୁ ସୁବିଧା ଏବଂ ପ୍ରଶିକ୍ଷଣ ମିଳିବ। ନିର୍ମଳା ଏହି ବଜେଟକୁ 'ଯୁବ ଶକ୍ତିଙ୍କ ଦ୍ୱାରା ପ୍ରେରିତ ବଜେଟ' ବୋଲି କହିଛନ୍ତି।




## ପ୍ରବାସୀ ଭାରତୀୟଙ୍କ ପାଇଁ ସମ୍ପତ୍ତି ବିକ୍ରି ସମସ୍ୟାର ଅନ୍ତ

ବଜେଟ୍‌ରେ ପ୍ରବାସୀ ଭାରତୀୟଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ବିଦେଶରେ ସମ୍ପତ୍ତି ବିକ୍ରି କରୁଥିବା ପ୍ରବାସୀ ଭାରତୀୟ ଏବଂ ଆୟକର ଦାଖଲ ବେଳେ ବିଦେଶରେ



ଥିବା ଛୋଟ ଧରଣର ସମ୍ପତ୍ତିର ପରିପ୍ରକାଶରେ ବିଫଳ ହେଉଥିବା ପ୍ରବାସୀ ଭାରତୀୟମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଛାଡ଼ ମିଳିଛି। ବର୍ତ୍ତମାନ, ପ୍ରବାସୀ ଭାରତୀୟଙ୍କ ପାଇଁ ସେମାନଙ୍କର ସମ୍ପତ୍ତି ବିକ୍ରି କରିବା ପୂର୍ବାପେକ୍ଷା ସହଜ ହୋଇଯାଇଛି। ପୂର୍ବରୁ, ପ୍ରବାସୀ ଭାରତୀୟମାନଙ୍କୁ ସମ୍ପତ୍ତି ବିକ୍ରି କରିବା ସମୟରେ ଟିଡିଏସ୍ କାଟି (ଉତ୍ସରୁ ଟିକସ ବାଦ) ଜମା କରିବା ପାଇଁ ଏକ ସ୍ୱତନ୍ତ୍ର ଟ୍ୟାନ୍ (ଅସ୍ଥାୟୀ ଆକାଉଣ୍ଟ ନମ୍ବର) ପାଇବାକୁ ପଡୁଥିଲା। ଏହି ପ୍ରକ୍ରିୟା ସାମାନ୍ୟ ଜଟିଳ ଥିଲା। ସରକାର ଏହାକୁ ସରଳ କରିଛନ୍ତି। ୨୦୨୬ ବଜେଟ୍ ପ୍ରସ୍ତାବ ଅନୁଯାୟୀ, ଭାରତୀୟ ସମ୍ପତ୍ତି କ୍ରେତାମାନେ ଏବେ ଟିଡିଏସ୍ କାଟି ସେମାନଙ୍କର ପ୍ୟାନ୍ ଥିବା ଏକ ଇନଭଏସ୍ ମାଧ୍ୟମରେ ଜମା କରିବେ। ଏହା ପ୍ରବାସୀ ଭାରତୀୟଙ୍କ ପାଇଁ ଟ୍ୟାନ୍ ପାଇବାର ଆବଶ୍ୟକତାକୁ ଦୂର କରିବ। ଫଳରେ ସେମାନଙ୍କ କାମ ସହଜ ହେବ। ସେହିପରି, ଅନେକ ଭାରତୀୟ ବିଦେଶରେ ଛୋଟମୋଟ ସଂପତ୍ତିର ମାଲିକ। କିନ୍ତୁ, ସେମାନେ ତାହାକୁ ଟିକସ ରିଟର୍ଣ୍ଣରେ ପ୍ରକାଶ କରିବାକୁ ଭୁଲିଯାଆନ୍ତି। ସରକାର ସେହି ବ୍ୟକ୍ତିମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି, ଯେଉଁମାନଙ୍କର ବିଦେଶରେ ଥିବା ଅସ୍ଥାବର ସମ୍ପତ୍ତିର ମୋଟ ମୂଲ୍ୟ ୨୦ଲକ୍ଷ ଟଙ୍କାରୁ କମ୍। ଯଦିଓ ସେମାନେ ଆୟକର ଦାଖଲ ବେଳେ ସେମାନଙ୍କର ସମ୍ପତ୍ତି ପ୍ରକାଶ କରୁନାହାନ୍ତି, ସେମାନଙ୍କୁ କୌଣସି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏହାର ଅର୍ଥ ସେମାନେ ଦଣ୍ଡରୁ ମୁକ୍ତ ହେବେ।



## ନଡ଼ିଆ, କାଜୁ ଚାଷୀଙ୍କୁ ମିଳିବ ସ୍ୱତନ୍ତ୍ର ସହାୟତା

ନଡ଼ିଆ ଉତ୍ପାଦନରେ ପ୍ରତିଯୋଗିତାକୁ ଆହୁରି ବୃଦ୍ଧି କରିବାକୁ ବଜେଟ୍‌ରେ ଯୋଜନା କରାଯାଇଛି। ଯାହାଦ୍ୱାରା ଉତ୍ପାଦନକୁ ବିଭିନ୍ନ ଉପାୟରେ ବୃଦ୍ଧି କରାଯାଇପାରିବ। ଭାରତୀୟ କାଜୁ ଓ କୋକୋ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ହେବ। ଫଳରେ ଭାରତ କାଜୁ ଓ ନଡ଼ିଆର ଉତ୍ପାଦନ ଏବଂ ପ୍ରକ୍ରିୟାକରଣରେ ଆତ୍ମନିର୍ଭରଶୀଳ ହୋଇପାରିବ। ଦେଶର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ନଡ଼ିଆ, କାଜୁ ଓ କୋକୋ ଚାଷ ପାଇଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ। ଏଥିଯୋଗୁଁ ୩ କୋଟି ଲୋକ ଲାଭାନ୍ୱିତ ହେବେ।



## ବାଂଲାଦେଶକୁ ସହାୟତା ଅଧା




ପ୍ରତିବର୍ଷ ଭାରତ ସରକାର ବଜେଟରେ ଅନ୍ୟ ଦେଶମାନଙ୍କ ପାଇଁ ସହାୟତା ରାଶି ଘୋଷଣା କରିଥା'ନ୍ତି। ଚଳିତବର୍ଷ ବାଂଲାଦେଶ ପାଇଁ ସହାୟତା ରାଶିକୁ ଅଧା କରିଦିଆଯାଇଛି। ୧୨୦ କୋଟି ଟଙ୍କା ସହାୟତାରୁ ହ୍ରାସ କରି ଏହାକୁ ୬୦ କୋଟି କରିଦିଆଯାଇଛି। ପ୍ରଧାନମନ୍ତ୍ରୀ ଶେଖ ହସିନା ବିତାଡ଼ିତ ହେବା ପରଠାରୁ ବାଂଲାଦେଶ ସହ ଭାରତର ସମ୍ପର୍କ ଖରାପ ରହିଛି। ହିଂସାକୁ ନେଇ ମହମ୍ମଦ ୟୁନୁସ ସରକାର ହାତ ଟେକି ଦେଇଥିବା ବେଳେ ଭାରତ ଉପରେ ଦୋଷ ଲଦୁଛନ୍ତି। ଏପରିସ୍ଥଳେ କେନ୍ଦ୍ର ସରକାର ବାଂଲାଦେଶ ପାଇଁ ବଜେଟ ହ୍ରାସ କରିବାକୁ ଉଚିତ ମଣିଛନ୍ତି। ସେହିପରି ଦେଶଙ୍କୁ ଦିଆଯାଉଥିବା ସହାୟତା ବଜେଟକୁ ସରକାର ୪ ପ୍ରତିଶତ ବୃଦ୍ଧି କରି ୫, ୬୮୬ କୋଟି କରିଦେଇଛନ୍ତି। ଭୁଟାନକୁ ସର୍ବାଧିକ ୨୨୮୯ କୋଟି, ନେପାଳକୁ ୮୦୦ କୋଟି, ଶ୍ରୀଲଙ୍କାକୁ ୪୦୦ କୋଟି, ମାଲଦ୍ୱୀପ ଓ ମରିସସକୁ ୫୫୦କୋଟି ଲେଖାଏଁ, ଆଫଗାନିସ୍ତାନକୁ ୧୫୦ କୋଟି, ମ୍ୟାଁମାରକୁ ୩୦୦ କୋଟି ସହାୟତା ପ୍ରଦାନ କରାଯିବ।



## ଚାବାହାର ବନ୍ଦର ହାତ ଛାଡ଼ିଦେଲେ

ବିରୋଧୀ ଦଳ କଂଗ୍ରେସର ଅଭିଯୋଗ ସତ ପ୍ରମାଣିତ ହୋଇଛି। ଇରାନରେ ଭାରତ ସରକାରଙ୍କ ଦ୍ୱାରା ବିକାଶ କରାଯାଉଥିବା ଚାବାହାର ବନ୍ଦରକୁ ସରକାର ଏଥର ବଜେଟ୍ ସହାୟତା ବନ୍ଦ କରିଦେଇଛନ୍ତି। ଆମେରିକା ଭୟରେ ଭାରତ ସରକାର ଚାବାହାର ହାତ ଛାଡ଼ିଦେଇଛନ୍ତି। ଏଥର ବଜେଟ୍‌ରେ ଚାବାହାର ପାଇଁ କୌଣସି ଅର୍ଥ ଆବଣ୍ଟନ କରାଯାଇନାହିଁ। ଇରାନ ଉପରେ ଆମେରିକା କଟକଣା ଲଗାଇଥିବାରୁ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଆସନ୍ତା ଏପ୍ରିଲ ଯାଏଁ ଭାରତକୁ ଚାବାହାର ଉପରେ ଆମେରିକା ଆଶ୍ୱସ୍ତି ଦେଇଥିଲା। ମାତ୍ର ଇରାନ ଉପରେ କଟକଣା ଲଗାଇ ଥିବାରୁ ଏହା ପ୍ରଭାବିତ ହୋଇଛି। ଗତ କିଛି ବର୍ଷ ହେଲା ଭାରତ ପ୍ରତିବର୍ଷ ଚାବାହାର ବିକାଶ ପାଇଁ ପ୍ରାୟ ୧୦୦କୋଟି ଟଙ୍କା ଲେଖାଏଁ ଆବଣ୍ଟନ କରୁଥିଲା। ରଣନୈତିକ ଦୃଷ୍ଟିକୋଣରୁ ଭାରତ ପାଇଁ ଚାବାହାର ଗୁରୁତ୍ୱପୂର୍ଣ୍ଣ ଥିଲା। ଏହା ମାଧ୍ୟମରେ ଭାରତ ପାକିସ୍ତାନକୁ ବାଦ୍ ଦେଇ ସିଧା ଆଫଗାନିସ୍ତାନ ଏବଂ ମଧ୍ୟ-ଏସିଆରେ ପହଞ୍ଚି ପାରିଥା'ନ୍ତା। ଏଠାରେ ରେଳ ଲାଇନ ମଧ୍ୟ ବିଛା ଯାଉଥିଲା। ଆନୁଷ୍ଠାନିକ ଭାବେ ଭାରତ ଏହି ପ୍ରକଳ୍ପ ଛାଡ଼ି ନଥିବା ବେଳେ ଆମେରିକାର ଚଢ଼ା ଶୁଳ୍କ ଏବଂ କଟକଣା ମଧ୍ୟରେ ପାଣ୍ଠିକୁ ବନ୍ଦ କରିଦେଇଥିବା କୁହାଯାଉଛି। ରୁଷରୁ ତୈଳ ଆମଦାନୀ କରୁଥିବାରୁ ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଶୁଳ୍କ ଲଗାଇଛି। ଏପରି ସ୍ଥଳରେ କଟକଣା ନ ମାନି ଚାବାହାରର ବିକାଶ କଲେ ଆମେରିକା ଅଧିକ ଶୁଳ୍କ ଲଗାଇବାର ସମ୍ଭାବନା ରହିଛି। ଇରାନ ସହ ଭାରତ କାରବାର ହ୍ରାସ କରୁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଚାହୁଁଛନ୍ତି। ପୂର୍ବରୁ ତେହରାନ ସହ କାରବାର କରୁଥିବା ଦେଶ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବା ବୋଲି ଟ୍ରମ୍ପ ଧମକ ଦେଇଥିଲେ। କିଛି ଦିନ ତଳେ ଭାରତ ଚାବାହାରରୁ ସମ୍ପୂର୍ଣ୍ଣ ଓହରିଯାଇଥିବା ରିପୋର୍ଟ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ୨୦୨୪ରେ ଭାରତ ୧୦ବର୍ଷ ପାଇଁ ଚାବାହାର ପରିଚାଳନା ଦାୟିତ୍ୱ ନେଇଥିଲା।

## ହେଉନି ଉଚ୍ଛେଦ, ହାତବାନ୍ଧି ବସିଛି ପ୍ରଶାସନ

# ରାସ୍ତା ନିର୍ମାଣକୁ ନେଇ ଦ୍ୱନ୍ଦ୍ୱରେ ଗଣ୍ଡାବାହାଲି ଗ୍ରାମବାସୀ

ସିନାପାଲି, ୧।୨(ସମିସ)



ନୂଆପଡ଼ା ଜିଲ୍ଲା ସିନାପାଲିରୁ ଖଡ଼ିଆଳ ଦେଇ ଯାଇଥିବା ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଗଣ୍ଡାବାହାଲି ଗାଁ ନିକଟରେ ଅଟକି ରହିଥିବା ଦେଖିବାକୁ ମିଳୁଛି। ରାସ୍ତା ନିର୍ମାଣ ସହ ପ୍ରଶସ୍ତିକରଣ ପାଇଁ ଗଣ୍ଡାବାହାଲି ଗାଁର ଅନେକ କୋଠା ଘର ଭାଙ୍ଗିବା ଆବଶ୍ୟକ ରହିଛି ।ଏନେଇ ରାଜସ୍ୱ ବିଭାଗ ଜବରଦଖଲ ଉଚ୍ଛେଦ କରି କୋଠା ଭାଙ୍ଗିବାକୁ ସାହସ ଯୁଟାଇ ପାରୁ ନାହିଁ। ଯଦ୍ୱାରା ଗଣ୍ଡାବାହାଲି ଗାଁ ମୁଖ୍ୟ ରାସ୍ତା ନିର୍ମାଣ ହେବ ନା ନାହିଁ ତାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି ଗ୍ରାମବାସୀ। ରାଜସ୍ୱ ବିଭାଗର ଅବହେଳା ଯୋଗୁଁ ଅବ୍ୟବସ୍ଥା ହେଉଛି ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜସ୍ୱ ବିଭାଗ ଜବରଦଖଲ ଚିହ୍ନଟ କରି ସାରିଛି। ହେଲେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇପାରୁ ନାହିଁ। କିଛି ବଡ଼ ବଡିଆଙ୍କ କୋଠା ଥିବାରୁ ରାଜସ୍ୱ ବିଭାଗ ଅନୁକମ୍ପା ପ୍ରଦର୍ଶନ କରୁଥିବାରୁ ଉଚ୍ଛେଦ ହେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏଥିରେ ସିନାପାଲି ରାଜସ୍ୱ ବିଭାଗ ନୀରବ ପାଲଟିବାର ଅସଲ ଉଦ୍ଦେଶ୍ୟ କଣ ହୋଇପାରେ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସିନାପାଲି ତହସିଲଦାର ତଥା ରାଜସ୍ୱ ବିଭାଗ କାହା ଚାପରେ ପଡ଼ି ଉଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପରିବର୍ତ୍ତେ ହାତ ବାନ୍ଧି ବସିଛନ୍ତି। ଏ ପରିସ୍ଥିତିରେ ତହସିଲଦାରଙ୍କ ଅବହେଳା ବୋଲି ଅଭିଯୋଗ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ବର୍ଷ ବର୍ଷ ଧରି ଉକ୍ତ ରାସ୍ତା ନଈ ପାଲଟିଛି। ଦୈନିକ ଶହଶହ ଯାନବାହାନ ତଥା ଲୋକେ ଯାତାୟତରେ ଅସୁବିଧା ହେବା ସହ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାକାର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅବଗତ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ପ୍ରକାଶ କରିଛନ୍ତି। ଜିଲ୍ଲାପାଳଙ୍କ ତାଗିଦ୍ ସତ୍ତ୍ୱେ ରାଜସ୍ୱ ବିଭାଗ କେବଳ ପ୍ରତିଶ୍ରୁତି ଦେଇ ଦିନ ପରେ ଦିନ ଗଡ଼ାଇ ଚାଲିଛନ୍ତି। ଏଭଳି ଅବହେଳାକୁ ନେଇ ବିଗତ ଦିନରେ ଗ୍ରାମବାସୀଙ୍କ ଦ୍ୱାରା ତହସିଲ ଅଫିସ ମଧ୍ୟ ଘେରାଉ କରାଯାଇଥିଲା। କେବଳ ପ୍ରତିଶ୍ରୁତି ଦେଇ ତହସିଲଦାର ନୀରବ ରହିଗଲେ। ପୁଣି ଗତ କିଛି ଦିନ ତଳେ ଗ୍ରାମବାସୀଙ୍କ ଅଭିଯୋଗ ପରେ ସିନାପାଲି ପୁଲିସ ଅଧିକାରୀ ଯାଇ ଲୋକଙ୍କୁ ବୁଝାସୁଝା କରି ନିଜ ହାତରେ

### ତହସିଲଦାରଙ୍କ ଅବହେଳା ଅଭିଯୋଗ

କୋଦାଳ ଧରି ରାସ୍ତାରୁ ଅଳିଆ ପାଣି ନିଷ୍କାସନ ପରେ ଯାତାୟାତ ସ୍ୱାଭାବିକ କରିଥିଲେ। ହେଲେ ଏଭଳି ସ୍ଥିତିରେ ରାଜସ୍ୱ ବିଭାଗର ନିରବତା ଲୋକଙ୍କ ଅସନ୍ତୋଷର କାରଣ ପାଲଟିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ରାସ୍ତାକାମ ଆରମ୍ଭ ନହେଲେ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ଏନେଇ ତହସିଲଦାର ଉପାଞ୍ଜଳୀ ମାଝିଙ୍କୁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରୁଥିଲେ ମଧ୍ୟ ଫୋନ ଗ୍ରହଣ ନକରିବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## କୋମନା ବ୍ଲକ୍‌ର ନୂତନ ବିଡିଓଙ୍କ ଯୋଗଦାନ

କୋମନା/ନୂଆପଡ଼ା, ୧।୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ପବିତ୍ର କୁମାର ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାକାର କର୍ମଚାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଠାରେ ଯୋଗ ଦେବା ପୂର୍ବରୁ ସେ କଳାହାଣ୍ଡି ଜିଲ୍ଲାରେ ଡେପୁଟି କଲେକ୍ଟର ଏବଂ ଭୁ-ଅର୍ଜନ ଅଧିକାରୀ ଭାବେ ସଫଳତାର ସହ ନିଜର ଦାୟିତ୍ୱ ନିଭାଇଥିଲେ। ଶ୍ରୀ ସାମଲ କାର୍ଯ୍ୟଭାର ଗ୍ରହଣ କରିବା ପରେ ବ୍ଲକର ବିଭିନ୍ନ ବିଭାଗର କାର୍ଯ୍ୟ ସମୀକ୍ଷା କରିଥିଲେ। କୋମନା ବ୍ଲକର ସମସ୍ତ ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟକୁ ସମୟସୀମା ମଧ୍ୟରେ ଶେଷ କରାଯିବ। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନ କ୍ଷେତ୍ରରେ ଥିବା ସମସ୍ୟା ଗୁଡ଼ିକର ସମାଧାନ ପାଇଁ ବିହିତ ପଦକ୍ଷେପ ନିଆଯିବ ।ବ୍ଲକ ପ୍ରଶାସନକୁ ଅଧିକ ଲୋକାଭିମୁଖୀ ଓ ସ୍ୱଚ୍ଛ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।



## ଗାୟତ୍ରୀ ମହାଯଜ୍ଞ ପାଇଁ ଭୂମିପୂଜା



ଗୋଲାମୁଣ୍ଡା, ୧।୨(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ଗ୍ରିଣ୍ଡୋଲ ଗ୍ରାମ ଠାରେ ଫେବୃୟାରୀ ୧୧ ତାରିଖ ରୁ ୧୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ନବକୁଣ୍ଡୀୟ ମାଁ ଗାୟତ୍ରୀ ମହାଯଜ୍ଞ ଉପଲକ୍ଷେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଭୂମି ପୂଜନ ଉତ୍ସବ ଲକ୍ଷ୍ମୀବାଇ ମହିଳା ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।ଉତ୍ସବରେ ହାତିବନ୍ଧା ଟୋଲିରୁ ଡ.ଅର୍ଜୁନ ଶାସ୍ତ୍ରୀ, ଗୋଲାମୁଣ୍ଡାର ସୁବାସ ଅଗ୍ରୱାଲ, ନୃପରାଜ ପ୍ରଧାନୀ, ରେଙ୍ଗସାପାଲିରୁ ଗଣେଶ ପ୍ରଧାନ, ଡୁଡୁକେଲର ସିମାଞ୍ଚଳ ଭାଟି, ଧନୀରାମ ଭାଟି, ଗୋବିନ୍ଦ ବଗର୍ତ୍ତି, ଅଭିରାମ ହଂସ, ଧର୍ମା ଭାଟି, ନୃପ ହଂସ ସମେତ ଗାୟତ୍ରୀ ପରିବାରର ଶତାଧିକ ପୁରୁଷ ଏବଂ ମହିଳା ଯୋଗଦାନ କରିଥିଲେ।

## ବାଗବଂଶୀୟ ଦେବ ବୁଡାରଜାଙ୍କ ମାଘ ପୂଜା



ଧର୍ମଗଡ଼, ୧।୨(ସମିସ): ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମସ୍ଥିତ ବାଗ ବଂଶୀୟ ଦେବତା ବୁଡାରଜାଙ୍କ ମାଘ ପୂଜା ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବାଗ ବଂଶୀୟଙ୍କ ପିତୃ ଦେବତା ଶ୍ରୀବୁଡାରଜା କାହିଁ କେତେ କାଳ ରୁ ପୂଜା ପାଇ ଆସୁଛନ୍ତି ।ଇତି ପୂର୍ବରୁ ପ୍ରତ୍ୟେକ ମଙ୍ଗଳବାର ଦିନ ପୀଠରେ ପୂଜାର୍ଚ୍ଚନା ହୋଇ ଆସୁଛି ।ତେବେ ଦେବଙ୍କ ମୁଖ୍ୟ ପୂଜା ମାଘ ପୂଜା ହୋଇଥିବା ବେଳେ ଏହି ଦିନ ଜନସାଧାରଣଙ୍କୁ ଦର୍ଶନ ଦେଇଥାନ୍ତି। ପୀଠରେ ପୂଜାର୍ଚ୍ଚନା ପରେ ଦେବଙ୍କ ଲାଠି ସହ ମଣିଷ ଦେହରେ ସବାରି ହୋଇ ପରିଭ୍ରମଣ କରିଥାଏ ।ଏହି କେତେ ବର୍ଷ ତଳେ ଶିରା (ସବାରି) ଙ୍କ ନିଧନ ପରେ ବର୍ତ୍ତମାନ କେବଳ ଲାଠି ପରିଭ୍ରମଣ କରେ ।ପରିଭ୍ରମଣ ବେଳେ ଶ୍ରଦ୍ଧାଳୁ ମାନେ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଏହାର ସ୍ୱତନ୍ତ୍ର କିମ୍ବଦନ୍ତୀ ରହିଛି। ବହୁ ପୂର୍ବରୁ ବାଗ ବଂଶୀୟ ମାନେ ଇଷ୍ଟ ଦେବତା ଭାବେ ବୁଡାରଜା ଦେବଙ୍କୁ ଗ୍ରହଣ କରି ପୂଜାର୍ଚ୍ଚନା କରି ଆସୁଛନ୍ତି ।ଦେବଙ୍କ ନିକଟରେ କୌଣସି ବଳି ପ୍ରଥା ନାହିଁ ।କେବଳ ଶୁକ୍ଳ ଭୋଗ ଦିଆ ଯାଇଥାଏ। ହେଲେ ଦେବଙ୍କ ସାଥେ ଧର୍ମ ଦେବତା, ପରଦେସେନ ସହ ଗୁରୁବୁଡା ପୂଜା ପାଇ ଥାଆନ୍ତି। ଏହି ଦେବତା ନିକଟରେ କୁକୁଡ଼ା, ପାରା ଛେଳି, ମେଣ୍ଢା ଆଦି ବଳି ଦିଆଯାଇଥାଏ-ତାହାବି ତିନି ବର୍ଷକୁ ଥରେ ।ବଳି ମାଂସ ଭୋଗରେ କୌଣସି ପ୍ରତିବନ୍ଧକ ନ ଥାଏ ସମସ୍ତେ ମହିଳା ପୁରୁଷ ପିଲା ଛୁଆ ପ୍ରସାଦ ଭାବେ ଏକାଠି ବସି ଖାଇ ଥାଆନ୍ତି ।ମାନସିକଧାରୀମାନେ କେବଳ ନଡିଆ ଦେବା ପ୍ରଥା ରହିଛି ।ବିଶ୍ୱାସ ଆସ୍ଥା ରହିଛି -ଦେବଙ୍କ ନିକଟରେ ମାନସିକ କଲେ ପୂରଣ ହୋଇଥାଏ ବୋଲି ଭକ୍ତମାନେ କହନ୍ତି।

## ଗୋଲାମୁଣ୍ଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଗୋଲାମୁଣ୍ଡା, ୧।୨(ସମିସ): ଗୋଲାମୁଣ୍ଡା ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗୋଲାମୁଣ୍ଡାର ଭାରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେରଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁର ମହାନନ୍ଦ, ଅତିରିକ୍ତ ତହସିଲଦାର ଅନୁଭବ ମହାନ୍ତି, ବିଇଓ ରାଜେଶ କୁମାର ନାୟକ, ଥାନାଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି, ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ସମିତି ସଭ୍ୟା ବନିତା ନାଏକ, ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ମୁଖ୍ୟବକ୍ତା ଭାବରେ ସର୍ବମଙ୍ଗଳା ଡିଗ୍ରୀ କଲେଜର ଅଧ୍ୟାପକ ନବକୃଷ୍ଣ ସାହୁ ଯୋଗଦେଇଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଅତୁଲ୍ୟ ଶବର ଓ ଅଜୟ କୁମାର ନାଏକ ପ୍ରମୁଖ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ମୁଖ୍ୟଅତିଥି ଶ୍ରୀ ମହାନନ୍ଦ ବିଭିନ୍ନ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପ୍ରଶଂସା କରିବା ସହ ଆଗାମୀ ସମୟରେ ଫଳାଫଳ ଆହୁରି କିପରି ଭଲ ହେବ ଦିଗ୍‌ଦର୍ଶନ ଦେଇଥିଲେ ।ବାର୍ଷିକ କ୍ରୀଡା ଉତ୍ସବରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷକ ଭବାନୀ ରନବିଦା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରଜ ମୋହନ ସାହିତ୍ୟ ସମିତିର ପୁନରୁତ୍ଥାନ କରାଯିବ

ଭବାନୀପାଟଣା, ୧।୨(ସମିସ): କଳାହାଣ୍ଡି ଗଡ଼ଜାତର ଐତିହ୍ୟ ସମ୍ପନ୍ନ ବ୍ରଜ ମୋହନ ସାହିତ୍ୟ ସମିତିର ପୁନରୁତ୍ଥାନ କରାଯିବ। ରବିବାର କଳାହାଣ୍ଡି ରାଜ ପ୍ରାସାଦରେ ମହାରାଜା ଅନନ୍ତ ପ୍ରତାପ ଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଂଶ ଶତାବ୍ଦୀର ୪୦ ଦଶକରେ ୩୦ ତମ ନାଗବଂଶୀ ଶାସକ ମହାରାଜା ବ୍ରଜ ମୋହନ ଦେଓଙ୍କ ସ୍ମୃତିରେ ତାଙ୍କ ପୁତ୍ର ମହାରାଜା ପ୍ରତାପ କେଶରୀ ଦେଓଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରଜ ମୋହନ ସାହିତ୍ୟ ସମିତି ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡ଼ିଶାର ଏକ ଗୌରବମୟ ସାହିତ୍ୟ ଅନୁଷ୍ଠାନ ଥିଲା। ଓଡ଼ିଶାର ବହୁ ବିଦ୍ୱାନ, କବି, ଲେଖକ, ତର୍କଶାସ୍ତ୍ରୀ, ସଂସ୍କୃତ ପଣ୍ଡିତମାନେ ବ୍ରଜ ମୋହନ ସାହିତ୍ୟ ସମିତିରେ ଯୋଗ ଦେଉଥିଲେ। ସାହିତ୍ୟ ସଭା,



ବ୍ୟକ୍ତବ୍ୟ, ତର୍କ, ପଦ୍ୟାନ୍ତ, ବେଦ, ବେଦାନ୍ତ ସମ୍ପର୍କରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେଉଥିଲା। ବ୍ରଜ ମୋହନ ସାହିତ୍ୟ ସମିତି ଦ୍ୱାରା ଖଡ଼ିଆଳ ମହାରାଜା ଅନୁପ ସିଂହଦେଓଙ୍କୁ କବି ସୌରଭ ସମ୍ମାନ ଓ ବିଶିଷ୍ଟ ନାଟ୍ୟକାର ନିର୍ଦ୍ଦେଶକ ପ୍ରଫୁଲ୍ଲ ରଥଙ୍କୁ ନାଟ୍ୟରଶ୍ମି ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଶାର ବହୁ ଗଡ଼ଜାତର ଦରବାରୀ କବି ଓ ଦରବାରୀ ପଣ୍ଡିତମାନେ ବ୍ରଜ ମୋହନ ସାହିତ୍ୟ ସମିତିରେ ଅଂଶ ଗ୍ରହଣ କରିଥିଲେ। ବିଂଶ ଶତାବ୍ଦୀର ୭୦ ଦଶକ ଯାଏଁ ଏହି ସମିତି ଓଡ଼ିଶାର ସାହିତ୍ୟ କ୍ଷେତ୍ରର ଏକ ପ୍ରମୁଖ ଅନୁଷ୍ଠାନ ଭାବରେ ସୁଖ୍ୟାତି ଅର୍ଜନ କରିଥିଲା। ଏହିଭଳି ଏକ ଐତିହ୍ୟ ସମ୍ପନ୍ନ ଅନୁଷ୍ଠାନକୁ ପୁନରୁତ୍ଥାନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।ପ୍ରତି ମାସରେ ଗୋଟିଏ ବ୍ରଜ ମୋହନ ଦେଓ ବକ୍ତୃତାମାଳା ଆୟୋଜନ କରାଯିବ ଓ ପ୍ରତିବର୍ଷ ବାର୍ଷିକ ଉତ୍ସବ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି। ଚଳିତ ଫେବୃଆରୀ ମାସ ୧୯ ତାରିଖରେ ବ୍ରଜ ମୋହନ ସାହିତ୍ୟ ସମିତି ପକ୍ଷରୁ ସଭା ମଣ୍ଡପରେ ପ୍ରଥମ ମାସିକ ବକ୍ତୃତାମାଳା 'ଆଧୁନିକ କଳାହାଣ୍ଡିର ନିର୍ମାତା ବ୍ରଜ ମୋହନ ଦେଓ' ଶୀର୍ଷକ ବକ୍ତୃତା ମାଳା ଅନୁଷ୍ଠିତ ହେବ ।ଏଥିରେ ଲେଖକ ତଥା ଗବେଷକ ଉମା ଶଙ୍କର କର ବକ୍ତବ୍ୟ ପ୍ରଦାନ କରିବେ। ବୈଠକରେ ଭାରତ ଭୂଷଣ ଦେଓ, ନାଟ୍ୟକାର ଡ଼ ଉମେଶ ଶତପଥୀ, ଗବେଷକ ଉମା ଶଙ୍କର କର, ସଂସ୍କୃତି ଗବେଷକ ସତ୍ୟ ନାରାୟଣ ମହାପାତ୍ର, ଜୟନ୍ତ ବେହେରା, ଡ଼ ଅଜୟ ମିଶ୍ର, ଶିଳ୍ପୀ ତରୁଣ ମହାପାତ୍ର, ଅଶୋକ ନେଗି, ସରୋଜ ନନ୍ଦ, ଉମା ଶଙ୍କର ବାବୁ, ସୁମନ ରଥ ପ୍ରମୁଖ ଯୋଗ ଦେଇଥିଲେ।

● ମା'ଦୁଆରସନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମହାଲିଙ୍ଗଙ୍କୁ ହରାଇ ଅଲଣ୍ଡା ବିଜୟୀ

ଗୋଲାମୁଣ୍ଡା, ୧।୨(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁଆଖୁଡେଡ଼ ପଡ଼ିଆରେ ମାଁ ଦୁଆରସନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଉଦ୍‌ଯାପିତ ହୋଇଛି। ମହାଲିଙ୍ଗ ଓ ଅଲଣ୍ଡା ମଧ୍ୟରେ ଫାଇନାଲ୍ ମ୍ୟାଚ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଓ ସମ୍ମାନିତ ଅତିଥି କେଗାଁ ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାଖୁ କେତକୀ, ଦଶପୁର ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ, ବିଜେପି ନେତା




ଜୟନ୍ତ ସିଂ, ନୂଆଗାଁ ପଞ୍ଚାୟତ ସରପଞ୍ଚ ଦୁଷ୍ମନ୍ତ କୁମାର ଭୋଇ, କେଗାଁ ସମିତି ଲକ୍ଷ୍ମଣ ସାହୁ, ସିନାପାଲି ପଞ୍ଚାୟତ ସମିତି ଲୋଚନ ସାହୁ, ଗୌରଚନ୍ଦ୍ର ପୁଟେଲ, ସମେଶ୍ୱର ମୁନି, ସୁବାଷ ଅଗ୍ରୱାଲ, ଲିଲୁ ଅଗ୍ରୱାଲ, ନବ ପୁଟେଲ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅଲଣ୍ଡା ଦଳ ପ୍ରଥମେ ବ୍ୟାଟିଙ୍ଗ କରି ୧୩ ଓଭରରେ ୧୩୨ ରନ ସଂଗ୍ରହ କରିଥିବା ବେଳେ ମହାଲିଙ୍ଗ ଦଳ ସମସ୍ତ ୱାଇକେଟ ହରାଇ ପରାଜୟ ହୋଇଥିଲା। ଶେଷରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ବିଜୟୀ ଦଳ ଅଲଣ୍ଡା ଓ ପରାଜୟ ଦଳ ମହାଲିଙ୍ଗ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପିଆରରୋମାଞ୍ଚଳ ଓ ବୃନ୍ଦାବନ ଖେଳ ପରିଚାଳନା କରିଥିଲେ ।ଡିଜିଟାଲ ସ୍କୋରର ଭାବରେ ଜଗଦିଶ ପୁଟେଲ, ରୋମାଞ୍ଚଳ ମାଝୀ କାର୍ଯ୍ୟ ତୁଲାଇ ଥିବା ବେଳେ ଖେଳର ଧାରାବିବରଣୀ ଦେବେନ ନାଏକ, ବିଷିକେଶନ ଜ୍ୟୋତିଷ ଓ ମନୋଜ ଚନ୍ଦନ ଶୁଣାଇ ଥିଲେ। ମାଁ ଦୁଆରସନି କ୍ରିକେଟ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

● ରାସ୍ତା ମରାମତିରେ ଅନିୟମିତତା

## ମାସେ ନପୂରୁଣୁ ଅବସ୍ଥା ଶୋଚନୀୟ



ଥୁଆମୂଳରାମପୁର, ୧।୨(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବଡଛତ୍ରଙ୍ଗ ପଞ୍ଚାୟତ ଚମ୍ପାଚୁଆ ଗାଁକୁ ନିର୍ମାଣ ହୋଇଥିବା ୩ କିଲୋମିଟରର ପ୍ରଧାନମନ୍ତ୍ରୀ ସଡକ ମରାମତି କାମ ନିମ୍ନମାନର ।ଏଭଳି ଅଭିଯୋଗ ଆଣିଛନ୍ତି ଚମ୍ପାଚୁଆ ଗ୍ରାମବାସୀ। ୨୦୧୬/୧୭ ମସିହାରେ ନିର୍ମାଣ ହୋଇଥିବା ରାସ୍ତା ବର୍ଷ ବର୍ଷ ଧରି ମରାମତି ହୋଇନଥିବା ବେଳେ ଖାଲଖମାରେ ଭର୍ତ୍ତି ହୋଇଥିଲା। ରାସ୍ତାରେ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟିଥିବା ନଜିର ରହିଛି। ରାସ୍ତା ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କର୍ଣ୍ଣପାତ କରୁନଥିଲେ। ରାସ୍ତା ନିର୍ମାଣର ଠିକା ସଂସ୍ଥା ୫ ବର୍ଷ ପର୍ଯ୍ୟନ୍ତ ତଦାରଖ କରିବାର ଦାୟିତ୍ୱ ଥିବା ବେଳେ ଏଠାରେ ସମ୍ପୂର୍ଣ୍ଣ ଅବହେଳା କରାଯାଇଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ୭ ବର୍ଷ ପରେ ଏହି ରାସ୍ତା ମରାମତି ପାଇଁ ସମ୍ପୂର୍ଣ୍ଣ ପିଚୁ ପଡ଼ିଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ତଦାରଖରେ ଅବହେଳା ଯୋଗୁଁ ନିମ୍ନମାନର କାମ ହୋଇଥିବା ବେଳେ ପିଚୁ ଉଠି ବିଭିନ୍ନ ସ୍ଥାନରେ ଗାଡିମୋଟର ଯାତାୟତରେ ମଧ୍ୟ ବିପଦ ସୃଷ୍ଟି କରୁଛି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି ।ଏନେଇ ବିଭାଗୀୟ ଯନ୍ତ୍ରୀଙ୍କ ଠାରୁ ପ୍ରତିକ୍ରିୟା ନେବାପାଇଁ ଫୋନ୍ ଯୋଗାଯୋଗ କରାଯାଇଥିଲା ହେଲେ ସେ ଫୋନ୍ ଉଠାଇ ନଥିଲେ।

## ଟେମରା ଗ୍ରାମରେ ପୋଢ଼ ପୂଜା ଉତ୍ସବ

କଳମପୁର, ୧।୨(ସମିସ): ଆଦିବାସୀମାନେ ବିଭିନ୍ନ ରୂପରେ ପ୍ରକୃତିକୁ ପୂଜା କରି ଆସୁଛନ୍ତି। ମାଟି ଦେବତା ସେମାନଙ୍କ ଇଷ୍ଟ ଦେବତା, ତାଙ୍କୁ ଶାନ୍ତ କରିବା ପାଇଁ କେତେବେଳେ ଚୋକି ପର୍ବ ଭାବେ ପୂଜା କରୁଛନ୍ତି ତ କେତେବେଳେ ପୋଢ ପୂଜା କରି ଆସୁଛନ୍ତି। ଏହି ଉଭୟ ପର୍ବକୁ ଆଦିବାସୀମାନେ ନିଷ୍ଠାର ସହିତ ପାଳନ କରି ଆସୁଛନ୍ତି। ଏହି ପର୍ବ ପାଇଁ ପୌଷମାସ ସର୍ବୋତ୍କୃଷ୍ଟ ମାସ ହୋଇଥାଏ। ଯେଉଁ ଆଦିବାସୀ ଗ୍ରାମମାନଙ୍କରେ



ଏହି ପୂଜା ଅନୁଷ୍ଠିତ ହୋଇଥାଏ ସେହି ଗ୍ରାମରେ ଦୀର୍ଘ ଦିନ ଧରି ପୂଜା ପାଠ ଲାଗି ରହିଥାଏ। ପର୍ବ ଦିନ ଗ୍ରାମବାସୀ ମାନେ ବନ୍ଧୁବର୍ଗଙ୍କୁ ଆମନ୍ତ୍ରଣ କରି ଆପତ୍ୟ ଭୋଜନ ପରଷିବା ସହିତ ନୂଆଁ ପୋଷାକ ପରିଧାନ କରି ପର୍ବ ସ୍ଥଳୀକୁ ଯାଇ ଉତ୍ସବ ମନାଇ ଥାନ୍ତି ।ପର୍ବ ସ୍ଥଳରେ ଏହି ଦିନ ବିଭିନ୍ନ ପ୍ରକାରର ଦୋକାନ ବଜାର ଗୁଡିକର ପସରା ବସିଥାଏ। ଗତ ରବିବାର ଦିନ ତେନ୍ତୁଳିଖୁଣ୍ଟି ଗ୍ରାମରେ ପୋଡ ପୂଜା ଉତ୍ସବ ପାଳନ ହୋଇଥିବା ବେଳେ ଆଜି ବନ୍ଧକନା ପଞ୍ଚାୟତ ଟେମରା ଗ୍ରାମରେ ପୋଡ ପୂଜା ପାଳିତ ହୋଇଯାଇଛି। ମାନସିକଧାରିମାନେ ପ୍ରଥମେ ଗ୍ରାମର ଗୁଡିରେ ପୋଡ ବଳି ଦେଇଥିବା ବେଳେ ଅପରାହ୍ନ ସମୟରେ ଧରଣୀ ଖୁଣ୍ଟରେ ପୋଡ ବଳି ଦେଇଥିଲେ। ଜାନୀ, ପୁଝାରୀ, ଗୁରୁମେ, ମୁଦ୍ରାଧରିଆ, ରପିଆ, ଗୌନ୍ତିଆ ପ୍ରମୁଖ ପୂଜାର୍ଚ୍ଚନା କାର୍ଯ୍ୟରେ ନିୟୋଜିତ ରହିଥିବା ବେଳେ ଗ୍ରାମବାସୀ ବିଭିନ୍ନ ଦାୟିତ୍ୱରେ ରହି ପୂଜାକୁ ସଫଳ କରିଥିଲେ।

## ନାବାଳିକାକୁ ଅପହରଣ ଅଭିଯୋଗରେ ଯୁବକ ଗିରଫ

କଳମପୁର, ୧।୨(ସମିସ): କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଅଞ୍ଚଳର ଜନୈକା ନାବାଳିକାକୁ ଜନୈକ ଯୁବକ ଅପହରଣ କରି ନେଇଥିବା ଗତ ଅକ୍ଟୋବର ମାସରେ ଅଭିଯୋଗ ହୋଇଥିଲା। ସେବେଠାରୁ କଳମପୁର ଥାନା ପୁଲିସ ତଦନ୍ତ ଜାରି ରଖିଥିଲେ। କୌଣସି ସୂତ୍ରରୁ ଖବର ଆଦାୟ କରି କଳମପୁର ପୁଲିସ ହାଇଦ୍ରାବାଦରେ ସମ୍ପୃକ୍ତ ଯୁବକ ଓ ନାବାଳକକୁ ଠାବ କରିଥିଲେ। କଳାହାଣ୍ଡି ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ କଳମପୁର ପୁଲିସର ଏକ ଦଳ ହାଇଦ୍ରାବାଦ ଯାଇ ସେଠାକାର ପୁଲିସର ସହାୟତାରେ ସମ୍ପୃକ୍ତ ଯୁବକ ଓ ନାବାଳିକାଙ୍କୁ ଉଦ୍ଧାର କରି କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନାରେ ଅଟକ ରଖି ଅଧିକ ତଦନ୍ତ କରିଥିଲେ। ସେଠାରୁ ଉଭୟଙ୍କୁ କଳମପୁର ଥାନାକୁ ଅଣାଯାଇ ନାବାଳିକାର ଡାକ୍ତରୀ ମାଇନା କରାଯାଇଥିଲା। ପରେ ନାବାଳିକାକୁ ଭବାନୀପାଟଣା ସ୍ୱଧାର ଗୃହକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ କଳମପୁର ଥାନା କେଶ ନଂ ୧୨୦ ରେ ମାମଲା ପଞ୍ଜିକୃତ କରି ସମ୍ପୃକ୍ତ ଯୁବକଙ୍କୁ ଭବାନୀପାଟଣା ସ୍ଥିତ ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଛି।

## ବାଟବଣା ପ୍ରାଥମିକ ଶିକ୍ଷା ବ୍ୟବସ୍ଥା

# ସରକାରୀ ସ୍କୁଲକୁ ମୁହଁ ମୋଡ଼ିଲେଣି ଅଭିଭାବକ



### ବ୍ଲକର ୯୦ ପ୍ରତିଶତ ସ୍କୁଲରେ ଭିତ୍ତିଭୂମି ଅଭାବ



ଜୟପାଟଣା, ୧।୨(ସମିସ)

ସମାଜର ପ୍ରତ୍ୟେକ ବ୍ୟକ୍ତି ନିଜର ସନ୍ତାନକୁ ଉପଯୁକ୍ତ ଶିକ୍ଷା ଦେବା ସହ ତାକୁ ନେଇ ଅନେକ ସପ୍ନ ଦେଖିଥାଏ। ରାତିଦିନ ପରିଶ୍ରମ କରି ସନ୍ତାନର ସମସ୍ତ ଆବଶ୍ୟକ ପୂରଣ ପାଇଁ କେବେ ଅବହେଳା କରିନଥାଏ। ନିଜର ସନ୍ତାନର ଶିକ୍ଷା ପାଇଁ ସରକାରୀ ବିଦ୍ୟାଳୟ ଉପରେ ଭରସା କରି ଶିକ୍ଷାନୁଷ୍ଠାନକୁ ପଠାଇଥାଏ ।କିନ୍ତୁ ସରକାରୀ ବିଦ୍ୟାଳୟ ଗୁଡିକରେ ସମସ୍ତ ପ୍ରକାର ଶିକ୍ଷା ଅନୁକୂଳ ପରିବେଶ ସାଙ୍ଗକୁ ଉପଯୁକ୍ତ ଭିତ୍ତିଭୂମି ବ୍ୟବସ୍ଥାର ନାରବାଜି ହେଉଥିବା ବେଳେ ବାସ୍ତବରେ ତାହା କେତେ ଦୂର ସତ ତାହା ଜୟପାଟଣା ବ୍ଲକ ରେ ପ୍ରମାଣିତ ହେଉଛି। ଜୟପାଟଣା ବ୍ଲକରେ ଚୁଲିକୁ ଗଲାଣି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ।ଅନ୍ଧାରରେ ଗତି କରୁଛି ଅନେକ ଛାତ୍ରଛାତ୍ରୀ ଭବିଷ୍ୟତ ।ଚିନ୍ତାରେ ପଡ଼ି ଯାଇଛନ୍ତି ଅଭିଭାବକ କିନ୍ତୁ ବେଫିକର ରହିଛନ୍ତି ଦାୟିତ୍ୱରେ ଶିକ୍ଷା ଅଧିକାରୀ। ବ୍ଲକରେ ପ୍ରାୟ ୯୦ ପ୍ରତିଶତ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମିର ଘୋର ଅଭାବ ଥିବା ବେଳେ ଭଗବାନ ଭରସାରେ ଚାଲିଛି ପାଠପଢ଼ା ।ଦୀର୍ଘ ବର୍ଷ ଧରି ମଙ୍ଗଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାଙ୍ଗିଯିବାରୁ ମିଶନ ଶକ୍ତି ଗୃହରେ ହେଉଛି ପାଠପଢ଼ା ଓ ବ୍ଲକ କଲୋନୀପଡ଼ା ବିଦ୍ୟାଳୟରେ ଶ୍ରେଣୀ କୋଠରୀ ଅଭାବରୁ ରୋଷେଇ ଘରେ ପିଲା ପାଠ ପଢୁଛନ୍ତି। ବ୍ଲକରେ ଥିବା ୯୬ଟି ପ୍ରାଥମିକ ଓ ୪୭ ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ଥିତି ପ୍ରାୟ ସମାନ। କେଉଁଠି ଶ୍ରେଣୀ କୋଠରୀ ଶୋଚନୀୟ ରୁ ଗୋଟିଏ କୋଠରୀରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ବସାଇ ହେଉଛି ଶିକ୍ଷା ଦାନ ଓ କେଉଁଠି ଛାତ୍ରଛାତ୍ରୀ ଅନୁଯାୟୀ ଶିକ୍ଷକ ଶିକ୍ଷୟିତ୍ରୀ ନାହାନ୍ତି ।ଅଫିସ ଗୃହ ନଥିବାରୁ ଶ୍ରେଣୀ କୋଠରୀ ସାଜୁଛି ଅଫିସ ଆଉ ଚାଉଳ ଗୋଦାମ। ଜାଣି ବି ନଜାଣିଲା ପରି ଶିକ୍ଷା ବିଭାଗର ବଡ଼ ବଡ଼ ଅଧିକାରୀ ।ଏ ସମ୍ପର୍କରେ କିଛି ପଚାରିଲେ କହୁଛନ୍ତି ଆମେ ଏ ନେଇ ରିପୋର୍ଟ ଦେଇଛୁ ଆଉ ବିଦ୍ୟାଳୟ ଗୁଡିକରେ ସମସ୍ତ ଭିତ୍ତିଭୂମି ରହିଛି ।କିନ୍ତୁ ଏ ଦୃଶ୍ୟ କଣ ବୟାନ କରୁଛି କିଭଳି ବ୍ୟବସ୍ଥା ଆଉ କିଭଳି ଅବସ୍ଥା ।ଅନ୍ୟପଟେ ଅଧିକାରୀମାନେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଲେସନ ନୋଟ ଆଉ ଲେସନ ଡାଇରୀ ଦେଖୁଛନ୍ତି ନା ନାହିଁ ତାହା ତଦନ୍ତ ସାପେକ୍ଷ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗରିବ ଅଭିଭାବକମାନେ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ହାତକୁ ଟେକି ଦେଇଥିବା ବେଳେ ପିଲାଙ୍କ ଭବିଷ୍ୟତ ଅନିଶ୍ଚିତରେ ଗତି କରୁଛି ।ଯାହାଫଳରେ ଆଗକୁ ଯାଇ ଛାତ୍ରଛାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାର ସିଧାସଳଖ ପ୍ରଭାବ ଦଶମ ଓ ଦ୍ୱାଦଶ ଶ୍ରେଣୀ କମ ନମ୍ବରରେ ପାସ କରୁଛନ୍ତି ଛାତ୍ରଛାତ୍ରୀ। ଯାହାଫଳରେ ସରକାରୀ ବିଦ୍ୟାଳୟ ପ୍ରତି ମୁହଁ ମୋଡିଦେଲାଣି ଅନେକ ଅଭିଭାବକ। ବ୍ଲକରେ ଥିବା ୧୧ଟି ବେସରକାରୀ ବିଦ୍ୟାଳୟରେ ୧୮୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପ୍ରତ୍ୟେକ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ବେସରକାରୀ ବିଦ୍ୟାଳୟ ରେଜଲ୍ଟ ଭଲ ଆସୁଛି କିନ୍ତୁ ୧୭୬ଟି ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲର ୧୮ ହଜାର ୭୨୪ ଜଣ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ।ବିଗତ ଦିନରେ ୫-ଟିରେ ୨୩ଟି ହାଇସ୍କୁଲର ଭିତ୍ତିଭୂମି ବିକାଶ ହୋଇଥିବା ବେଳେ କିଛି ଟା ସ୍ଥିତି ସୁଧୁରିଛି ।ଅନ୍ୟପଟେ ବିଦ୍ୟାଳୟ ଗୁଡିକର ପାନୀୟ ଜଳ ଆଉ ଶୌଚାଳୟ କଥା ତୋ ନକହିବା ଭଲ ।କେଉଁଠି ତାଲା ଝୁଲୁଛି ତ କେଉଁଠି ଦୀର୍ଘ ବର୍ଷ ହେଲା ଶୌଚାଳୟ ଅଚଳ ରହିଛି ।ଛାତ୍ରଛାତ୍ରୀ ସିଧାସଳଖ ନଳକୂପ ର ପାଣି ପିଉଛନ୍ତି ।କୁଆଡେ ଗଲା ଆକ୍ୱାଗାର୍ଡ ଆଉ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ।ଏହା ପ୍ରମାଣିତ କରୁଛି ଯେ ସରକାର ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ଭବିଷ୍ୟତ ପ୍ରତି କେତେ ସଜାଗ ଆଉ କେତେ ତତ୍ପରେ ଅଛନ୍ତି। ସରକାର ଏଥିପ୍ରତି ସଜାଗ ହେବେ ଆଉ ଛାତ୍ରଛାତ୍ରୀମାନେ ତାଙ୍କର ମୌଳିକ ଅଧିକାର ପାଇବେ ତାହା ବର୍ତ୍ତମାନ ଦେଖିବାକୁ ବାକି ରହିଛି।

## ମହାପୁରୁଷଙ୍କ କାମରେ ବିଳମ୍ବ

# ପ୍ରତିମୂର୍ତ୍ତି ବସାଇବାକୁ ସରିଲାଣି ପ୍ଲାଟଫର୍ମ ନିର୍ମାଣ, ଦିନ ଗଡୁଛି

ବଲାଙ୍ଗିର,୧।୨(ସମିସ)

ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ସ୍ୱାଧୀନତା ସଂଗ୍ରାମୀ, ମହାପୁରୁଷଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ସବୁଆଡେ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସ୍ଥାନୀୟ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମଧ୍ୟ ଏଥିରେ ସ୍ଥାନ ଦିଆଯିବା ନେଇ ଘୋଷଣା କରାଯାଇଥିଲା। ଏହି ଘୋଷଣାକୁ ପ୍ରାୟ ଦୁଇବର୍ଷ ବିତିବାକୁ ବସିଥିବା ବେଳେ ବଲାଙ୍ଗିର ସହରରେ ଏହା ହୋଇପାରି ନ ଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ପୌର ପରିଷଦ ପକ୍ଷରୁ ଏହି ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ନିର୍ମାଣ କାମ ସରିଯାଇଥିବା ବେଳେ ଏଯାଏଁ ପ୍ରତିମୂର୍ତ୍ତି ଆସି ନ ଥିବାରୁ ଏହା ହୋଇ ନ ଥିବା ଜଣାପଡ଼ିଛି।



ସୂଚନା ଅନୁସାରେ ବଲାଙ୍ଗିର ସହରର ବିଭିନ୍ନ ସ୍ଥାନରେ ରାସ୍ତାକୁ ଲାଗି ରହିଥିବା ଖାଲି ସ୍ଥାନରେ ପ୍ରତିମୂର୍ତ୍ତି ବସାଇବା ପାଇଁ ପ୍ଲାଟଫର୍ମ ନିର୍ମାଣ କରାଯାଇଛି। ମାସାଧିକ କାଳ ହେଲା ଏହା ନିର୍ମାଣ ହୋଇପଡ଼ିରହିଥିବା ବେଳେ ଏହି ସ୍ଥାନରେ କେବେ ପ୍ରତିମୂର୍ତ୍ତି ବସିବ ତାହା ଏବେବି ଅସ୍ପଷ୍ଟ ରହିଛି। ବଲାଙ୍ଗିର - ଟିଟିଲାଗଡ଼ ରାସ୍ତାରେ

- ବଲାଙ୍ଗିର ସହରରେ ୨୧ ପ୍ରତିମୂର୍ତ୍ତି ବସାଇବାକୁ ଯୋଜନା
- ଛଅ ମାସ ପୂର୍ବରୁ ସରଲାଣି ପ୍ଲାଟଫର୍ମ ନିର୍ମାଣ


ଏହା ନିର୍ମାଣ ହୋଇଥିବା ବେଳେ ଏଠାରେ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଆହୁରି ଦୁଇ ମାସ ଉପରେ ସମୟ ଲାଗିବ ବୋଲି ଜଣାପଡ଼ିଛି। ସହରର ବିଭିନ୍ନ ସ୍ଥାନରେ ପ୍ରାୟ ୨୧ ଟି ପ୍ରତିମୂର୍ତ୍ତି ବସିବ ବୋଲି ଜଣାପଡ଼ିଛି। ଏଥିପାଇଁ ଆବଶ୍ୟକ ନିର୍ମାଣ କାମ ସରିଯାଇଥିବା ବେଳେ ପ୍ରତିମୂର୍ତ୍ତି ନିର୍ମାଣ କାମ ସରି ନ ଥିବାରୁ ଏହା ଲଗାଯାଇ ନ ଥିବା ସୂଚନା ମିଳିଛି। ତେବେ ରାଜ୍ୟରେ ବିଜେଡି ସରକାର ଗଠନ କରିବା ପରେ ମହାପୁରୁଷ, ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରାଯାଇଥିଲା। ଏହିକ୍ରମରେ ଉକ୍ତ ନିର୍ମାଣ କାମ ଆରମ୍ଭ କରାଯାଇଥିଲା। କିନ୍ତୁ ଏହାର ପ୍ରାୟ ଦେଢ଼ବର୍ଷ ପରେ ବି ଏହି ପ୍ରତିମୂର୍ତ୍ତି ସ୍ଥାପନ ନହୋଇ ନିର୍ମାଣ ହୋଇଥିବା ପ୍ଲାଟଫର୍ମ ଗୁଡ଼ିକ ସେମିତି ପଡ଼ିରହିଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ତେବେ ବିଭାଗୀୟ ଅଧିକାରୀ ଏହାକୁ ଦୃଷ୍ଟିଦେଇ ଶୀଘ୍ର ଏହି ସ୍ଥାନମାନଙ୍କରେ ପ୍ରତିମୂର୍ତ୍ତି ସ୍ଥାପନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ବଜେଟ-୨୦୨୬ ପ୍ରତିକ୍ରିୟା



କେନ୍ଦ୍ରୀୟ ବଜେଟ ଦେଶ ତଥା ରାଜ୍ୟବାସୀଙ୍କୁ ନିରାଶ କରିଛି। ନିଯୁକ୍ତି ସୃଷ୍ଟି ପାଇଁ କୌଣସି ବିଶ୍ୱସନୀୟ ରୋଡମ୍ୟାପ୍ ନାହିଁ, ବିଶେଷକରି ଭାରତର ଯୁବପିଢ଼ି ପାଇଁ। ନିଯୁକ୍ତିର ମେରୁଦଣ୍ଡ, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ, ଋଣ କିମ୍ବା ସୁଧ ମୂଲ୍ୟ ଉପରେ ପ୍ରକୃତ ସମର୍ଥନର କୌଣସି ଯୋଜନା ନାହିଁ। ଚାଷୀମାନେ ବର୍ଦ୍ଧିତ ଇନପୁଟ୍ ଖର୍ଚ୍ଚ ଏବଂ ଜଳବାୟୁ ଚାପର ସମ୍ମୁଖୀନ ହୁଅନ୍ତି, ତଥାପି ବଜେଟ୍ ଏମଏସପି କିମ୍ବା ଆୟ ସୁରକ୍ଷା ଉପରେ ସ୍ପଷ୍ଟ ପ୍ରତିଶ୍ରୁତି ବିନା ଘୋଷଣା କରାଯାଇଛି। ମୁଦ୍ରାସ୍ଫିତି ଏବଂ ଇଏମ୍ଆଇ ଦ୍ୱାରା ପୂର୍ବରୁ ଚାପଗ୍ରସ୍ତ ମଧ୍ୟବିତ୍ତ ବର୍ଗକୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।ରାଜ୍ୟରେ ବିଜେପି ସରକାର ଥିବା ସତ୍ତ୍ୱେ ଓଡ଼ିଶା କେନ୍ଦ୍ର ସରକାର ପାଇଁ ଅଦୃଶ୍ୟ ରହିଛି। ଭାରତକୁ କେବଳ ଆର୍ଥିକ ସଂଖ୍ୟା ନୁହେଁ, ଚାକିରି ଏବଂ ଜୀବିକା ଉପରେ କେନ୍ଦ୍ରିତ ଏକ ଲୋକକେନ୍ଦ୍ରିକ ବଜେଟ୍ ଆବଶ୍ୟକ ରହିଛି।

**କଳିକେଶ ନାରାୟଣ ସିଂହଦେଓ,**
**ବିଧାୟକ, ବଲାଙ୍ଗିର**



ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟରତ ଜଣେ ସଫ୍ଟୱେର୍ ଇଞ୍ଜିନିୟର ଭାବରେ, ମୁଁ କେନ୍ଦ୍ରୀୟ ବଜେଟକୁ ସାମଗ୍ରୀକ ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବାପାଇଁ ଏକ ବ୍ୟାପକ ପ୍ରୟାସ ଭାବରେ ଦେଖୁଛି। ଭିତ୍ତିଭୂମି ବିକାଶ, ଡିଜିଟାଲ୍ ରୂପାନ୍ତର, ଉତ୍ପାଦନ ଏବଂ ନବସୃଜନ ଉପରେ ଧ୍ୟାନ ଉତ୍ସାହଜନକ ଏବଂ ସମସ୍ତ ଶିଳ୍ପରେ ଦୃଢ଼ ପ୍ରଭାବ ସୃଷ୍ଟି କରିପାରିବ। ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ଗଠନ ପାଇଁ ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟସେବା ଏବଂ ଷ୍ଟାର୍ଟଅପ୍ ପ୍ରତି ଅଧିକ ଧ୍ୟାନ ଗୁରୁତ୍ୱପୂର୍ଣ୍ଣ। ଏମ୍ଏସ୍ଏମ୍ଇ ପାଇଁ ସମର୍ଥନ ଏବଂ ବ୍ୟବସାୟ କରିବାକୁ ସହଜ କରିବା ପାଇଁ ପଦକ୍ଷେପ ଅର୍ଥନୀତିର ମେରୁଦଣ୍ଡକୁ ମଜବୁତ କରିବାରେ ସାହାଯ୍ୟ କରିବ, ଯେତେବେଳେ ମଧ୍ୟବିତ୍ତ ବର୍ଗ ପାଇଁ ଲକ୍ଷ୍ୟ ରଖାଯାଇଥିବା ପଦକ୍ଷେପ ଗ୍ରାହକଙ୍କ ବିଶ୍ୱାସକୁ ଉନ୍ନତ କରିପାରିବ। ସାମଗ୍ରିକ ଭାବରେ, ବଜେଟ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ଦୀର୍ଘକାଳୀନ ସ୍ଥିରତା ପ୍ରତି ଏକ ସନ୍ତୁଳିତ ଆଭିମୁଖ୍ୟକୁ ପ୍ରତିଫଳିତ କରେ।

**ମିହିର ରଞ୍ଜନ ସାହୁ,**
**ସଫ୍ଟୱେର୍ ଇଞ୍ଜିନିୟର, ବଲାଙ୍ଗିର**



୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ବଜେଟ ସ୍ୱାଗତ ଯୋଗ୍ୟ। ଭାରତୀୟ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତାବ ରହିଛି। ପ୍ରଥମ କର୍ତ୍ତବ୍ୟ ଭାବେ ଦେଶର ପ୍ରଗତିଶୀଳ ଅର୍ଥ ବ୍ୟବସ୍ଥା ଜାରି ରଖିବାକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଦ୍ୱିତୀୟ କର୍ତ୍ତବ୍ୟ ଭାବେ ୨୦୪୭ ଆତ୍ମନିର୍ଭର ଭାରତ ଲକ୍ଷ୍ୟ ହାସଲ ପାଇଁ ଦେଶବାସୀଙ୍କୁ ଆସ୍ଥାଭାଜନ ହେବା ଓ କ୍ଷମତା ବୃଦ୍ଧି ଦିଗରେ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଇଛି। ସେହିପରି ତୃତୀୟ କର୍ତ୍ତବ୍ୟ ଭାବେ ଦେଶର ସମ୍ବଳ ଓ ସୁଯୋଗ ଓ ସୁଲଭତାକୁ କିଭଳି ଉପଯୋଗ କରାଯାଇପାରିବ ତାକୁ ଗୁରୁତ୍ୱ ଦିଆଯାଇଛି। ବଜେଟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସହ ଦେଶର ଅର୍ଥନୈତିକ ଅଭିବୃଦ୍ଧି, ପ୍ରଗତି, ପ୍ରାକୃତିକ ସମ୍ପଦ ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ଓ କୃଷି କ୍ଷେତ୍ରକୁ ଗୁରୁତ୍ୱଦେଇ ସରକାର ନିଯୋଜନ ସୃଷ୍ଟି ଓ ଦାରିଦ୍ର୍ୟ ଦୂରୀକରଣରେ ଅଭିନବ ପଦେକ୍ଷପ ନେଇଛନ୍ତି। ନିଶ୍ଚିତ ଭାବେ ଏହି ବଜେଟ ଦେଶ ଓ ବିଶେଷ କରି ଆମ ରାଜ୍ୟକୁ ଆତ୍ମନିର୍ଭର ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ।

**ଡ. ସନ୍ତୋଷ କୁମାର ମେହେର,**
**ଅର୍ଥନୀତି ପ୍ରାଧ୍ୟାପକ, ବଲାଙ୍ଗିର**

## ଗୋଷ୍ଠୀ ସାଧନ କର୍ମୀ ନବୀନ ସାହୁଙ୍କୁ ବିଦାୟ ସମ୍ବର୍ଦ୍ଧନା



ମୁରିବାହାଲ,୧।୨(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବିଇଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଗୋଷ୍ଠୀ ସାଧନ କର୍ମୀ ନବୀନ କୁମାର ସାହୁ ନିଜ ଚାକିରି ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

ମୁଖ୍ୟଅତିଥି ଭାବରେ ବିଇଓ ଶାନ୍ତନୁ କୁମାର ପଡିହାରୀ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାନ୍ତାରାମ ଧରୁଆ, ଜୁନିୟର ଆସିଷ୍ଟାଣ୍ଟ ବିଶ୍ୱନାଥ ମେହେର ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ସାଧନ କର୍ମୀ ଶ୍ରୀ ସାହୁ ନିଜ ଦୀର୍ଘ ଚାକିରି ଜୀବନ ତଥା ଶିକ୍ଷା ଅଧିକାରୀ ଓ ସହକର୍ମୀଙ୍କ ସହଯୋଗ ସମ୍ପର୍କରେ ନିଜ ଅନୁଭୂତି ପ୍ରକାଶ କରିଥିଲେ। ଏଥିରେ ବିଭିନ୍ନ ବ୍ଲକରୁ ଆସିଥିବା ଗୋଷ୍ଠୀ ସାଧନ କର୍ମଚାରୀ ପ୍ରଶାନ୍ତ କୁମାର ସାହୁ, ସଦାଶିବ ରଣା, ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ, ଆଇଇଡି ଯୁଧିଷ୍ଠିର ପଧାନଙ୍କ ସହ ମୁରିବାହାଲ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଜୟଗୋପାଳ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ ଦେଇଥିଲେ।

## ଅଭିଯୋଗ ପରେ ବି ମିଳୁନି ସହାୟତା

# ଚାହିଁ ରହିଛନ୍ତି 'ଯଶୋଦା' ହିତାଧିକାରୀ

ବଲାଙ୍ଗିର,୧।୨(ସମିସ): ରାଜ୍ୟ ତଥା କେନ୍ଦ୍ରସରକାର ବିଭିନ୍ନ ବର୍ଗର ଲୋକ ମାନଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା ଆରମ୍ଭ କରିଛନ୍ତି। ଏହି କ୍ରମରେ ଅନାଥ ହେଉଥିବା ଶିଶୁ ମାନଙ୍କ ଉଚ୍ଚଶିକ୍ଷା ପାଇଁ ରାଜ୍ୟ ସରକାର ସହାୟତା ପ୍ରଦାନ କରିବା ପାଇଁ ଯଶୋଦା ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଏହାର ସୁଫଳ ବାପା ମା ଛେଉଣ୍ଡ ଛାତ୍ରଛାତ୍ରୀ ମାନେ ବଲାଙ୍ଗିର ଠିକ ଭାବେ ପାଉନଥିବା ଅଭିଯୋଗ ହୋଇଛି। ସହାୟତା ଟଙ୍କା ପାଇଁ ଆବେଦନ କରୁଥିଲେ ମଧ୍ୟ ସେମାନଙ୍କୁ ଉକ୍ତ ସହାୟତା ମିଳୁ ନ ଥିବା ଜଣାପଡ଼ିଛି। ଫଳରେ ଉକ୍ତ ଛାତ୍ରଛାତ୍ରୀମାନେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସି ମଧ୍ୟ ସହାୟତା ନପାଇ ନିରାଶ ହେଉଥିବା ଦେଖିବାକୁ ମିଳିଛି।

ବଲାଙ୍ଗିର ଜିଲ୍ଲାର ମିଳନ ପଧାନ, ଶୁଭ୍ରଂଶିକା ପଣ୍ଡା ହେଉଛନ୍ତି ଯଶୋଦା ଯୋଜନା ହିତାଧିକାରୀ। ସେମାନେ ବାରମ୍ବାର ଯଶୋଦା ଯୋଜନା ସହାୟତା ଟଙ୍କା ପାଇଁ ଆବେଦନ କରୁଥିବା ବେଳେ ତାହା ପାଉ ନ ଥିବା ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ସେହିପରି ଆଉ ଜଣେ ହିତାଧିକାରୀ ଜିତେନ୍ଦ୍ର ବିଶିଙ୍କ ଅଭିଭାବକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ମଧ୍ୟ ଏନେଇ ଅଭିଯୋଗ କରିଛନ୍ତି । ତେବେ ଯଶୋଦା ଯୋଜନାରେ ଅନାଥ ଶିଶୁମାନଙ୍କୁ ରାଜ୍ୟ ସରକାର ସହାୟତା ପ୍ରଦାନ କରିଥାନ୍ତି। ଘରର ମୁଖ୍ୟ ଆୟକାରୀ ବ୍ୟକ୍ତିଙ୍କ ଯେକୌଣସି କାରଣରୁ ମୃତ୍ୟୁ ହେବାପରେ ଦଶମ ଶ୍ରେଣୀ ପରେ ବୈଷୟିକ ଶିକ୍ଷା, ଉଚ୍ଚଶିକ୍ଷା, ବୃତ୍ତିଗତ ଶିକ୍ଷା ଶିଶୁମାନଙ୍କୁ ନଅ ହଜାର ଟଙ୍କାରୁ ୫୨ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଜରିଆରେ ଏହି ଟଙ୍କା ପ୍ରଦାନ କରିବାର ବ୍ୟବସ୍ଥା ରହିଥିବାବେଳେ ଅଧିକାରୀମାନଙ୍କ ଅଣଦେଖା ଯୋଗୁ ଏହି ଯୋଜନାରୁ ଅନେକ ଯୋଗ୍ୟ ହିତାଧିକାରୀ ବାଦ ପଡୁଥିବା ଦେଖିବାକୁ ମିଳିଛି। ସେହିପରି ଆବେଦନ କରିଥିବା ହିତାଧିକାରୀମାନେ ଠିକ ଭାବେ ସହାୟତା ପାଇବାରୁ ବଞ୍ଚିତ ରହୁଥିବା ଅଭିଯୋଗ ହେଉଥିବା ଅଭିଯୋଗ ହୋଇଛି। ତେବେ ଏଥିପ୍ରତି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ବରିଷ୍ଠ ସୂଚନାଅଧିକାର କର୍ମୀ ନୀଳମଣି ଯୋଷୀ ଦାବି କରିଛନ୍ତି। ନଚେତ ହିତାଧିକାରୀଙ୍କ ସହ ମିଶି ଆନ୍ଦୋଳନ କରିବାକୁ ଚେତବାନୀ ଦେଇଛନ୍ତି।

## ପୂଜ୍ୟପୂଜା ସେବା ସଂଗଠନର ଶୋକ



ବଲାଙ୍ଗିର,୧।୨(ସମିସ): ବଲାଙ୍ଗିରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୂଜ୍ୟପୂଜା ସେବା ସଂଗଠନ ତରଫରୁ ଟିକ୍ରାପଡ଼ା ରାମଜୀ ମନ୍ଦିର ପ୍ରାଙ୍ଗଣରେ ବିଶିଷ୍ଟ ଲେଖକ, ସାଂସ୍କୃତିକ ପୁରୁଷ ରାମ କୁମାର ଅଗ୍ରୱାଲଙ୍କ ବିୟୋଗରେ ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ର ଅଧକ୍ଷତାରେ ଏକ ଶୋକ ସଭା ଆୟୋଜନା କରାଯାଇଛି। ଉକ୍ତ ଶୋକ ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ.ପ୍ରେମଚାନ୍ଦ ମହାନ୍ତି, ଆଦ୍ୟାଶକ୍ତି ନାରୀ ସଂଗଠନର ସଭାନେତ୍ରୀ ମାଳତୀ ଉଦ୍‌ଗାତା, ଅଭିଭାବକ ମଞ୍ଚର ସଭାପତି ଧର୍ମବ୍ରତ ରଥ, ବିଶିଷ୍ଟ ଆଇନଜୀବୀ ଜୟରାମ ମିଶ୍ର, ଶିଶୁ ବିକାଶ କେନ୍ଦ୍ରର ସଭାପତି ମଦନମୋହନ ରଥ ଓ ଶୁଭେନ୍ଦ୍ର ନେପାକ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। ଏହି ସଭାରେ କପିଳ ପତି, ଡା. ଅଶୋକ କୁମାର ସେଠୀ, ମଧୁ ସାହୁ, ହୃଷିକେଶ ପୁରୋହିତ, ଗିରିଶ ଅଗ୍ରୱାଲ, ନିହାରିକା ମିଶ୍ର, ଅରୁଣ କୁମାର ଖୁଆସ, ସିତାଂଶୁ ଶେଖର ନାୟକ, ଧୀରେନ୍ଦ୍ର ନାରାୟଣ ସିଂହଦେଓ, ସୁନାଧର ବନଛୋର, ଦୁର୍ଗାଚରଣ ସାହୁ ଓ ଚୁଡେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିନୋବା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




ବଲାଙ୍ଗିର,୧।୨(ସମିସ): ଓଜିବି ଛତାମନା ଦ୍ୱାରା ପ୍ରଯୋଜିତ ପୁଇଁନ୍ତଳା ବ୍ଲକ୍ ବିନୋବା ଉଚ୍ଚ ବିଦ୍ୟାଳୟ ଖତାମଖନାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଭାରପ୍ରାପ୍ତ ପ୍ରଧା ଶିକ୍ଷୟିତ୍ରୀ ଶକ୍ତିବାଇ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ବ୍ଲକ ଶିକ୍ଷାଧିକାରୀ ରତ୍ନାମୟୀ ପୁରୋହିତ ତଥା ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବ୍ଲକ ଶିକ୍ଷାଧିକାରୀ ନୀଳମଣି ପଟେଲ, ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଶୁଭ୍ରାଂଶୁ ଶେଖର ପଣ୍ଡା, ସରପଞ୍ଚ ଅଞ୍ଜଳି ବାଗ, ଓଜିବି ଖତାମଖନାର ବ୍ରାଞ୍ଚ ମ୍ୟାନେଜର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଉତ୍ସବରେ ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଧାନ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ଯଶୋବନ୍ତୀ କୁମ୍ଭାର ପୁରସ୍କାର ବିତରଣ କାର୍ଯ୍ୟକୁ ଆଗେଇ ନେଇଥିଲେ। ଶିକ୍ଷୟିତ୍ର ନିରୁ କର ଧନ୍ୟବାଦ ଅର୍ପଣ କରିଥିଲେ।

## କୁଡୁର୍ଲା ଯୁକ୍ତଦୁଇ କଲେଜରେ ବିଦାୟ ସମ୍ବର୍ଦ୍ଧନା ସଭା

ଦେଓଗାଁ,୧।୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ କୁଡୁର୍ଲା ଧ୍ରୁବଆନନ୍ଦ ଯୁକ୍ତଦୁଇ କଲେଜରେ ଶନିବାର ଦ୍ୱିତିୟ



ବର୍ଷର ଛାତ୍ରୀଛାତ୍ରଙ୍କୁ ନେଇ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ହେମନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ତଥା ଛାତ୍ରୀ ରାଜେଶ୍ୱରୀ ପଧାନ ଓ ରାଜନନ୍ଦିନୀ ବାରିକଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅଧକ୍ଷ ପ୍ରମୋଦ ବଡ଼ପଣ୍ଡା, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ବିଜୟ ଜାଲ, ବଳରାମ ପଧାନ, କ୍ରୀଡ଼ାଶିକ୍ଷକ ସରୋଜ କୁମାର ନାୟକ, ଉପଗ୍ରନ୍ଥାଗାରିକ ଗୌରାଙ୍ଗ ବେମାଲ ପ୍ରମୁଖ ଯୋଗଦେଇ ଥିଲେ। ପ୍ରଥମବର୍ଷର ଛାତ୍ରୀଛାତ୍ର ଦ୍ୱୀତିୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ କଲେଜର ସମସ୍ତ କର୍ମଚାରୀ ତଥା ପ୍ରଥମବର୍ଷର ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ୍ ଉଦ୍‌ଘାଟିତ



ସଇଁତଳା,୧।୨(ସମିସ): ବଲାଙ୍ଗିର ଜିଲ୍ଲା ସଇଁତଳାସ୍ଥିତ ରମେଶ ସିଂ ଭୋଇ ଷ୍ଟାଡିୟମ ପରିସରରେ ୬ଷ୍ଠ ଶ୍ରୀକାନ୍ତ ଭୋଇ କ୍ରିକେଟ ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଶିକାପତ୍ରପାଲି ଓ ଦେବଇଲେଭେନ ଟିଟିଲାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକାପାତରାପାଲି ଟିମ ୮ ଓଭରରେ ୫ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରିଥିଲା। ଯବାବରେ ଟିଟିଲାଗଡ଼ ୧୦୦ କରି ଆଉଟ ହୋଇଯାଇଥିଲା। ଅଜୟ ବୈଠାରୁ ଓ ପରମାନନ୍ଦ ରାଉତ ପରିଚାଳନା କରିଥିବା ବେଳେ ସ୍କୋର ଯତୀନ ଦାସ ଓ ଆକାଶ ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ଗୁଣସାଗର ମାଝୀ, ସମିତିସଭ୍ୟ ଉମାକାନ୍ତ ରଣା ପ୍ରମୁଖ ଯୋଗଦାନ କରିଥିଲେ। କମିଟିର ସଭାପତି ଚନ୍ଦ୍ର ଚନ୍ଦନ, ସମ୍ପାଦକ ଶିବ ପ୍ରସାଦ ମାଝୀ, ଉପସଭାପତି ଜ୍ଞାନ ରଞ୍ଜନ ମହାକୁର, ସହ ସମ୍ପାଦକ ବିକ୍ରମ ସା, କୋଷାଧକ୍ଷ ଅମିତ କୁମାର ସାହୁ, ରିଙ୍କୁ ଭୋଇ, ମହେନ୍ଦ୍ର ଭୋଇ, ଉମେଶ ସାହୁ, ରଞ୍ଜନ ଭୋଇ, ଅଚ୍ୟୁତ ସେଠ, ଟିଟୁ ଦଣ୍ଡସେନା, ସୁମିତ ଦଣ୍ଡସେନା, ଭୀମ ଦଣ୍ଡସେନା, ସରୋଜ ସାହୁ, ଅମୃତ ଦଣ୍ଡସେନା, ଡବ୍ଲୁ ସାହୁ, ଆଲିସ, କ୍ଷମା, ବିକାଶ ମହାଲିଙ୍ଗ, ଦିନ ପୃଷେଠ, ରକି ମିଶ୍ର, ଉମେଶ ଭୋଇ, ଯତୀନ ଦାସ, ଆୟୁଷ ଭୋଇଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଅଘରିଆ ସମାଜର ସପ୍ତମ କାର୍ଯ୍ୟକାରୀ ବୈଠକ



ବଲାଙ୍ଗିର, ୧।୨(ସମିସ): ବଲାଙ୍ଗିର ଜିଲ୍ଲା ଡୁଡୁକା କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ ରବିବାର ଡୁଡୁକା ଗୁଡ଼ି କୁଶଙ୍ଗ ମଣ୍ଡଳ ଆନୁକୂଲ୍ୟରେ ସପ୍ତମ କାର୍ଯ୍ୟକାରୀ ବୈଠକ ଗୁଡ଼ି ସଭାପତି କୁଞ୍ଜବିହାରୀ ପଟେଲଙ୍କ ଆବାହକତ୍ୱରେ ମଣ୍ଡଳ ସଭାପତି ଦୁଷ୍ମନ୍ତ ପଟେଲଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ତ୍ରୟମାସିକ ଆୟବ୍ୟୟ ପଠନ କରିଥିଲେ ଯୁଗ୍ମ ସମ୍ପାଦକ ମୁକୁନ୍ଦ ପଟେଲ ଓ ବିବରଣୀ ପାଠ କରିଥିଲେ ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ। ସଭାରେ ସମାଜର ଏକ ନବମ ଶ୍ରେଣୀ ଛାତ୍ର ପଣ୍ଡରାପିଟା ନିବାସୀ ଆର୍ଯ୍ୟନ ନାଏକ ଜାତୀୟ ବିଜ୍ଞାନ ମେଳାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଉପଦେଷ୍ଟା ମଣ୍ଡଳୀ, କେନ୍ଦ୍ର କମିଟି, ଚାରି ମଣ୍ଡଳ ସଭାପତି ଓ କର୍ମକର୍ତ୍ତା, ଅଠର ଗୁଡ଼ି ସଭାପତି ଓ କର୍ମକର୍ତ୍ତା, ମହିଳା ମଞ୍ଚ, ଯୁବା ମଞ୍ଚ, କୃଷକ ମଞ୍ଚ ସଭାପତି ଓ କର୍ମକର୍ତ୍ତା, ପୁସ୍ତକ କମିଟି, ନିର୍ମାଣ କମିଟି ଓ ଶିକ୍ଷକ କମିଟିର ସମସ୍ତ ସଭ୍ୟ, ନିର୍ବାଚନ ଅଧିକାରୀ ଓ ସମୀକ୍ଷକ ସହ ପ୍ରାୟ ୨୦୦୦ ଗ୍ରାମ୍ୟ ସଭାପତି ସମ୍ପାଦକ ଓ ଜାତିଭାଇ ଯୋଗ ଦେଇଥିଲେ।

## ପୁଲିସ ଗାଡ଼ି ଧକ୍କାରେ ଜଣେ ମୃତ; ୧ ଗୁରୁତର

କଣ୍ଟାବାଞ୍ଜି,୧।୨(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାରୁ କଣ୍ଟାବାଞ୍ଜି ରାସ୍ତା ରାଜ୍ୟ ରାଜପଥ ୪୨ ଭାରତ ପେଟ୍ରୋଲ ପମ୍ପ ବୁଲାଣିଠାରେ ବାଇକ୍‌ରେ ଥିବା ଦୁଇ ଜଣ ଯୁବକଙ୍କୁ ଧକ୍କା ଦେଇଥିଲା ବଲରୋ ଗାଡ଼ି ଏବଂ ଘଟଣାସ୍ଥଳରୁ ଫେରାର ମାରିଥିଲା। ଏଥିରେ ଜଣକର ମୃତ୍ୟୁଘଟିଛି। ବଙ୍ଗୋମୁଣ୍ଡା ପୁଲିସ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଗୁରୁତର ଯୁବକ ସିନ୍ଧେକେଲା ଥାନା ଅଧୀନ ଗନ୍ଧଲା ଗାଁର ମୋନୁ ମାହାନନ୍ଦ ଓ ସାଲେମୁଣ୍ଡା ଗାଁର ଆଶିଷ ସରାଫ ବୋଲି ଜଣାପଡ଼ିଥିଲା। ସେମାନେ କୌଣସି କାମ ପାଇଁ କଣ୍ଟାବାଞ୍ଜିକୁ ଆସୁଥିବା ବଙ୍ଗୋମୁଣ୍ଡା ଭାରତ ପେଟ୍ରୋଲ ପମ୍ପଠାରେ ବୋଲେରୋ ଧକ୍କା ଦେଇ ପଳାଇଥିଲା। ପରେ ଗାଡ଼ିଟି କଣ୍ଟାବାଞ୍ଜି ଥାନାର ବୋଲି ଜଣାପଡ଼ିଛି। ସେପଟେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗନ୍ଧଲା ଗାଁର ମୋନୁ ମାହାନନ୍ଦଙ୍କ ମୃତ୍ୟୁ ଘଟିଛି। ଏନେଇ ପରିବାର ଲୋକେ ବଙ୍ଗୋମୁଣ୍ଡା ଥାନାର ଦ୍ୱାରସ୍ଥ ହେବାପରେ କଣ୍ଟାବାଞ୍ଜି ପୁଲିସ ଗାଡ଼ି ଜବତ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାସହ ରାଜ୍ୟ ସରକାରଙ୍କ ଗୃହ ବିଭାଗରେ ପରିବାର ଜଣକୁ ନିଯୁକ୍ତି ଦେବାକୁ ବିଭିନ୍ନ ସଂଗଠନ ଦାବି କରିଛନ୍ତି।


## ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟଣା

# ନ୍ୟାୟ ପାଇଁ ଗଲେ ରେଞ୍ଜରଙ୍କ ନାଲି ଆଖି

କଣ୍ଟାବାଞ୍ଜି,୧।୨(ସମିସ)

ଗତ ଡିସେମ୍ବର ୧୦ ତାରିଖ ବିଳମ୍ବିତ ରାତିରେ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ରେଞ୍ଜ ଅଧୀନସ୍ଥ ତୁରେକେଲା ଥାନା ସାନବାଙ୍କି ଗ୍ରାମର ଘରେ ଶୋଇଥିବାବେଳେ ୩୦ ଟିକିଆ ହାତୀ ପଲ ମହିଳାଙ୍କୁ ଘରୁ ଟାଣି ଆଣି ଦଳିଦେଇଥିଲେ। ଯାହାଫଳରେ ଘଟଣାସ୍ଥଳରେ ସାନବାଙ୍କି ଗାଁର ମନ୍ଦାର ପୁଟେଲ ନାମକ ମହିଳାଙ୍କ ମୃତ୍ୟୁ ଘଟିଥିଲା। ମହିଳାଙ୍କୁ ଉଦ୍ଧାର କରିବାବେଳେ ତାଙ୍କ ସ୍ୱାମୀ ଏବଂ ଶଶୁରକୁ ମଧ୍ୟ ହାତୀ ଆକ୍ରମଣ କରିବା ଫଳରେ ସେମାନେ ଆହତ ହୋଇଥିଲେ। ମୃତ ମହିଳାଙ୍କ ୩ ପୁଅ ଝିଅ ଥିବାବେଳେ ମହିଳାଙ୍କ ମୃତ୍ୟୁପରେ ସେମାନେ ଅସହାୟ ହୋଇପଡ଼ିଛନ୍ତି। ଏନେଇ ମୃତ ମହିଳାଙ୍କ ସ୍ୱାମୀ

**କ୍ଷତିପୂରଣ କଥା କହିଲେ ମିଳୁଛି ଜେଲ ଦଣ୍ଡ ଧମକ**



କ୍ଷତିପୂରଣ ଏବଂ ନ୍ୟାୟ ପାଇଁ ବଙ୍ଗୋମୁଣ୍ଡା ରେଞ୍ଜର କାର୍ଯ୍ୟାଳୟ ଯାଇ ରେଞ୍ଜର ପଦ୍ମନାଭ କୁମାରଙ୍କୁ ସାକ୍ଷାତ କରି ତାଙ୍କ ଦୁଃଖ ବଖାଣିବା ପରେ ରେଞ୍ଜର ତାଙ୍କ ସମସ୍ୟା ବୁଝି କ୍ଷତିପୂରଣ ଯୋଗାଇ ଦେବା ବଦଳରେ ଦୁର୍ବ୍ୟବହାର କରିବା ସହ ନାଲି ଆଖି ଦେଖାଇଥିବା ଏନେଇ ଏକ ଭିଡିଓ ଭାଇରାଲ ହେଉଛି। ସେପଟେ ମହିଳାଙ୍କ ମୃତ୍ୟୁସମୟରେ ବନ ବିଭାଗ ୧୦ ଲକ୍ଷ ଟଙ୍କା ପରିବାର ଲୋକଙ୍କୁ କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦାୟିତ୍ୱରେ ଥିବା ଅଧିକାରୀ କିନ୍ତୁ ଏବେ କ୍ଷତିପୂରଣ କଥା କହିଲେ ଜେଲ ପଠାଇବା କଥା କାହିଁକି ଆସୁଛି। ଯଦି ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଏବଂ ରେଞ୍ଜର ଜାଣିଛନ୍ତି ତେବେ ସେ କାହିଁକି ଥାନାର ଦ୍ୱାରସ୍ଥ ହୋଇ ମୃତ ମହିଳାଙ୍କୁ ନ୍ୟାୟ ଦେବାକୁ ପଦକ୍ଷେପ ନେଉନାହାନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଏନେଇ ରେଞ୍ଜର ଶ୍ରୀ କୁମାରଙ୍କୁ ଯୋଗାଯୋଗ କରିଥିଲୁ, ହେଲେ ତାଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ସମ୍ପାଦକୀୟ



ଭବିଷ୍ୟତ ଆକଳନ କରିବାର ସର୍ବୋତ୍ତମ ଉପାୟ ହେଉଛି ନିଜେ ଏହାକୁ ସୃଷ୍ଟି କରିବା।
-ଭାରତରତ୍ନ ଡ. ଏପିଜେ ଅବଦୁଲ୍ କାଲାମ୍

ସକାଳ
THE SAKALA

## ଗୁଟ୍‌ଖାର ଗଳାବାଟ

ତମାଖୁ ନିଷେଧ ଘୋଷଣା ହେବାର ଇତିମଧ୍ୟରେ ଗୋଟିଏ ସପ୍ତାହ ପୂରିଛି। ତମାଖୁ ଓ ଗୁଟ୍‌ଖା ପ୍ୟାକେଟ୍ ଆଉ ଅବାଧ ବିକ୍ରି ହେଉ ନଥିଲେ ମଧ୍ୟ ବ୍ୟବହାରରେ ପ୍ରଭାବ ପରିଲକ୍ଷିତ ହୋଇନାହିଁ। ଅର୍ଥାତ୍ ଦୋକାନୀ ଓ ମହଜୁଦ୍‌କାରୀଙ୍କ ପାଇଁ ଗୁଟ୍‌ଖା କଳାବଜାରୀର ବାଟଟିଏ ଖୋଲି ଯାଇଛି। ଏ କଥା ଯେ ଶାସନ ଓ ପ୍ରଶାସନ ଜାଣି ନଥିବେ ତା' ନୁହେଁ। ତେଣୁ ବାବୁ-ବେପାରୀ ମଧୁଚନ୍ଦ୍ରିକା ଚାଲିଛି ବୋଲି ମତ ପ୍ରକାଶ ପାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶର ଅନୁପାଳନ ପୂର୍ବକ ରାଜ୍ୟ ସରକାର ଓଡ଼ିଶାରେ ଗୁଟ୍‌ଖା ଓ ତମାଖୁ ବିକ୍ରିକୁ ନିଷେଧ କରିଥିଲେ ମଧ୍ୟ ଏ ବାବଦ ରାଜସ୍ୱ ହାନି (ତମାଖୁ ଉତ୍ପାଦର ଟିକସ ରାଜସ୍ୱକୁ ହାରାହାରି ଯୋଗଦାନ ୨.୪% ) ଚିନ୍ତା ବୋଧହୁଏ ଘାରିଛି। ତେଣୁ କଳାବଜାରର ଅର୍ଥ କିଭଳି ଧଳା ହୋଇ ରାଜକୋଷକୁ ପୁଷ୍କଳ କରିବ ସେହି ବାଟଟି ସୃଷ୍ଟି ହେବାକୁ ବେଶି ଦିନ ଲାଗିନାହିଁ। ଇତିମଧ୍ୟରେ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଘୋଷଣା କରିଛି ଯେ ଗୁଟ୍‌ଖା ବିକ୍ରି ନିଷେଧ ହୋଇଥିଲେ ମଧ୍ୟ ତମାଖୁମୁକ୍ତ ପାନ ମସଲାର ବିକ୍ରିବଟା ହୋଇପାରିବ। ତେବେ ପ୍ରଶ୍ନ ଉଠୁଛି ପାନଦୋକାନମାନଙ୍କରେ ପଛଦ୍ୱାରରେ ନିଷିଦ୍ଧ ତମାଖୁ ବିକ୍ରିକୁ ନିୟନ୍ତ୍ରଣ କରାଯାଇପାରୁ ନ ଥିବା ବେଳେ ପାନରେ ପଡୁଥିବା ସବୁ ମସଲା ଯେ ତମାଖୁମୁକ୍ତ ହୋଇଥିବ ତାହା ନିଶ୍ଚିତ କରିବ କିଏ? ସ୍ୱାସ୍ଥ୍ୟ ବିଭାଗର ଏଭଳି ପରସ୍ପର ବିରୋଧୀ ନିଷ୍ପତ୍ତିରେ ସରକାରଙ୍କ ସ୍ୱାସ୍ଥ୍ୟ ସମ୍ବେଦନଶୀଳତା କେତେ ତାହା ବିଚାରସାପେକ୍ଷ।

ତମାଖୁ ସେବନର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ କେତେ ତାହା ଉଲ୍ଲେଖ ଅନାବଶ୍ୟକ। ଅଥଚ ଲୋକମାନେ ଏହି ଆସକ୍ତିରୁ ମୁକ୍ତ ହୋଇପାରୁନାହାନ୍ତି କି ସରକାରମାନେ ରାଜସ୍ୱ ଲୋଭରୁ ବର୍ତ୍ତିପାରୁନାହାନ୍ତି। ଫଳରେ ତମାଖୁ ସେବନକାରୀ କର୍କଟ ରୋଗାକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଉତ୍ପାଦନକାରୀ ସଂସ୍ଥା ଓ ଔଷଧ ନିର୍ମାତାଙ୍କ ପାଇଁ ବିପୁଳ ରୋଜଗାରର ସ୍ୱର୍ଗମାନ ଗଢ଼ି ଉଠୁଛି। ନିକଟରେ ପ୍ରକାଶିତ ପରିବାର ଉପଭୋକ୍ତା ଖର୍ଚ୍ଚ ସର୍ବେକ୍ଷଣ ୨୦୨୩-୨୪ ଅନୁଯାୟୀ ଆମ ଦେଶ ବିଶ୍ୱରେ 'ତମାଖୁର ଦେଶ' ଭାବେ କୁଖ୍ୟାତି ଅର୍ଜନ କରିଛି। ଏହା କେବଳ ଦେଶ ପାଇଁ ଦୁର୍ନାମ ଆଣି ଦେଇ ନାହିଁ, ଅଧିକନ୍ତୁ ଦେଶବାସୀଙ୍କ ଅର୍ଥନୈତିକ-ସାମାଜିକ ଜୀବନକୁ ଗୁରୁତର ପ୍ରଭାବିତ କରୁଛି। ୨୦୧୧ ରୁ ୨୦୨୪ ମଧ୍ୟରେ ଗୁଟ୍‌ଖା ବ୍ୟବହାର ସଂଖ୍ୟା ଗ୍ରାମୀଣ ଭାରତରେ ୫୮ ପ୍ରତିଶତ ଏବଂ ସହରୀ ଭାରତରେ ୭୭ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ଗ୍ରାମୀଣ ଓଡ଼ିଶାରେ ଏକ ଢଗ ପ୍ରଚଳିତ ଅଛି - 'ବିଡ଼ି ପାନଖିଲ ନାଟ ତାମ୍‌ସା, ଜଣା ପଡ଼େ ନାହିଁ ଟାଣେ ପଇସା।' ଉପରୋକ୍ତ ସର୍ବେକ୍ଷଣ ରିପୋର୍ଟ ମୁତାବକ ତମାଖୁରେ ମାସିକ ମୁଣ୍ଡପିଛା ଖର୍ଚ୍ଚର ପ୍ରାୟ ୧ ପ୍ରତିଶତ ଯାଉଛି। ବିଶେଷକରି ଅର୍ଥନୀତିର ସର୍ବନିମ୍ନ ୪୦ ପ୍ରତିଶତ ବର୍ଗର ୭୦% ପରିବାରରେ ଗୁଟ୍‌ଖା ବ୍ୟବହାର ସର୍ବାଧିକ। ଏ ବାବଦ ସ୍ୱାସ୍ଥ୍ୟ ହାନିଜନିତ କ୍ଷୟକ୍ଷତି ଆହୁରି ଉଦ୍‌ବେଗଜନକ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ତଥ୍ୟାନୁଯାୟୀ ତମାଖୁ ସେବନ ଯୋଗୁଁ ଭାରତରେ ବାର୍ଷିକ ହାରାହାରି ୧୩ ଲକ୍ଷ ଜୀବନ ଯାଉଛି, ଯାହା ମୋଟ ମୃତ୍ୟୁ ସଂଖ୍ୟାର ୬୩%।

ଏକ ଜନମଙ୍ଗଳ ରାଷ୍ଟ୍ରର ସରକାର ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି କେତେ ସଚେତନ ହେବା ଆବଶ୍ୟକ ତାହା ଉପରୋକ୍ତ ସରକାରୀ ତଥ୍ୟ ଇଙ୍ଗିତ କରୁଛି। ଅଥଚ ସରକାର ଜନସ୍ୱାସ୍ଥ୍ୟକୁ ଗୌଣ କରି ରାଜସ୍ୱକୁ ପ୍ରାଧାନ୍ୟ ଦେଉଛନ୍ତି। ନ ହେଲେ ପ୍ୟାକେଟ୍‌ରେ ବିକ୍ରି ଗୁଟ୍‌ଖା ପାନଖିଲରେ ଲୁଚିଛପି ଲୋକଙ୍କ ପାଟିକୁ ଯିବାର ବାଟଟିଏ ଖୋଲି ନଥା'ନ୍ତା। ଲୋକେ ତ ସୁଧୁରିବେ ନାହିଁ; ବରଂ ସରକାର ସଜାଗ ହୁଅନ୍ତୁ। ନିଷେଧାଦେଶର ଛାଟକୁ ଆହୁରି ଲମ୍ବା କରନ୍ତୁ।

## ଅର୍ଥନୀତି ଓ ମେଦବହୁଳତା

ବିକଶିତ ଭାରତ ଲକ୍ଷ୍ୟର ଆଉ ଏକ ମାନଦଣ୍ଡ ହେଉଛି ସୁସ୍ଥ ଭାରତ। କିନ୍ତୁ ପାଶ୍ଚାତ୍ୟ ଜୀବନଶୈଳୀ ଅନୁକରଣ କରୁଥିବା ଭାରତୀୟମାନଙ୍କର ଜୀବନଚର୍ଯ୍ୟା ଦ୍ରୁତ ପରିବର୍ତ୍ତିତ ହେବାରେ ଲାଗିଛି ଏବଂ ଏହାର ଗୁରୁତର ପ୍ରଭାବ ଶିଶୁ, କିଶୋର ଓ ଯୁବବର୍ଗର ଶରୀର ଉପରେ ପଡୁଛି। ସବୁଠାରୁ ଅଧିକ ଚିନ୍ତା ସୃଷ୍ଟି କରିଛି ପୃଥୁଳତା ବା ମେଦବହୁଳତା। ଏବେ ଭାରତରେ ପ୍ରତି ୮ ଜଣରେ ଜଣେ ମେଦବହୁଳତାର ଶିକାର ହୋଇଛନ୍ତି। ଏହାର ନକାରାତ୍ମକ ପ୍ରଭାବ ଦେଶର ଅର୍ଥନୀତି ପାଇଁ ଚିନ୍ତାଜନକ ହୋଇଛି। ତେଣୁ ସଂସଦରେ ଉପସ୍ଥାପିତ ସଦ୍ୟତମ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟରେ ମେଦବହୁଳତା ହ୍ରାସ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିରୁ ଏହି ସଙ୍କଟର ତୀବ୍ରତା ଅନୁମେୟ।

ଫାଷ୍ଟଫୁଡ୍ ସଂସ୍କୃତି ଏବଂ ଖାଦ୍ୟରେ ମାତ୍ରାଧିକ ତେଲ, ମସଲା ବ୍ୟବହାର ମେଦବହୁଳତାକୁ ଜନ୍ମ ଦେଉଥିବା ବେଳେ ମାତ୍ରାଧିକ ପାଠପଢ଼ା ଓ କାମ ବୋଝ, ଚିନ୍ତା ଆଦି ମଧ୍ୟ ଏହାର ଅନ୍ୟତମ କାରକ। ତେଣୁ ସନ୍ତୁଳିତ ଖାଦ୍ୟ, ନିୟମିତ ଶାରୀରିକ ବ୍ୟାୟାମ ଓ ଯୋଗ ଦ୍ୱାରା ଏହାର ନିରାକରଣ ସମ୍ଭବ। ୨୦୩୫ ସୁଦ୍ଧା ଆମ ଦେଶରେ ୮ କୋଟି ୩୦ ଲକ୍ଷ ଶିଶୁ ମେଦବହୁଳତାର ଶିକାର ହୋଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ବିକଶିତ ରାଷ୍ଟ୍ର ଗଠନରେ ଯୁବଶକ୍ତିର ଭୂମିକା ସର୍ବୋପରି ହୋଇଥିବା ବେଳେ ଶୈଶବରେ ଶରୀର ଓ ମାନସିକ ସୁସ୍ଥତା ଅପରିହାର୍ଯ୍ୟ। ତେଣୁ ଫାଷ୍ଟଫୁଡ୍ ବା ଅତ୍ୟାଧୁନିକ ଖାଦ୍ୟକୁ ଯଥାସମ୍ଭବ ନିୟନ୍ତ୍ରଣ କରିବା ଉପରେ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି।

ରିପୋର୍ଟ ଅନୁଯାୟୀ ୨୦୦୯ରୁ ୨୦୨୩ ମଧ୍ୟରେ ଭାରତରେ ଫାଷ୍ଟଫୁଡ୍‌ର ବିକ୍ରିବଟା ୧୫୦% ବୃଦ୍ଧି ପାଇଛି। ଏହାର ପ୍ରଭାବରେ ବଢ଼ିଚାଲିଥିବା ମେଦବହୁଳତା ପାଇଁ ମାନବସମ୍ବଳର ଉତ୍ପାଦକତା ହ୍ରାସ ପାଇ ଚାଲିଛି ଏବଂ ସ୍ୱାସ୍ଥ୍ୟଗତ ଖର୍ଚ୍ଚ ବୃଦ୍ଧି ପାଉଛି, ଯାହାର ପ୍ରତିକୂଳ ପ୍ରଭାବ ଅର୍ଥନୀତି ଉପରେ ପଡୁଛି। ତେଣୁ ଫାଷ୍ଟଫୁଡ୍‌କୁ ଯଥାସମ୍ଭବ ହ୍ରାସ କରିବା, ବାଇ ୱାନ୍ ଗେଟ୍ ୱାନ୍ ଫ୍ରି(ଗୋଟିଏ କିଣିଲେ ଆଉ ଗୋଟିଏ ମାଗଣା) ଭଳି ପ୍ରଲୁବ୍ଧକାରୀ ବିଜ୍ଞାପନକୁ ସକାଳ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଟିଭି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ନିଷେଧ କରିବା, ଶିଶୁ ଖାଦ୍ୟକୁ ଅଧିକ ତନଖିଯୁକ୍ତ କରିବା ଲାଗି ସର୍ଭେ ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି। ସେହିପରି ଚିନି, ଚର୍ବି ଓ ଲବଣଯୁକ୍ତ ଖାଦ୍ୟ ଉପରେ ଅଧିକ ହାରରେ ଜିଏସ୍‌ଟି ଲାଗୁ ଏବଂ ଶିକ୍ଷାନୁଷ୍ଠାନମାନଙ୍କରେ ଏ ସମ୍ପର୍କିତ ସଚେତନତା ଶିବିରକୁ ଅଧିକ ତ୍ୱରାନ୍ୱିତ କରିବାକୁ ମଧ୍ୟ ରିପୋର୍ଟ ମତ ଦେଇଛି।

# ଆଇନ୍ ବନାମ ସଂହିତା

ବୃହସ୍ପତି ସାମଲ

ଆଇନ ସମ୍ବନ୍ଧୀୟ ଆଲୋଚନାରେ 'ଆଇନ' ଓ 'ସଂହିତା' ଶବ୍ଦ ଦୁଇଟିକୁ ପ୍ରାୟ ସମାନ ଅର୍ଥରେ ବ୍ୟବହାର କରାଯାଉଥିଲେ ମଧ୍ୟ ନ୍ୟାୟଶାସ୍ତ୍ର ଦୃଷ୍ଟିରୁ ଏହି ଦୁଇଟି ଧାରଣା ମଧ୍ୟରେ ଅନେକ ମୌଳିକ ଓ ଗଭୀର ପାର୍ଥକ୍ୟ ରହିଛି, ଯାହା ଦେଶର ଶାସନ ପ୍ରଣାଳୀ ଓ ସାମାଜିକ ନ୍ୟାୟ ପ୍ରକ୍ରିୟା ଉପରେ ଦୀର୍ଘକାଳୀନ ପ୍ରଭାବ ପକାଇଥାଏ। ଏହି ପାର୍ଥକ୍ୟଟି ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଏ, ଯେତେବେଳେ ଭାରତ ଭଳି ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ର ଏକ ସୁରକ୍ଷାମୂଳକ ଓ କଲ୍ୟାଣମୁଖୀ ଶ୍ରମ ଆଇନ ବ୍ୟବସ୍ଥାରୁ ଚାରୋଟି ଶ୍ରମ ସଂହିତା ଆଧାରିତ ଏକ ସଂକଳିତ ବ୍ୟବସ୍ଥା ଆଡ଼କୁ ଗତି କରେ।

ଭାରତର ସାମ୍ପ୍ରତିକ ଶ୍ରମ ଆଇନ ସଂସ୍କାରକୁ ଭାରତର ପ୍ରମୁଖ ଶ୍ରମିକ ଓ କର୍ମଚାରୀ ସଂଗଠନଗୁଡ଼ିକ ଆରମ୍ଭରୁ ବିରୋଧ କରିଆସିଛନ୍ତି। ପୂର୍ବରୁ ଭାରତର ଶ୍ରମ ଆଇନଗୁଡ଼ିକ କେବଳ ନିୟାମକ ଉପକରଣ ନୁହେଁ, ବରଂ ସମ୍ବିଧାନର ଅନୁଚ୍ଛେଦ ୧୪, ୧୯, ୨୧, ୨୩ ଓ ରାଜ୍ୟନୀତି ନିର୍ଦ୍ଦେଶକ ସିଦ୍ଧାନ୍ତମାନଙ୍କ (ଡିରେକ୍ଟିଭ୍ ପ୍ରିନ୍ସିପୁଲ୍‌ସ ଅଫ୍ ଷ୍ଟେଟ ପଲିସି) ମାଧ୍ୟମରେ ପ୍ରତିବିମ୍ବିତ ସାମାଜିକ ଓ ଆର୍ଥିକ ନ୍ୟାୟ ଅଙ୍ଗୀକାରବଦ୍ଧତାର ପ୍ରତୀକ ଥିଲା ଏବଂ ଦଶକ ଦଶକ ଧରି ଶ୍ରମିକ ଆନ୍ଦୋଳନ, ନ୍ୟାୟିକ ବିକାଶ ତଥା ଶ୍ରମିକ, ନିଯୋଜକ ଓ ରାଜ୍ୟର ତ୍ରିପକ୍ଷୀୟ ସହମତିର ଫଳ ଥିଲା। ୨୯ଟି ଶ୍ରମ ଆଇନକୁ ଚାରିଟି ଶ୍ରମ ସଂହିତାରେ ସଂକଳନ କରାଯିବାକୁ ଯଦିଓ ସରଳୀକରଣ, ସମାନତା ଓ କାର୍ଯ୍ୟ ସମ୍ପନ୍ନ କରିବାର ସହଜତା ବୋଲି ସରକାରଙ୍କ ପକ୍ଷରୁ ଯୁକ୍ତି ହେବା ସହ ସମର୍ଥନ କରାଯାଇଛି, ବାସ୍ତବରେ କିନ୍ତୁ ଏହି ସଂହିତାକରଣ ଏକ ନିରପେକ୍ଷ ସଂଗଠନାତ୍ମକ ପ୍ରକ୍ରିୟା ନୁହେଁ, ବରଂ ଏହା ମୌଳିକ ଅଧିକାର, କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଓ କ୍ଷମତା ସମତୁଲ୍ୟତାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି, ଯାହାର ଅଧିକାଂଶ ପ୍ରଭାବ ଶ୍ରମିକମାନଙ୍କ ପାଇଁ କ୍ଷତିକାରକ। ଶ୍ରମ ଅଧିନିୟମ ବଦଳରେ କେନ୍ଦ୍ର ସରକାର ଶ୍ରମ ସଂହିତାର ପ୍ରଚଳନ ପାଇଁ ୨୧ ନଭେମ୍ବର ୨୦୨୫ରେ ରାଜପତ୍ର ବିଜ୍ଞପ୍ତି ଜାରି କରିଥିବା ବେଳେ ଭାରତବର୍ଷର ଶ୍ରମିକ ଓ କର୍ମଚାରୀ ସଂଗଠନଗୁଡ଼ିକ ସେମାନଙ୍କର ପୂର୍ବ ବିରୋଧାଭାଷକୁ ଆହୁରି ତୀବ୍ରତର କରି ଆଗାମୀ ୧୨ ଫେବୃଆରୀ ୨୦୨୬ରେ ଏକ ସର୍ବଭାରତୀୟ ସାଧାରଣ ଧର୍ମଘଟ ପାଇଁ ଡାକରା ଦେଇଛନ୍ତି। ପ୍ରଥମତଃ, ମଜୁରୀ ସଂହିତାରେ ଶ୍ରମିକ ଓ କର୍ମଚାରୀଙ୍କ ସଂଜ୍ଞା ଭିନ୍ନ ଭିନ୍ନ ଭାବେ ବର୍ଣ୍ଣନା କରାଯାଇଥିବା ବେଳେ ମଜୁରୀର ସଂଜ୍ଞାକୁ ସଙ୍କୁଚିତ ତଥା ସର୍ବନିମ୍ନ ମଜୁରୀର ସଂଜ୍ଞା କି ମାନଦଣ୍ଡ ସ୍ଥିର କରାଯାଇନାହିଁ। ସେହିଭଳି ଦୈନିକ କାର୍ଯ୍ୟ ସମୟକୁ ସରକାରଙ୍କ ଉପରେ ଛାଡ଼ି ଦିଆଯାଇଛି। ମଜୁରୀ ନିର୍ଦ୍ଧାରଣ ପାଇଁ ଉଦ୍ଦିଷ୍ଟ ପରାମର୍ଶଦାତା ବୋର୍ଡରେ କର୍ମଚାରୀ, ମାଲିକ ଓ ସ୍ୱାଧୀନ ବ୍ୟକ୍ତିବିଶେଷ ଯଦିଓ ଏକ-ତୃତୀୟାଂଶ ଭାବେ ରହିବେ, ସେମାନେ କେବଳ ଆଲୋଚନା ହିଁ କରିବେ। ବୋର୍ଡର ସୁପାରିସ ମାନିବାକୁ ସରକାର ବାଧ୍ୟ ନୁହନ୍ତି। ଅନୁରୂପଭାବେ ସଂହିତାରେ ଶ୍ରମିକମାନଙ୍କୁ ବୋନସର ପ୍ରତିଶ୍ରୁତି ଦେବା ବଦଳରେ ବୋନସରୁ ବଞ୍ଚିତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। 'ପିପୁଲ୍ସ ୟୁନିଅନ ଫର ଡେମୋକ୍ରାଟିକ ରାଇଟ୍ସ ବନାମ ଭାରତ ସରକାର (୧୯୮୨)' ମାମଲାରେ ସୁପ୍ରିମକୋର୍ଟ ନ୍ୟୂନତମ ମଜୁରୀଠାରୁ କମ୍ ଦରମାକୁ ବାଧ୍ୟତାମୂଳକ ଶ୍ରମ ବୋଲି ଘୋଷଣା କରିଥିଲେ, କିନ୍ତୁ ନୂଆ ସଂହିତା ଏହି ନୀତିକୁ ଦୁର୍ବଳ କରୁଛି।

ଦ୍ୱିତୀୟରେ, ଔଦ୍ୟୋଗିକ ସମ୍ପର୍କ ସଂହିତାରେ ନିଯୁକ୍ତିର ସଂଜ୍ଞା ପରିବର୍ତ୍ତନ କରି ସରକାର ଶ୍ରମିକମାନଙ୍କ ଅଧିକାରକୁ ଖର୍ବ କରିବା ସହ ମାଲିକମାନେ ସେମାନଙ୍କୁ ନିରଙ୍କୁଶ ଭାବେ ଶୋଷଣ କରିବାର ପଥ ପ୍ରଶସ୍ତ ଓ ପରିଷ୍କାର କରିଛନ୍ତି। ସଂହିତାରେ ନିଯୁକ୍ତିକୁ ଅସ୍ଥାୟୀ, କ୍ଷଣସ୍ଥାୟୀ ଓ ଠିକାକରଣ କରାଯାଇଛି। ବିନା ନୋଟିସ୍ କିମ୍ବା କ୍ଷତିପୂରଣରେ ଶ୍ରମିକଙ୍କୁ ବିଦା କରିବାର ନିରଙ୍କୁଶ କ୍ଷମତା ମାଲିକଙ୍କୁ ପ୍ରଦାନ କରିଛି, ଯାହା ଆକସ୍ମିକ ବେକାରୀ ସୃଷ୍ଟି କରିବ। 'ୱାର୍କମେନ ଅଫ ମୀନାକ୍ଷୀ ମିଲ୍ସ ବନାମ ମୀନାକ୍ଷୀ ମିଲ୍ସ ଲିମିଟେଡ୍(୧୯୯୨)' ମାମଲାରେ ଆକସ୍ମିକ ବେକାରୀ, ଜୀବିକା ଅଧିକାରକୁ ଆଘାତ କରିବାର ଯେଉଁ ସାମ୍ବିଧାନିକ ସମ୍ବେଦନଶୀଳତା କଥା ସୁପ୍ରିମକୋର୍ଟ କହିଥିଲେ, ତାହା ଏହି ସଂହିତାରେ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି 'ଟ୍ରେଡ୍ ୟୁନିଅନ ଅଧିନିୟମ ୧୯୨୬'ର ବିଚାରଧାରାକୁ ନଷ୍ଟ କରି ଏହି ସଂହିତା ଟ୍ରେଡ୍ ୟୁନିଅନ ପଞ୍ଜିକରଣ ଓ ପରିଚାଳନାରେ ଶ୍ରମିକମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରିଛି। ପ୍ରଚଳିତ ଆଇନକୁ ମୋଡ଼ି ମକଚି ଶ୍ରମିକ ସଂଗଠନମାନଙ୍କର ମୂଳଚାଲ କ୍ଷମତାକୁ ସଙ୍କୁଚିତ କରାଯିବା ସହ ସେମାନଙ୍କର ଧର୍ମଘଟ କରିବାର ଅଧିକାର ଉପରେ ନିଷେଧାଦେଶ ଜାରି କରାଯାଇଛି। 'ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏସନ୍ ବନାମ ନ୍ୟାଶନାଲ୍ ଇଣ୍ଡଷ୍ଟ୍ରିଆଲ ଟ୍ରାଇବୁନାଲ (୧୯୬୨)' ମାମଲାରେ ସୁପ୍ରିମକୋର୍ଟ ସଂଗଠନ ଅଧିକାରକୁ ଗଣତାନ୍ତ୍ରିକ ଶ୍ରମ ସମ୍ପର୍କର ଅବିଭାଜ୍ୟ ଅଂଶ ବୋଲି ମାନ୍ୟତା ଦେଇଥିଲେ ମଧ୍ୟ ନୂଆ ସଂହିତାଗୁଡ଼ିକ ଶିଳ୍ପ ସଂକ୍ରାନ୍ତୀୟ ବିବାଦଗୁଡ଼ିକୁ ଏକ ଆଲୋଚନାମୂଳକ ପ୍ରକ୍ରିୟା ନୁହେଁ, ବରଂ ଏକ ପ୍ରଶାସନିକ ଲକ୍ଷ୍ୟରେ ପରିଣତ କରିଛି।

ତୃତୀୟରେ, 'ଭାରତୀୟ ଜୀବନ ବୀମା ନିଗମ ବନାମ ଉପଭୋକ୍ତା ଶିକ୍ଷା ଓ ଗବେଷଣା କେନ୍ଦ୍ର (୧୯୯୫)' ମାମଲାରେ ସୁପ୍ରିମକୋର୍ଟ ସାମାଜିକ ସୁରକ୍ଷାକୁ ଜୀବନ ଅଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ଘୋଷଣା କରିଥିଲେ ହେଁ ସାମାଜିକ ନିରାପତ୍ତା ସଂହିତା ୨୦୨୦ରେ ସେହି ଅଧିକାର କେବଳ ପ୍ରତୀକାତ୍ମକ ହୋଇଯାଇଛି। ମାଲିକମାନଙ୍କୁ ସୁହେଇଲା ଭଳି ଆଇନରେ ଆବଶ୍ୟକ ପରିବର୍ତ୍ତନ ଆଣିବା ପାଇଁ ସରକାର ନିଜ ହାତକୁ କ୍ଷମତା ନେବା ସହ ସାମ୍ବିଧାନିକ ତ୍ରିପାକ୍ଷିକ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ସଂଜ୍ଞା, ଗଠନ ପ୍ରଣାଳୀ ଓ ଦାୟିତ୍ୱବୋଧକୁ ଦୁର୍ବଳ କରାଯାଇ କେବଳ ଏକ ସୁପାରିସକାରୀ ସଂସ୍ଥାରେ ପରିଣତ କରାଯିବା ଦ୍ୱାରା ଭବିଷ୍ୟନିଧି ଯୋଜନାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାର ଚକ୍ରାନ୍ତ ଅତି ସ୍ପଷ୍ଟ। ସମାନ କଥା ମଧ୍ୟ କର୍ମଚାରୀ ରାଜ୍ୟ ବୀମା ଯୋଜନାରେ ପରିଲକ୍ଷିତ। 'ଏମ୍ ସି ମେହେଟା ବନାମ ତାମିଲନାଡୁ ସରକାର (୧୯୯୬)' ମାମଲାରେ ଶିଶୁ ଶ୍ରମ ନିରୋଧ ପାଇଁ କଠୋର କାର୍ଯ୍ୟାନ୍ୱୟନ ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଥିଲେ ମଧ୍ୟ ନୂଆ ସଂହିତା ସେହି ଆଭିମୁଖ୍ୟର ଅବମୂଲ୍ୟାୟନ କରୁଛି।

ଶେଷରେ 'ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ ସଂହିତା' ପ୍ରଚଳନ ଯୋଗୁଁ ପୂର୍ବରୁ ୧୩ଟି ଅଧିନିୟମରୁ ପ୍ରାପ୍ତ ଅନେକ ସୁବିଧା ସୁଯୋଗରୁ ବହୁ ଶ୍ରମିକ ବାଦ୍ ପଡ଼ିବେ। ବିଶେଷଭାବେ ଅସଂଗଠିତ କ୍ଷେତ୍ର, ନିର୍ମାଣ, ଠିକା, ଦାଦନ, ପରିବହନ, ବିଡ଼ି ଓ ସିଗାର ଶ୍ରମିକ ଏବଂ ବହୁସଂଖ୍ୟକ ସାମ୍ବାଦିକ କ୍ଷତିଗ୍ରସ୍ତ ହେବେ। ବିଦ୍ୟୁତ ପରିଚାଳିତ କୌଣସି କାରଖାନାରେ ୨୦ ଜଣରୁ ଅଧିକ ଶ୍ରମିକ କାମ କରୁଥିଲେ, ତାହା ଏହି ସଂହିତାର ପରିସରଭୁକ୍ତ ହୋଇପାରିବ। ଅର୍ଥାତ, ଏହାଦ୍ୱାରା ଆମ ଦେଶର ବିଦ୍ୟୁତ ପରିଚାଳିତ ହେଉ ନଥିବା କାରଖାନାର ୪୦% ଶ୍ରମିକ ସଂହିତା ପରିସରବାହାରେ ରହିବାକୁ ବାଧ୍ୟ ହେବେ। ୨୦ରୁ ଊର୍ଦ୍ଧ୍ୱ ଶ୍ରମିକ ନିଯୁକ୍ତ କଲେ ଠିକାଦାରଙ୍କୁ ଶ୍ରମ କାର୍ଯ୍ୟାଳୟରୁ ଅନୁମତି ନେବାର ଆବଶ୍ୟକ ଥିଲା ବେଳେ ଏବେ ଏହି ସଂଖ୍ୟାକୁ ୫୦କୁ ବୃଦ୍ଧି କରାଯାଇଥିବାରୁ ଶ୍ରମିକମାନେ ଅଧିକ ଶୋଷିତ ହେବେ।

ଆଜିର ଦିନରେ ଭାରତବର୍ଷର ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକରେ ୫୦%ରୁ ଅଧିକ ଓ ଘରୋଇ ଉଦ୍ୟୋଗରେ ୭୦%ରୁ ଅଧିକ କାର୍ଯ୍ୟରତ ଠିକା ଶ୍ରମିକ ଏହି ସଂହିତା ପ୍ରଚଳନ ଦ୍ୱାରା କେବେ ସ୍ଥାୟୀ କର୍ମଚାରୀର ମାନ୍ୟତା ଦାବି କରିପାରିବେ ନାହିଁ। ୫୦୦ରୁ କମ୍ ଶ୍ରମିକ କାମ କରୁଥିବା କାରଖାନାରେ ନିରାପତ୍ତା କମିଟି ଓ ଅଧିକାରୀ ରହିବେ ନାହିଁ, ଯାହାଦ୍ୱାରା ୯୦% କାରଖାନାର ଶ୍ରମିକ ଏଥିରୁ ବାଦ୍ ପଡ଼ିବେ। ୨୫୦ରୁ କମ୍ ଶ୍ରମିକ କାମ କରୁଥିବା କାରଖାନାରେ ମଙ୍ଗଳ ଅଧିକାରୀ ରହିବେ ନାହିଁ କି ୧୦୦ରୁ କମ୍ ଶ୍ରମିକ କାମ କରୁଥିବା କାରଖାନାରେ କ୍ୟାଣ୍ଟିନ୍ ବ୍ୟବସ୍ଥା ରହିବ ନାହିଁ। ସେହିଭଳି, ୫୦ରୁ କମ୍ ଶ୍ରମିକ କାମ କରୁଥିବା କାରଖାନାରେ କ୍ରେଚ୍, ଖାଇବା ଗୃହ ଓ ବିଶ୍ରାମ ଗୃହ ରହିବ ନାହିଁ।

ସାମଗ୍ରିକ ଭାବେ ଶ୍ରମ ଆଇନରୁ ଶ୍ରମ ସଂହିତାକୁ ଏହି ପରିବର୍ତ୍ତନ ଏକ ଗଭୀର ଧାରଣାତ୍ମକ ପରିବର୍ତ୍ତନକୁ ପ୍ରତିବିମ୍ବିତ କରେ। ଆଇନର ଲକ୍ଷ୍ୟ ଯଦି ସାମାଜିକ ନ୍ୟାୟ ହୁଏ, ତେବେ ସଂହିତାଗୁଡ଼ିକ ସେହି ଲକ୍ଷ୍ୟରୁ ଦୂରେଇଯାଇଛି। ଶ୍ରମ ଆଇନ ବଦଳରେ ଶ୍ରମ ସଂହିତା ପ୍ରଚଳନ ହେଲେ କିଛି ନିର୍ଦ୍ଦିଷ୍ଟ ଉଦ୍ୟୋଗପତି ନିଯୁକ୍ତିଦାତାଙ୍କୁ ସୁହାଇବ ସିନା ନିରବଚ୍ଛିନ୍ନ ସଂଘର୍ଷ ଦ୍ୱାରା ପ୍ରାପ୍ତ ଦୈନିକ ନିର୍ଦ୍ଦିଷ୍ଟ ୮ ଘଣ୍ଟା କାର୍ଯ୍ୟ ସମୟ ସୀମା, ସର୍ବନିମ୍ନ ଓ ସମାନ କାମକୁ ସମାନ ମଜୁରୀ, ବୋନସ, ମହଙ୍ଗା ଭତ୍ତା, ଗସ୍ତ ଖର୍ଚ୍ଚ ଓ ଅନ୍ୟାନ୍ୟ ଆର୍ଥିକ ସୁବିଧାର ମାନ ନିର୍ଦ୍ଧାରଣ, ସାମୟିକ ଓ ଅର୍ଜିତ ଛୁଟି, ସାପ୍ତାହିକ କାର୍ଯ୍ୟ ଦିବସ, କାର୍ଯ୍ୟସ୍ଥଳୀରେ ସ୍ୱାସ୍ଥ୍ୟ ଓ ଜୀବନର ନିରାପତ୍ତା ଇତ୍ୟାଦି ସହ ଶ୍ରମିକ ସଂଗଠନର ହକ୍ ପାଇଁ କଥାବାର୍ତ୍ତାର ଅଧିକାର ସଙ୍କଟାପନ୍ନ ହେବ।

ଭୁବନେଶ୍ୱର, ମୋ: ୯୪୩୭୦୨୨୬୭୯

# ଅବସର ଅନୁଚିନ୍ତା

ସଲିଳା ତ୍ରିପାଠୀ

ପ୍ରତିମଣିଷର ମନ ଭିତରେ ବାଳକ ବାଳିକା ସମ ଚପଳତା ଏବଂ କିଶୋର କିଶୋରୀଙ୍କ ଭଳି ଚଞ୍ଚଳତା ଭରି ରହିଥାଏ, ଯାହା ପରିସ୍ଥିତି ଓ ସମୟର କାରାଗାରରେ ବନ୍ଦୀ ହୋଇଯାଏ। ସାରା ଜୀବନଟା ଆମେ କିଛି ମଣିଷ ଅବା ଅର୍ଥ ଉପାର୍ଜନ ଅଥବା ବିଭିନ୍ନ ନିଶା ପଛରେ ଦୌଡ଼ି ଦୌଡ଼ି କ୍ଲାନ୍ତ ହୋଇଯାଉ। କିନ୍ତୁ ଆମେ ନିଜେ କ'ଣ ଚାହୁଁ ତା'କୁ କେହି ପଚାରନ୍ତିନି। ଆମେ ନିଜେ ମଧ୍ୟ ନିଜକୁ ପଚାରିପାରୁନା କିମ୍ବା ହୁଏତ ସାହସ କରୁନା। ସେଥିପାଇଁ ମଣିଷ ଅବସରକୁ ଅନାଇ ବସିଥାଏ। ଇଚ୍ଛା ପୂରଣ ହେବା ପାଇଁ କୁଆଡ଼େ ଅବସର ହିଁ ଏକମାତ୍ର ସମୟ।

କୁହାଯାଏ ଖାଲି ମୁଣ୍ଡ ସୈତାନର ଘର। ପୁଣି ଏକତ୍ର ୨୪ ଘଣ୍ଟା କାହା ସହିତ ରହିଲେ ମତାନ୍ତର ହେବାର ଅନେକ ଆଶଙ୍କା ରହିଛି। ନିଜ ମନକୁ ପ୍ରଫୁଲ୍ଲ ରଖିବା ପାଇଁ ନିଜକୁ କାର୍ଯ୍ୟରେ ବୁଡ଼ାଇ ରଖିବା ଉଚିତ୍। ଯେଉଁମାନେ ସମୟ ପାଇଲେ ଜୀବନର ପ୍ରତ୍ୟେକଟି ପାହାଚରେ ନିଜକୁ ନୂତନ ଶିକ୍ଷା ଦେବା ପାଇଁ ଚେଷ୍ଟା କରନ୍ତି ସେମାନଙ୍କୁ ପ୍ରତ୍ୟେକଟି ଦିନ ଭିତ୍ତିହୀନ ଲାଗେ ନାହିଁ। କିଏ ବହି ପଢ଼େ, କିଏ ଗୀତ ଗାଏ, କିଏ କବିତା ବା ଗପ ଲେଖେ, କିଏ ରଙ୍ଗ ତୂଳୀ ଧରେ ପୁଣି କିଏ ଘର ସଜାଏ, କିଏ ଗଛ ଲଗାଏ। ପ୍ରକୃତି ସଭିଙ୍କୁ ଅଲଗା ଗୁଣରେ ତିଆରି କରିଛି। ଜଗତର ବୃକ୍ଷରାଜି, ଗୁଳ୍ମଲତା, ପଶୁପକ୍ଷୀ, ଜୀବମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ପୃଥିବୀକୁ ସଂପୂର୍ଣ୍ଣ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଅନେକ ବ୍ୟକ୍ତି ଚାକିରିରୁ ଅବସର ନେଲା ପରେ ଘରେ ବସି ବସି ବିରକ୍ତି ବୋଧ କରିଥା'ନ୍ତି। କିନ୍ତୁ ସେଇଠି ନୂତନ ଜୀବନର ଅୟମାରମ୍ଭ ହେବାର ସମ୍ଭାବନା ଭରି ରହିଛି। ମନଟାକୁ ବୃଦ୍ଧ ନକରି ବିଭିନ୍ନ ସକାରାତ୍ମକ କାର୍ଯ୍ୟରେ ନିୟୋଜିତ କଲେ ମୃତ୍ୟୁ ପର୍ଯ୍ୟନ୍ତ ଜୀବନଟା ଅସହ୍ୟ ନ ଲାଗିବା ସହ ନିଜେ ଅନ୍ୟମାନଙ୍କ ପାଇଁ ସମସ୍ୟା ଭଳି ମନେ ହେବ ନାହିଁ। ଅନାବଶ୍ୟକ ଉପଦେଶ, ଅଯଥା ହସ୍ତକ୍ଷେପ, ହୀନମନ୍ୟତା, ଦୋଷାରୋପ, ବୃଥା ମାନ ଅଭିମାନ, ତୁଳନାତ୍ମକ ମନ୍ତବ୍ୟ, ପରିବର୍ତ୍ତନକୁ ଆଗ୍ରାହ୍ୟ, ନିରୁତ୍ସାହିତା ଇତ୍ୟାଦି ଗୁଣକୁ ପ୍ରୋତ୍ସାହନ ନ ଦେଇ ନିଜକୁ ଶାରିରୀକ ଓ ମାନସିକ ଭାବେ କର୍ମଠ ରଖିଲେ ସମାଜର ଗୋଟିଏ ବର୍ଗ ଶାନ୍ତିରେ ରହିବା ସହ ଅନେକ ସାମାଜିକ ସମସ୍ୟାର ଅବସାନ ଘଟିବ। ନିଜର ବାହାଦୁରୀ ଆଉ ବଡ଼ପଣକୁ ଟିକିଏ କମେଇ ଦେଖନ୍ତୁ ଆପଣଙ୍କ ସ୍ଥାନ ଠିକ୍ ଜାଗାରେ ଅକ୍ଷୁର୍ଣ୍ଣ ରହିଛି।

ଜୀବନର ଅସରନ୍ତି ଅନୁଭୂତି ଥାଇ ଯଦି ମଣିଷ ଧୈର୍ଯ୍ୟହରା ହୁଏ ତେବେ ଅନ୍ୟମାନେ ଭୁଲ୍ କରିବା ତ ସ୍ୱାଭାବିକ। ଆମ ଅଜାଣତରେ ଘରେ ଘରେ ହେଉଥିବା ଫାଟ ସମସ୍ତ ସଂସାରକୁ ଉଜାଡ଼ି ଦେବା ଆଗରୁ ବୟୋଜ୍ୟେଷ୍ଠ ହିସାବରେ ଏତିକି ଭାବିବା କ'ଣ ଜରୁରୀ ନୁହେଁ? ଏ ଚେଷ୍ଟାରେ ଆରମ୍ଭରେ ଗଣମାଧ୍ୟମରେ କେତେ ସ୍ଥାନ ଅପୂର୍ଣ୍ଣ ରହିପାରେ ପୁଣି ବୃଦ୍ଧାଶ୍ରମରେ ମଧ୍ୟ ତାଲା ଝୁଲିପାରେ। ସହଯୋଗ ଓ ସହାବସ୍ଥାନ ମନୁଷ୍ୟର ନିତାନ୍ତ ଆବଶ୍ୟକ ଏକଥା ଭୁଲି ନଯିବା ଉଚିତ୍। ଧାର୍ମିକ ମତାନୁଯାୟୀ କୁଆଡ଼େ ଏଇ ଅବସରରେ ହିଁ ଭଗବାନଙ୍କ ନାମ ନେବା ଅପରିହାର୍ଯ୍ୟ। କିନ୍ତୁ ଯେବେ ପାଦ ଶୀଥିଳ ହୁଏ, ମୁଣ୍ଡର କେଶ ପାଚିଯାଏ, ଦୃଷ୍ଟିଶକ୍ତି କମିଯାଏ, ଦାନ୍ତ ହୁଗୁଳି ଯାଏ ସେତେବେଳେ ଆଉ କେଉଁଥି ପାଇଁ ଈଶ୍ୱରଙ୍କୁ ଡାକିବା ଦରକାର? ତା'କୁ ହୃଦୟଙ୍ଗମ ନ କରିବା ହିଁ ବିଡ଼ମ୍ବନା। ଯେଉଁମାନେ ପ୍ରକୃତରେ ଈଶ୍ୱରଙ୍କ ଠାରେ ମନ ଲଗାନ୍ତି ତାଙ୍କୁ କ'ଣ ଅନ୍ୟ କଥା ଭାବିବା ପାଇଁ ସମୟ ମିଳେ? କିଛି ଅପ୍ରିୟ ସତ୍ୟକୁ ଗ୍ରହଣ କରିନେଲେ ଜୀବନ ଆହୁରି ସହଜ ହୁଏ।

ଅବସର ଜୀବନର ଏକ ଅବସ୍ଥା, ଯାହାକୁ ଗଠନମୂଳକ ଭାବେ ଗ୍ରହଣ କରି ସମସ୍ତଙ୍କୁ ବାନ୍ଧି ରଖିବା ପାଇଁ ନିଜକୁ ଟିକେ ନୁଆଁଇ ଦେଲେ ଫଳନ୍ତି ବୃକ୍ଷ ପରି ମହାନତା କମିଯାଏନି। ବରଂ ନିଜ ମନ ଭିତରୁ ବୟସକୁ କମାଇ ଦେଇ ପିଲାମାନଙ୍କ ସାଥୀରେ ତାଳ ଦେବାକୁ ଚେଷ୍ଟା କଲେ ସେମାନଙ୍କୁ ବଞ୍ଚିବାର ଏବଂ ନିଷ୍ପତ୍ତି ନେବାର ସୁଯୋଗ ଦେବା ପାଇଁ ବିଚାର କଲେ ଗୋଟିଏ ସୁନ୍ଦର ପୃଥିବୀ ତିଆରି ହୋଇପାରେ। ଅବସର ସମୟଟି ନିଜ ପାଇଁ ଏବଂ ଅନ୍ୟମାନଙ୍କ ପାଇଁ ବୋଝ ସଦୃଶ ମନେ ହୁଏ ନାହିଁ। ପାରମ୍ପରିକ, ଶୃଙ୍ଖଳିତ, କର୍ତ୍ତବ୍ୟନିଷ୍ଠ, ସଂଭ୍ରମଶୀଳ ହେଉ ହେଉ ମଣିଷ ନିଜ ଭିତରର ମନଟାକୁ ବଳି ପକାଏ। ପରୀକ୍ଷାମୂଳକ ଭାବରେ ଜଣେ ନୀତିନିଷ୍ଠ ବୟୋଜ୍ୟେଷ୍ଠଙ୍କୁ ଆନନ୍ଦମୂଳକ କାର୍ଯ୍ୟକ୍ରମରେ ସାମିଲ୍ କରାଗଲେ ତାଙ୍କ ଅନ୍ତର ବି ଖୁସି ହୋଇଯାଏ ଯାହା ସେ ସମ୍ମାନ ଭୟରେ ପରିପ୍ରକାଶ କରନ୍ତି ନାହିଁ। ଜଣେ ସତୁରୀ ବର୍ଷର ବୃଦ୍ଧା ସପ୍ତାହରେ ଦୁଇଦିନ ସଂଗୀତ ଶିକ୍ଷା ପାଇଁ ଯାଆନ୍ତି। ପଚାରିବାରୁ କହିଲେ ଜନ୍ମାନ୍ତରକୁ ବିଶ୍ୱାସ ନ କରି ମଧ୍ୟ ଲାଗୁଛି ମୋର ସଂଗୀତ ଶିକ୍ଷାର ଅଭିଳାଷଟି ଜନ୍ମାନ୍ତରରେ ହିଁ କାମରେ ଲାଗିବ। ତାଙ୍କର ଏହି ଦୃଢ଼ୋକ୍ତି ପ୍ରତ୍ୟେକଟି ବୟୋବୃଦ୍ଧଙ୍କୁ ଆଶାର କିରଣ ଯୋଗାଇବ ବୋଲି ବିଶ୍ୱାସ। ସେଥିପାଇଁ ଅବସରକୁ ଅପେକ୍ଷା ନକରି ବେଳ ଥାଉଁଥାଉଁ ନିଜ ଅନ୍ତରର ଇଚ୍ଛାକୁ ଟିକେ ଅବସର ଦେଲେ ଅସୁବିଧା କ'ଣ? ହୁଏତ ଏଇ ଅବସରକୁ ଖୋଜିବାରେ ଅବସର ମିଳିବ ନାହିଁ, ଯେବେ ଜୀବନ ଆମକୁ ସେ ଅବସର ଦେବ ନାହିଁ।

ହନୁମାନ ଗଦି(ବୋଲଗଡ଼),
ମୋ: ୮୭୬୩୭୮୮୬୧୪

# ଆମ ବୃକ୍ଷଲତା ଆମ ଜୀବନ

## ଗୁଡ଼ମାରି
(Cowplant or Gurmar -Gymnema sylvestre)

### ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଗୁଡ଼ମାରି ଏସିଆ, ଆଫ୍ରିକା ଓ ଅଷ୍ଟ୍ରେଲିଆର ଏକ ମୂଳଜାତ ଲତା। ଐତିହାସିକ ଯୁଗରୁ ଏହାର ଔଷଧୀୟ ବ୍ୟବହାର ବିଷୟରେ ସୂଚନା ରହିଛି। ଏହାର ସାଧାରଣ ନାମ ହିନ୍ଦୀ ଶବ୍ଦ 'ଗୁରମାର'ରୁ ଆସିଛି। 'ଗୁର' ଅର୍ଥ 'ଚିନି ବା ମିଠା ବା ସୁଆଦ' ଓ 'ମାର' ଅର୍ଥ 'ବିନାଶକ'।

୮ ମିଟର ପର୍ଯ୍ୟନ୍ତ ବଢ଼ିପାରୁଥିବା ଗୁଡ଼ମାରି ଏକ ବହୁବର୍ଷୀୟ କାଷ୍ଠ ଲତା, ଯାହାର ଶାଖାଗୁଡ଼ିକ କ୍ଷୁଦ୍ର କେଶଯୁକ୍ତ। ପତ୍ରଗୁଡ଼ିକ ଡେମ୍ଫଯୁକ୍ତ, ସରଳ। ପ୍ରତ୍ୟେକ ଗଣ୍ଠିରୁ ବିପରୀତ ଭାବେ ଦୁଇଟି ପତ୍ର ଉତ୍ପନ୍ନ ହୁଏ। ପତ୍ର ଶୀରା ୩ ଯୋଡ଼ା, ଆକାରରେ ଲମ୍ବିତ-ଡିମ୍ବାକାର, ଶୀର୍ଷ ଭାଗ ତୀବ୍ର ଧାର ସମ୍ପନ୍ନ। ପତ୍ରଗୁଡ଼ିକର ପୃଷ୍ଠ ନରମ କେଶ ଯୁକ୍ତ। ଫୁଲଗୁଡ଼ିକ ଡେମ୍ଫଯୁକ୍ତ, ହଳଦିଆ, ଲୋମଶ, ପତଳା। ଫଳଟି ଏକ ରେଖୀୟ, ଯୋଡ଼ା ଫଲିକଲ୍; ଗାଢ଼ ସବୁଜ, ମଝିରେ ଫୁଲା। ବିହନଗୁଡ଼ିକ ଛୋଟ, ସଙ୍କୁଚିତ, ଅନେକ, ଅଣ୍ଡାକାର, ମାଟିଆ-ଧଳା ଓ ରେଶମୀ କେଶ ସହିତ। ଲାଟେକ୍ସ ବା ଗଛର ରସ କ୍ଷୀର ପରି ଧଳା। ବର୍ଷସାରା ଫୁଲ ଫୁଟେ ଏବଂ ଅକ୍ଟୋବରରୁ ଫଳ ଦିଏ।

ଗୁଡ଼ମାରି ଲତା ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ। ମିଠା ଲାଳସା କମାଇବା, ଉଚ୍ଚ ରକ୍ତ ଶର୍କରା, ଚର୍ବି ସ୍ତର, ଓଜନ, କୋଲେଷ୍ଟ୍ରଲ୍, ଟ୍ରାଇଗ୍ଲିସରାଇଡ୍ସ ଆଦି ହ୍ରାସ ସହିତ ଚକ୍ଷୁ ରୋଗ, ଆଲର୍ଜି, କୋଷ୍ଠକାଠିନ୍ୟ, କାଶ, ଦନ୍ତ କ୍ଷୟ, ସ୍ଥୂଳତା, ପେଟ ରୋଗ, ଭାଇରାଲ୍ ବା ଭୂତାଣୁ ସଂକ୍ରମଣ, ମ୍ୟାଲେରିଆ, ଗଣ୍ଠି ରୋଗ, ହାଡ଼ ରୋଗ ଆଦି ଚିକିତ୍ସାରେ ଗୁଡ଼ମାରି ଏକ ଅବ୍ୟର୍ଥ ଔଷଧ। ଏହାକୁ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିମାଇକ୍ରୋବାୟଲ୍ ଓ ଆଫ୍ରୋଡିସିଆକ୍ ଭାବରେ ମଧ୍ୟ ବ୍ୟବହାର କରାଯାଏ। ଏହା ମଧ୍ୟ ଯକୃତକୁ ବିପାକ କରେ ଏବଂ ଶରୀରରୁ ବିଷାକ୍ତ ପଦାର୍ଥକୁ ନିଷ୍କାସନ କରେ, ଯାହା ରୋଗୀଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଓ ସୁସ୍ଥତା ପାଇଁ ଲାଭଦାୟକ। ଗୁଡ଼ମାରିର ମୃଦୁ କଫ ହ୍ରାସ ଗୁଣ ରହିଥିବା ହେତୁ ଶ୍ୱାସକ୍ରିୟାରେ ସ୍ଥିରତା ରକ୍ଷା କରେ। ଗୁଡ଼ମାରି ପତ୍ର ଚୋବାଇବା ପରେ ପରେ ଚିନି ପାଟିରେ ଦେଲେ ମିଠା ଲାଗେ ନାହିଁ। ଏଥିରେ ପ୍ରମୁଖ ଜୈବିକ ଉପାଦାନ ଜିମ୍ନେମିକ୍ ଏସିଡ୍, ଟ୍ରାଇଟରପେନଏଡ୍ ସାପୋନିନ୍‌ର ଏକ ଶ୍ରେଣୀ, ଯାହା ସୁକ୍ରୋଜ୍ (ଚିନି), ଷ୍ଟେଭିଆ, ଜାଇଲିଟୋଲ୍ ଓ ଆସ୍ପାର୍ଟେମ୍ ଭଳି କୃତ୍ରିମ ମିଠାରୁ ଜିଭରେ ମିଠା ସ୍ୱାଦକୁ ଦମନ କରିବାର ପ୍ରଭାବ ଥାଏ। ଏହାର ପତ୍ରରେ ଅନ୍ୟାନ୍ୟ ଜୈବ ରାସାୟନିକ ତତ୍ତ୍ୱ ମଧ୍ୟରେ ଟ୍ରାଇଟରପେନଏଡ୍ ସାପୋନିନ୍, ଫ୍ଲାଭୋନୋଲ୍ସ, ଗୁରମାରିନ୍, ଫ୍ଲାଭୋନ୍, ଆନ୍ଥ୍ରାକ୍ୱିନୋନ୍, ହେଣ୍ଟ୍ରି-ଆକୋଣ୍ଟେନ, ପେଣ୍ଟାଟ୍ରିଆକୋଣ୍ଟେନ, ଆଲ୍‌ଫା ଓ ବିଟା କ୍ଲୋରୋଫିଲ୍ସ, ଫାଇଟିନ୍, ରେଜିନ୍, ଡି-କ୍ୱେର୍ସିଟଲ୍, ଟାର୍ଟାରିକ ଏସିଡ୍, ଫର୍ମିକ ଏସିଡ୍, ବ୍ୟୁଟିରିକ ଏସିଡ୍, ଲୁପିଓଲ୍, ବିଟା-ଆମିରିନ୍ ସମ୍ବନ୍ଧୀୟ ଗ୍ଲାଇକୋସାଇଡ୍ ଓ ଷ୍ଟିଗମାଷ୍ଟେରୋଲ୍ ଭଳି ଉପାଦାନ ଭରପୂର ଥାଏ।

ଗୁଡ଼ମାରି ଶୁଷ୍କ ଚିରହରିତରୁ ଆର୍ଦ୍ର ଜଙ୍ଗଲରେ, ସମତଳ ଭୂମିରେ, ଲାଲ ବାଲିଆ ଦୋରସା କିମ୍ବା ମଧ୍ୟମ ଗଭୀର କଳା ମାଟିରେ ବଢ଼ିଥାଏ। ଏହି ଗଛର ବିହନ କିମ୍ବା କଟା କାଣ୍ଡ ଦ୍ୱାରା ବଂଶବିସ୍ତାର କରାଯାଇପାରିବ। ଏହା ଉଷ୍ମମଣ୍ଡଳୀୟ ଏବଂ ଉପ-ଉଷ୍ମମଣ୍ଡଳୀୟ ଜଳବାୟୁକୁ ପସନ୍ଦ କରେ, କିନ୍ତୁ ଶୁଷ୍କ ଅଞ୍ଚଳରେ ମଧ୍ୟ ବଢ଼ିଥାଏ। ଲତାଟି ଜଳବନ୍ଦୀ ପ୍ରତି ସମ୍ବେଦନଶୀଳ ଏବଂ ତେଣୁ ଏପରି ମାଟିରେ ଏହାର ଚାଷ ଏଡ଼ାଇବା ଉଚିତ। ୩-୪ ବର୍ଷ ବୟସର ଏକ ଗଛ ୫-୬ କିଲୋଗ୍ରାମ ଶୁଖିଲା ପତ୍ର ଉତ୍ପାଦନ କରିପାରିବ। ଚାରା ଲଗାଇବା ପାଇଁ ସର୍ବୋତ୍ତମ ଋତୁ ହେଉଛି ଜୁନ୍-ଜୁଲାଇ।

ଫସଲର ଉତ୍ପାଦନ ବୃଦ୍ଧି ପାଇଁ ଗଛ ଚାରିପାଖରେ ଥିବା ଏକମିଟର ଅଞ୍ଚଳରୁ ଅନାବନା ଘାସ ଲତା ଉପାଡ଼ି ସଫା ରଖିବା ଆବଶ୍ୟକ। ଜୈବିକ ସାର ଭାବରେ ନିମ ଆଧାରିତ ସାର; ଜୈବିକ କୀଟନାଶକ ଇତ୍ୟାଦି ବ୍ୟବହାର କରାଯାଇପାରିବ। କୀଟ ନିୟନ୍ତ୍ରଣ ପାଇଁ ଜୈବ ଉଦ୍ଭିଦ ଔଷଧ ଯାହା ପ୍ରାୟତଃ ରସୁଣ, ବେଗୁନିଆ, ନାଗୁଆରି, ମାଧବି, ଅରଖ ମିଶ୍ରିତ ପ୍ରୟୋଗ କରାଯାଇପାରେ। ଥ୍ରିପ୍ସ, ମାଇଟ୍ ଓ ସବୁଜ ମାଛି ହେଉଛି ଗୁଡ଼ମାରିକୁ ଆକ୍ରମଣ କରୁଥିବା ଗୁରୁତ୍ୱପୂର୍ଣ୍ଣ କୀଟ, ଯାହାକୁ ଡାଇମେଥୋଏଟ୍, ମୋନୋକ୍ରୋଟୋଫସ୍ ସ୍ପ୍ରେ କରି ନିୟନ୍ତ୍ରଣ କରାଯାଇପାରିବ (୧ ମିଲି/ଲି)। ପାଉଡର ମିଲ୍ଡ୍ ଏବଂ ପତ୍ର ଦାଗ ହେଉଛି ପ୍ରମୁଖ ରୋଗ ଏବଂ ୧୦-୧୫ ଦିନ ବ୍ୟବଧାନରେ ୩ ଗ୍ରାମ ଜଳ ଦ୍ରବଣୀୟ ସଲଫର୍ (କିମ୍ବା) ୨ ଗ୍ରାମ ମାଙ୍କୋଜେବ୍ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରି ନିୟନ୍ତ୍ରଣ କରାଯାଇପାରିବ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆର୍ଥିକ ପ୍ରଗତିର ପେଣ୍ଠସ୍ଥଳୀ ହେବ ଓଡ଼ିଶା: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧।୨(ସମିସ): ପୂର୍ବ ଭାରତର ଆର୍ଥିକ ପ୍ରଗତିର ପେଣ୍ଠସ୍ଥଳୀ ଭାବେ ଓଡ଼ିଶାକୁ ଗଢ଼ିତୋଳିବା ପାଇଁ କେନ୍ଦ୍ର ବଜେଟ୍‌ରେ ଏକ ଶକ୍ତିଶାଳୀ ବ୍ଲୁପ୍ରିଣ୍ଟ ପ୍ରଦାନ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଯୁବଶକ୍ତି-କେନ୍ଦ୍ରିକ, ଭବିଷ୍ୟତବାଦୀ, ଜନହିତକର ଏବଂ ନିଯୁକ୍ତିଭିତ୍ତିକ ବଜେଟ୍ ପାଇଁ ସେ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ବଜେଟ୍‌ରୁ ଗରିବ ଏବଂ ମଧ୍ୟବିତ୍ତ ପରିବାର ବିଶେଷଭାବେ ଲାଭାନ୍ୱିତ ହେବେ। ବିଶେଷ କରି ଓଡ଼ିଶା ପାଇଁ ବ୍ରାହ୍ମଣୀ ଓ ମହାନଦୀ ଦେଇ ତାଳଚେର-ଅନୁଗୋଳ ଠାରୁ ପାରାଦୀପ-ଧାମରା ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ଜଳପଥର ବିକାଶ ହେବ। ରାଜ୍ୟରେ ନୂତନ 'ରେୟାର ଆର୍ଥ କରିଡର'ର ପ୍ରତିଷ୍ଠା ଓଡ଼ିଶାର ଶିଳ୍ପ ଓ ଖଣିଜ ଭିତ୍ତିଭୂମିକୁ ଏକ ନୂତନ ସ୍ତରକୁ ନେବ। ପୂର୍ବୋଦୟ ରାଜ୍ୟଗୁଡ଼ିକ ପାଇଁ ଉଦ୍ଦିଷ୍ଟ 'ଇଷ୍ଟ-କୋଷ୍ଟ ଡେଭଲପମେଣ୍ଟ କରିଡର', ପୂର୍ବରେ ଦାନକୁନିରୁ ସୁରଟକୁ ସଂଯୋଗ କରୁଥିବା ନୂତନ ଫ୍ରେଟ୍ କରିଡର ଜରିଆରେ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ଓ ବାଣିଜ୍ୟର ବ୍ୟାପକ ସୁଯୋଗ ସୃଷ୍ଟି ହେବ।



ପୂର୍ବ ଭାରତରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ ପ୍ରତିଷ୍ଠା ରାଜ୍ୟର ଅଭିବୃଦ୍ଧିକୁ ଗତି ପ୍ରଦାନ କରିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମତ୍ସ୍ୟଜୀବୀ ସଂଗଠନଗୁଡ଼ିକୁ ଷ୍ଟାର୍ଟଅପ୍ ମାଧ୍ୟମରେ ବଜାର ସହ ଯୋଡ଼ି ଉପକୂଳବର୍ତ୍ତୀ ଅଞ୍ଚଳରେ ମତ୍ସ୍ୟ ଚାଷକୁ ସୁଦୃଢ଼ କରାଯିବ। ଫଳରେ ଓଡ଼ିଶାର ଉପକୂଳ ଅଞ୍ଚଳରେ ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହେବ। ଓଡ଼ିଶା ସମୁଦ୍ର କୂଳରେ ଭିତରକନିକା ପରି ସ୍ଥାନଗୁଡ଼ିକରେ 'ଟର୍ଟଲ ଟ୍ରେଲ୍ସ' ଭଳି ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ପରିଚୟ ଦେବା ସହ ଅର୍ଥନୀତିକୁ ମଜଭୂତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ପରଲୋକରେ ପୂର୍ବତନ ସାଂସଦ ସୁଶୀଳା ତିରିଆ

ବାରିପଦା, ୧।୨(ସମିସ): ମୟୂରଭଞ୍ଜର ପୂର୍ବତନ ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ସୁଶୀଳା ତିରିଆଙ୍କ ରବିବାର ସନ୍ଧ୍ୟାରେ ପରଲୋକ ଘଟିଛି। ଭୁବନେଶ୍ୱର ଏମସ୍ ଡାକ୍ତରଖାନାର ଆଇସିୟୁ ଭେଣ୍ଟିଲେଟରରେ ଚିକିତ୍ସାଧୀନ ଥିବାବେଳେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଡିସେମ୍ବର ୫ ତାରିଖରୁ ଅସୁସ୍ଥତା ପାଇଁ ସେ ଭର୍ତ୍ତି ହୋଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ମୟୂରଭଞ୍ଜ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ମୟୂରଭଞ୍ଜ ଜିଲ୍ଲା କଲୁଆଖାମନ ଗ୍ରାମରେ ୧୯୫୬ ମସିହାରେ ଜନ୍ମିତ ସ୍ୱର୍ଗତ ତିରିଆ ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ପ୍ରତିନିଧିତ୍ୱ କରୁଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବି.ଏ. ଡିଗ୍ରୀ ହାସଲ କରିଥିଲେ। ୨୪ ବର୍ଷ ବୟସରେ ସୁଶୀଳା ତିରିଆ ଯୁବ କଂଗ୍ରେସ (ଆଇ)ରେ ଯୋଗ ଦେଇଥିଲେ ଏବଂ ୧୯୮୩ ଓ ୧୯୮୪ ମସିହାରେ ଯଥାକ୍ରମେ ମୟୂରଭଞ୍ଜ ଜିଲ୍ଲାର ସଭାପତି ଓ ଉପସଭାପତି ହୋଇଥିଲେ। ୧୯୮୬ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ସେ ୧୯୮୬-୮୭ରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପରମାଣୁ ଶକ୍ତି ଏବଂ ସମୁଦ୍ର ବିକାଶ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟା, ୧୯୮୭-୮୮ରେ ନାଗରିକ ବିମାନ ପରିବହନ ମନ୍ତ୍ରଣାଳୟର ଏବଂ ୧୯୮୮-୮୯ରେ ଯୋଗାଯୋଗ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟା ଭାବେ କାର୍ଯ୍ୟ କରିଥିଲେ। ୧୯୮୭ରୁ ୧୯୯୩ ପର୍ଯ୍ୟନ୍ତ ସେ ଭାରତୀୟ ଯୁବ କଂଗ୍ରେସର ଜେନେରାଲ ସେକ୍ରେଟାରୀ ଭାବେ କାର୍ଯ୍ୟ କରିଥିଲେ। ସେ ୧୯୮୮-୮୯ରେ ସରକାରୀ ଆଶ୍ୱାସନା କମିଟି ଏବଂ ୧୯୮୯-୯୨ରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟା ଥିଲେ। ୧୯୯୪ ମସିହାରେ ସେ ଦଶମ ଲୋକସଭା ନିର୍ବାଚନରେ ଏକ ଅନୁସୂଚିତ ଜନଜାତି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ମୟୂରଭଞ୍ଜରୁ ବିଜୟୀ ହୋଇଥିଲେ। ସେହି କାର୍ଯ୍ୟକାଳ ସମୟରେ ୧୯୯୪ରୁ ୧୯୯୬ ପର୍ଯ୍ୟନ୍ତ ସେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ବନ ଓ ପରିବେଶ ଏବଂ ଖାଦ୍ୟ ଓ ନାଗରିକ ଯୋଗାଣ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟା ଥିଲେ। ୧୯୯୫ ମସିହାରୁ ସେ ଅଲ ଇଣ୍ଡିଆ କଂଗ୍ରେସ କମିଟିର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରୁଥିବା ସହିତ ୧୯୯୬ରେ ଲୋକସଭା ସଦସ୍ୟା ଭାବେ ପୁଣି ନିର୍ବାଚିତ ହୋଇଥିଲେ।



## ଏ ବଜେଟ କର୍ପୋରେଟ ଜଗତ ପାଇଁ ଉଦ୍ଦିଷ୍ଟ


# ଜନତା ଉପେକ୍ଷିତ, ଓଡିଶାକୁ ପୁଣି ଠକିଲେ: ଭକ୍ତ

ଭୁବନେଶ୍ୱର,୧।୨(ସମିସ): ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଗତ କରିଥିବା ବଜେଟ ସମ୍ପୂର୍ଣ୍ଣ ଦିଗହୀନ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରବିବାର ପିସିସି ସଭାପତି ବଜେଟ୍ ସମ୍ପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଏହି ବଜେଟ କୃଷକ ଯୁବକ, ଗରିବ ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତଙ୍କ ମଧ୍ୟରୁ କାହାକୁ ଖୁସି କରିପାରିନାହିଁ। ଯୁବକ ମାନଙ୍କ ପାଇଁ କର୍ମ ନିଯୁକ୍ତିର କୌଣସି ଯୋଜନା ନାହିଁ। ପୂର୍ବ ବଜେଟ ଅନୁସାରେ ସରକାର ଏକଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିପାରି ନାହାନ୍ତି। ୨୦୨୪-୨୫ ପର୍ଯ୍ୟନ୍ତ ଦେଶ ଉପରେ ଋଣ ୧୯୦ ଲକ୍ଷ କୋଟି ହୋଇଯାଇଛି, ଯାହା ୟୁପିଏ ସମୟରେ ୫୫ ଲକ୍ଷ କୋଟି ଥିଲା। ଏଇ ୧୨ ବର୍ଷରେ ସରକାର ୧୩୫ ଲକ୍ଷ କୋଟି ଅଧିକ ଋଣ କରିସାରିଲେଣି। ଏହାସହିତ ୨୦୨୬-୨୭ ବେଳକୁ ପୁଣି ୧୭.୨ ଲକ୍ଷ କୋଟି ଋଣ କରାଯିବ। ୟୁପିଏ ସମୟରେ ଥିବା ଘରୋଇ ସଂଚୟ ୭.୪ ପ୍ରତିଶତକୁ ଖସିଆସି ୫.୩ ପ୍ରତିଶତ ହୋଇଯାଇଛି। ଶିକ୍ଷିତ ଯୁବକ ମାନଙ୍କ ବେକାରି ସମସ୍ୟା ଅତି ଉତ୍କଟ। ଶିକ୍ଷିତ ଗ୍ରାଜ୍ୟୁଏଟ ମାନଙ୍କ ବେକାରୀହାର ୨୬.୩ ପ୍ରତିଶତରେ ପହଁଚିଛି। ଉପାର୍ଜନ ଅସମତାରେ ଆମ ଦେଶ ବର୍ତ୍ତମାନ ଶୀର୍ଷରେ ଅଛି। ଏହାକୁ ରୋକିବା ପାଇଁ ସରକାରଙ୍କ କୋଣସି ଯୋଜନକ୍ଷ ନାହିଁ। ଓଡିଶା କେନ୍ଦ୍ର ରାଜସ୍ୱ ଆଦାୟର କୋଣସି ଭାଗ ପାଇବାର ବ୍ୟବସ୍ଥା ନାହିଁ। ବଜେଟରେ ଘୋଷଣା ହୋଇଥିବା କେନ୍ଦୁଝର, ପାରାଦ୍ୱୀପ ଆନ୍ତଃଜଳ ଗମନାଗମନ ଏକ ଧୂଆଁ ବାଣ ଛଡା କିଛି ନୁହଁ। କାରଣ ବାଜପେୟୀଙ୍କ ସରକାର ମଧ ଏହି ମହତ୍ୱକାଂକ୍ଷୀ ଯୋଜନାର ଘୋଷଣା କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ସ୍ୱପ୍ନ ହୋଇ ରହିଯାଇଛି। ସରକାର ପ୍ରଥମେ ଭୀଷଣ ଭାବରେ ପ୍ରଦୂଷିତ ହେଉଥିବା ମହାନଦୀ ଓ ବୈତରଣୀ ନଦୀକୁ ରକ୍ଷା କରନ୍ତୁ। ଇଷ୍ଟକୋଷ୍ଟ ଫ୍ରାଇଟ କରିଡର ତିଆରି ହେବାର ଯୋଜନା ଅଛି। ଏହା ବହୁତ ସୁନ୍ଦର ପଦକ୍ଷେପ। ତେବେ ସରକାର ସ୍ପଷ୍ଟ କରନ୍ତୁ ଏହା ତାଙ୍କ ବନ୍ଧୁ ଅମ୍ବାନୀ, ଅଦାନୀ, ଆଦି ଶିଳ୍ପପତିଙ୍କ ସ୍ୱାର୍ଥ ପାଇଁ ନୁହେଁ ତ? ୭ ଟି ସ୍ପିଡ୍ ରେଲ କରିଡର ଘୋଷଣା ହେଇଛି। କିନ୍ତୁ ଏଥିରେ ଓଡିଶାର ନାମ ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଭକ୍ତ କହିଛନ୍ତି। ଓଡ଼ିଶାରେ କୌଣସି ସରକାରୀ ଚାକିରୀ ପାଇଁ ପରୀକ୍ଷା ସରକାର କରି ପାରି ନାହାନ୍ତି। କଣ୍ଟ୍ରାକଚୁଆଲ ଭିତ୍ତିରେ ଚାକିରୀ ଦେଉଛନ୍ତି। ଏଭଳି ସ୍ଥଳେ ଯୁବକ ମାନଙ୍କ ପାଇଁ ଏହି ବଜେଟ କେମିତି ଖୁସି ଆଣିବ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି।



# 'କେନ୍ଦ୍ର ବଜେଟ୍ ଏକ ପ୍ରଗତିଶୀଳ ପଦକ୍ଷେପ'

ଭୁବନେଶ୍ୱର, ୧।୨(ସମିସ):ଚଳିତ ବଜେଟକୁ ଏକ ଅତ୍ୟନ୍ତ ପ୍ରଗତିଶୀଳ ଏବଂ ଶିଳ୍ପ ଅନୁକୂଳ ବଜେଟ୍ ଭାବେ ଅଭିହିତ କରିଛନ୍ତି ଓଡ଼ିଶା ଶିଳ୍ପ ସଂଘର ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ। ଏହି ବଜେଟରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଗୁଡ଼ିକର ଅଭିବୃଦ୍ଧି ପାଇଁ ଏକ ତିନିମୁଖୀ ରଣନୀତି ଆପଣା ଯାଇଥିବା ବେଳେ ଓଡ଼ିଶାର ଭିତ୍ତିଭୂମି ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି।



ଏମଏସଏମଇ ଗୁଡ଼ିକ ପାଇଁ ୧୦,୦୦୦ କୋଟି ଟଙ୍କାର ଏକ ଏସଏମଇ ଗ୍ରୋଥ ଫଣ୍ଡ ସୃଷ୍ଟି କରାଯାଇଛି। ଏହା କ୍ଷୁଦ୍ର ଉଦ୍ୟୋଗୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ। ଏମଏସ୍‌ଏମଇମାନଙ୍କ ଆବଶ୍ୟକତା ପୂରଣ ପାଇଁ ଟିଆରଇଡିଏସ୍ ପ୍ଲାଟଫର୍ମ ଜରିଆରେ ୭ ଲକ୍ଷ କୋଟି ଟଙ୍କାର ଋଣ ସୁବିଧା ଉପଲବ୍ଧ କରାଯାଇଛି, ଯାହା ବ୍ୟବସାୟ ପରିଚାଳନାକୁ ସହଜ କରିବ। ଉଦ୍ୟୋଗଗୁଡ଼ିକୁ ଶସ୍ତା ମୂଲ୍ୟରେ ଆଇନଗତ ଅନୁପାଳନ ଶିକ୍ଷା ଦେବା ପାଇଁ "କର୍ପୋରେଟ୍ ମିତ୍ର" ପଦକ୍ଷେପ ଆରମ୍ଭ କରାଯାଇଛି। ଏଥିସହ ବଜେଟରେ ଆଗାମୀ ୫ବର୍ଷ ମଧ୍ୟରେ ୨୦ଟି ନୂତନ ଜଳପଥ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିରେ ଓଡ଼ିଶାର ଜାତୀୟ ଜଳପଥ-୫କୁ ପ୍ରାଥମିକତା ଦିଆଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଖଣିଜ ସମ୍ପଦଭରା ତାଳଚେର ଓ ଅନୁଗୋଳ ଅଞ୍ଚଳ ସହ ଶିଳ୍ପସମୃଦ୍ଧ କଳିଙ୍ଗ ନଗରକୁ ପାରାଦୀପ ଓ ଧାମରା ବନ୍ଦର ସହ ସଂଯୋଗ କରାଯିବ। ଏହି ଜଳପଥ କରିଡର୍ ଓଡ଼ିଶାର ଶିଳ୍ପ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବା ସହ ରାଜ୍ୟର ହଜାର ହଜାର ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ବ୍ୟାପକ ରୋଜଗାର ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ କାନୁନ୍‌ଗୋ ଆଶାବ୍ୟକ୍ତ କରିଛନ୍ତି।

# ଶିକ୍ଷାକୁ ସମାପ୍ତ କରିବା ପାଇଁ ବଜେଟ୍: ଏଆଇଏସ୍‌ଏଫ୍

ଭୁବନେଶ୍ୱର, ୧।୨(ସମିସ): ବଜେଟ୍‌ରେ ଶିକ୍ଷା କ୍ଷେତ୍ରକୁ ଅବହେଳା କରାଯାଇଛି। ପୂର୍ବ ତୁଳନାରେ ସ୍ୱଳ୍ପ ଅନୁଦାନ ଦିଆଯାଇଛି। ଏହା ଦେଶର ଆବଶ୍ୟକତାକୁ ପୂରଣ କରିପାରିବ ନାହିଁ। କେନ୍ଦ୍ର ସରକାର ଏକ ଛାତ୍ର ବିରୋଧୀ ବଜେଟ୍ ଉପସ୍ଥାପନ କରିଥିବା ଅଖିଳ ଭାରତ ଛାତ୍ର ସଙ୍ଘ (ଏଆଇଏସ୍‌ଏଫ୍) ପକ୍ଷରୁ ଅଭିଯୋଗ କରାଯାଇଛି। ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା କହିଛନ୍ତି ଯେ ଶିକ୍ଷା ମନ୍ତ୍ରାଳୟ ପାଇଁ ଆନୁମାନିକ ଆବଶ୍ୟକତା ୭୮,୪୯୬.୨୨ କୋଟି ଟଙ୍କା ରହିଥିବାବେଳେ ମାତ୍ର ୫୫,୭୨୭ କୋଟି ଟଙ୍କା ଦିଆଯାଇଛି। ୨୦୨୫-୨୬ ବଜେଟ୍‌ରେ ଶିକ୍ଷା ପାଇଁ ଆନୁମାନିକ ଜିଡିପିର ମାତ୍ର ୦.୩୯% ବିନିଯୋଗ କରିବା ସୂଚାଯାଉଛି ଯେ କେନ୍ଦ୍ର ସରକାର ଶିକ୍ଷାଦାନ ଦାୟିତ୍ୱରୁ ପଛକୁ ହଟୁଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଛାତ୍ରୀ ନିବାସ ଯୋଜନା ପାଇଁ କୌଣସି ଅନୁଦାନ ନ ଦେଇ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି। ଫଳର ଉଚ୍ଚଶିକ୍ଷା କ୍ଷେତ୍ରରେ ମହିଳାଙ୍କ ପଥ ଅବରୋଧ ହେବ। ଡିଜିଟାଲ୍ ଇଣ୍ଡିଆ ଲର୍ଣ୍ଣିଂ ପାଠ୍ୟକ୍ରମରେ ପୂର୍ବ ବର୍ଷ ୧,୫୭୫ କୋଟି ଟଙ୍କା ଅନୁଦାନ ମିଳିଥିବାବେଳେ ଚଳିତ ବର୍ଷ ଏହାର ଅଧାରୁ ମଧ୍ୟ କମ୍ ଅର୍ଥାତ୍ ମାତ୍ର ୬୭୦ କୋଟି ଦିଆଯାଇଛି। ସେହିପରି ୟୁଜିସି ଓ ଏଆଇସିଟିଇକୁ ମଧ୍ୟ ପୂର୍ବାପେକ୍ଷା କମ୍ ଅନୁଦାନ ଦିଆଯାଇଛି। ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ଅର୍ଥ ବିନିଯୋଗ ନହେବା ଓ ପୂର୍ବ ବ୍ୟୟଠାରୁ ନିରନ୍ତର ଭାବେ କମ୍ ଅନୁଦାନ ମିଳିବା ଶିକ୍ଷା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି ବିଜେପି ସରକାରଙ୍କ ଅନାସକ୍ତି ଭାବକୁ ସୂଚାଉଛି। କେବଳ ଭାଷଣ, ଅନୁମାନ ଓ ଫାଙ୍କା ପ୍ରଚାର ଉପରେ ଏହି ବଜେଟ୍ ପର୍ଯ୍ୟବସିତ ବୋଲି ଶ୍ରୀମତି ଜେନା ଅଭିଯୋଗ କରିଛନ୍ତି।

# ପୋଖରୀରେ ବୁଡ଼ି ଭାଇ ଭଉଣୀ ମୃତ

ଯାଜପୁର, ୧।୨(ସମିସ): ଯାଜପୁର ବ୍ଲକ୍ ଭୁବନେଶ୍ୱରପୁର ପଞ୍ଚାୟତ ସମସରପୁର ଗାଁରେ ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଭାଇ-ଭଉଣୀ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଗାଁର ଚନ୍ଦ୍ରଶେଖର ଗୁରୁଙ୍କ ପୁଅ ଶଙ୍କର ଗୁରୁ ଓ ଝିଅ ପାର୍ବତୀ ଗୁରୁ। ଆଜି ଭାଇ-ଭଉଣୀ ଖେଳିବାକୁ ଯାଇଥିଲେ। ଦୁହେଁ ଏକ ପୋଖରୀ କୂଳରେ ଖେଳୁଥିବା ବେଳେ ଶଙ୍କର ପାଣି ଭିତରକୁ ପଶିଯାଇଥିଲା। ତାକୁ ବୁଡ଼ି ଯାଉଥିବା ଦେଖି ପାର୍ବତୀ ଉଦ୍ଧାର କରିବାକୁ ଚେଷ୍ଟା କରି ବୁଡ଼ି ଯାଇଥିଲା। ପାଖରେ କେହି ନଥିବାରୁ କେହି ତାଙ୍କୁ ଉଦ୍ଧାର କରିପାରିନଥିଲେ। ଏପଟେ, ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାରଲୋକ ଖୋଜାଖୋଜି କରିଥିଲେ। ତେବେ ପୋଖରୀରେ ଚପଲ ଭାସୁଥିବା ଦେଖି ସେମାନଙ୍କ ମନକୁ ପାପ ଛୁଇଁଥିଲା। ଗ୍ରାମବାସୀଙ୍କ ସହାୟତାରେ ପୋଖରୀରେ ଖୋଜାଖୋଜି କରି ଦୁହିଁଙ୍କୁ ଉଦ୍ଧାର କରାଯାଇଥିଲା। ଦୁହିଁଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଯାଜପୁର ସଦର ଥାନା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଚୌଦ୍ୱାର ଜେଲରେ ପୁଣି ଜଣେ କଏଦୀଙ୍କ ଆତ୍ମହତ୍ୟା

ଚୌଦ୍ୱାର, ୧।୨ (ସମିସ): ଚୌଦ୍ୱାର ମଣ୍ଡଳ କାରାଗାରରେ ଆଜି ପୁଣି ଜଣେ କଏଦୀଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଚୌଦ୍ୱାର ଜେଲ୍ ଭଳି ଗୋଟିଏ ସମ୍ବେଦନଶୀଳ କାରାଗାରରେ କଏଦୀଙ୍କ ଆତ୍ମହତ୍ୟା, ଫେରାର୍ ହେବା ଘଟଣା ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ କର୍ମ ତତ୍ପରତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଜେଲରେ ଜଣେ କଏଦୀ ଆତ୍ମହତ୍ୟା କରିବା ଘଟଣାକୁ ୩ ମାସ ନ ପୂରୁଣୁ ପୁଣି ଜଣେ କଏଦୀ ଆତ୍ମହତ୍ୟା କରିବା ଘଟଣା ଜେଲର ସୁରକ୍ଷା ବ୍ୟବସ୍ଥାକୁ ନେଇ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି।

ଅସମର୍ଥିତ ସୂତ୍ର ଅନୁଯାୟୀ, ଆଜି ସଂଧ୍ୟା ବେଳେ ଲକ୍-ଅପ୍ ସମୟରେ ଜଣେ ବିଚାରଧୀନ କଏଦୀ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ମୃତ କଏଦୀଜଣଙ୍କ କଟକ ମହାନଗର ନିଗମ ଅନ୍ତର୍ଗତ ହାତୀ ପୋଖରୀ ଅଞ୍ଚଳର ହୋଇଥିବା ବେଳେ ତାଙ୍କର ନାମ ମହମ୍ମଦ କଲିମ (୩୨) ବୋଲି ଜଣାପଡ଼ିଛି। ସେ ଜେଲ୍‌ର ୬ନମ୍ବର ସେଲରେ ବନ୍ଦୀ ଥିଲେ। ଆଜି ସଂଧ୍ୟା ସମୟରେ ସେଲର ଝରକାରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ତେବେ କଏଦୀ ଜଣକ କାହିଁକି ଜେଲ ଭିତରେ ଆତ୍ମହତ୍ୟା କଲେ, ତାହା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ, ଏହି ଜେଲରେ ବାରମ୍ବାର କଏଦୀ ଆତ୍ମହତ୍ୟା କରିବା ସାଧାରଣରେ ଚକିତ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ୩ମାସ ତଳେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଅଞ୍ଚଳର ପବିତ୍ର ସାହୁ ନାମକ ଜଣେ କଏଦୀ ମଧ୍ୟ ଆତ୍ମହତ୍ୟା କରିଥିଲେ। ସେହିଭଳି ଜେଲ ପାଚେରୀ ଡେଇଁ ୨ଜଣ ଦୁର୍ଦ୍ଧାନ୍ତ ବିହାରୀ ଅପରାଧୀ ଫେରାର୍ ହୋଇଯାଇଥିଲେ। ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଠାବ କରାଯାଇପାରୁନାହିଁ। ଅନ୍ୟପକ୍ଷରେ, ପୂର୍ବତନ ଜେଲର ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ମଧ୍ୟରେ କାଦୁଅ ଫିଙ୍ଗା ଅଭିଯୋଗ ଚାଲିଛି। ଆଜିର କଏଦୀ ମୃତ୍ୟୁକୁ ନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିଲେ। ଖବର ପାଇ ଚୌଦ୍ୱାର ଥାନା ଆଇଆଇସି ରଜନୀକାନ୍ତ ଦାସ ଓ ଜୋନ୍-୧ ଏସିପି ଅରୁଣ ସ୍ୱାଇଁ ଜେଲକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

# ଶଶି କୁମାର ସାହୁ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୧।୨(ସମିସ): ବିଶୃଙ୍ଖଳିତ କାର୍ଯ୍ୟକଳାପରେ ସଂପୃକ୍ତି ଥିବା କାରଣରୁ ବିଜେଡିରୁ ନିଲମ୍ବିତ ହୋଇଛନ୍ତି ଶଶି କୁମାର ସାହୁ। ତାଙ୍କ ଘର ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ସାଜନପୁର ଗ୍ରାମରେ ବୋଲି ଜଣାପଡ଼ିଛି। ଏନେଇ ବିଜେଡି କାର୍ଯ୍ୟାଳୟରୁ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି।

# କେନ୍ଦ୍ର ନୂଆ ବଜେଟ୍ ଓଡ଼ିଶା ପ୍ରଗତିର ହେବ ପେଣ୍ଠସ୍ଥଳୀ: ପୃଥୀରାଜ କୁଅଁର

ଆନନ୍ଦପୁର, ୧।୨ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ଓ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କ ଦ୍ୱାରା ଆଗତ ହେଇଥିବା ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍ ଏକ ଦୂରଦୃଷ୍ଟିସମ୍ପନ୍ନ ଓ ଯୁଗାନ୍ତକାରୀ ପଦକ୍ଷେପ।



ଏହା ଦ୍ୱାରା ଦେଶର ସର୍ବାଙ୍ଗୀନ ବିକାଶ ହେବା ସହ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ,ଭିତ୍ତିଭୂମିର ବିକାଶ ତଥା ଯୁବକମାନଙ୍କୁ ସଶକ୍ତୀକରଣ ଦିଗରେ ଏଥିରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଓଡ଼ିଶା ପାଇଁ ଏହି ବଜେଟ୍‌ରେ ବଡ଼ ଘୋଷଣା କରାଯାଇଛି। ଜଳମାର୍ଗରେ କଳିଙ୍ଗନଗର ସହ ପାରାଦୀପ ଓ ଧାମରା ଯୋଡ଼ି ହେବ। ଫଳରେ ବାଣିଜ୍ୟ ତ୍ୱରାନିତ ହେବ। ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ଏହି ବଜେଟ୍ ର ମୂଖ୍ୟ ଆଧାର। ଏଭଳି ବଜେଟ୍ କୁ ମୁଁ ସ୍ୱାଗତ କରୁଛି ଓ ପ୍ରଧାନମନ୍ତ୍ରୀଙ୍କୁ ସାଧୁବାଦ ଜଣାଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିର୍ମଳାଙ୍କ ନୀଳ...

ବେଶୀ ନିର୍ଭରଶୀଳ ହୋଇଛନ୍ତି। ବଜେଟ ୨୦୨୬-୨୭ ଅନୁଯାୟୀ ସରକାର ଚଳିତ ବର୍ଷ ଦେଶ ଚଳାଇବା ପାଇଁ ଆବଶ୍ୟକ ଅର୍ଥର ୨୪% ଋଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଆୟକରରୁ ୨୧%, କର୍ପୋରେଟ ଟିକସରୁ ୧୮% ଓ ଅନ୍ୟାନ୍ୟ ଟିକସରୁ ୧୫ ପଇସା ଆୟ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଅନ୍ୟପକ୍ଷରେ ବ୍ୟୟ କ୍ଷେତ୍ରରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ନିମନ୍ତେ ଟିକସ ଅଂଶ ବାବଦରେ ୨୨% ବ୍ୟୟ କରିବେ। ଋଣ ଓ ସୁଧ ବାବଦରେ ୨୦%, କେନ୍ଦ୍ରୀୟ ଯୋଜନା ବାବଦରେ ୧୭%, ପ୍ରତିରକ୍ଷା ନିମନ୍ତେ ୧୧%, କେନ୍ଦ୍ର ପ୍ରାୟୋଜିତ ଯୋଜନାରେ ୮%, ଅର୍ଥ କମିଶନ ଅନୁଦାନ ବାବଦରେ ୭%, ବିଭିନ୍ନ ଯୋଜନାରେ ରିଆତି ବାବଦରେ ୬%, ସାମାଜିକ କଲ୍ୟାଣ ଯୋଜନାରେ ୨% ବ୍ୟୟ କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି । ଅନ୍ୟପକ୍ଷରେ ପ୍ରତିରକ୍ଷା ବଜେଟ ବୃଦ୍ଧି ଉପରେ ସେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଗତବର୍ଷ ତୁଳନାରେ ପ୍ରତିରକ୍ଷା ବରାଦ ୧୫.୨% ବୃଦ୍ଧି ବଜେଟର ପ୍ରମୁଖ ଉପଲବ୍ଧି ବୋଲି କୁହାଯାଉଛି। ତେବେ ବଜେଟରେ ଉତ୍ସର୍ଗୀକୃତ ବିରଳ ଖଣିଜ (ରେୟାର ଆର୍ଥ)କରିଡର, ହାଇ-ସ୍ପିଡ୍ ରେଳ କରିଡର, ନଡ଼ିଆ ଉତ୍ପାଦନ ବୃଦ୍ଧି ସମ୍ପର୍କରେ ଉଲ୍ଲେଖ ଓ ଅର୍ଥମନ୍ତ୍ରୀଙ୍କ କାଞ୍ଜିଭରମ୍ ଶାଢ଼ୀକୁ ଅର୍ଥନୀତିଜ୍ଞ ଓ ଆର୍ଥିକ ସମୀକ୍ଷକମାନେ ନିର୍ବାଚନ ହେବାକୁ ଥିବା ରାଜ୍ୟ କେରଳ, ତାମିଲନାଡୁ, ପଶ୍ଚିମବଙ୍ଗ ଏବଂ ଆସାମ ନିର୍ବାଚନ ସହ ସଂଯୋଗ କରିଛନ୍ତି।

ଅର୍ଥମନ୍ତ୍ରୀ କହିଛନ୍ତି ଯେ ପାଞ୍ଚ ବର୍ଷ ମଧ୍ୟରେ ଜୈବ ଔଷଧ ପାଇଁ ୧୦,୦୦୦ କୋଟି ଟଙ୍କାର ଆବଣ୍ଟନ ସହିତ ଜୈବ ଔଷଧ ଉପରେ ଏକ ନୀତି ପ୍ରଣୟନ କରିବାର ଯୋଜନା ଅଛି। ସେହିପରି ସରକାର ଏକ ସେମିକଣ୍ଡକ୍ଟର ମିଶନ୍ ଆରମ୍ଭ କରିବେ ଓ ଏକ ବିଶ୍ୱ-ମାନକ ଔଷଧ ନିୟାମକ ପ୍ରତିଷ୍ଠା ଲକ୍ଷ୍ୟ ରଖିଛନ୍ତି। ଘରୋଇ ଉତ୍ପାଦକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ରାସାୟନିକ ପାର୍କ ଓ ଏକ ବଡ଼ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କରିବେ। ଇଲେକ୍‌ଟ୍ରୋନିକ୍ ସାମଗ୍ରୀ ଉତ୍ପାଦନ ପାଇଁ ୪୦,୦୦୦ କୋଟି ଖର୍ଚ୍ଚ କରିବେ। ଦେଶର ଅଭିବୃଦ୍ଧିର ଲାଭ ପ୍ରତ୍ୟେକ ଚାଷୀ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଯୁବପିଢ଼ିଙ୍କ ପାଖରେ ବୋଲି ଉଲ୍ଲେଖ କରିବା ସହ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କୁ ସୁଦୃଢ଼ କରିବା ପାଇଁ ଆତ୍ମନିର୍ଭର ଭାରତ ପାଣ୍ଠିକୁ ଅତିରିକ୍ତ ୪,୦୦୦ କୋଟି ଟଙ୍କା ପ୍ରଦାନ କରାଯିବ। ଆଗାମୀ ଆର୍ଥିକ ବର୍ଷରେ ୨୦୦ ପୁରୁଣା ଶିଳ୍ପ କ୍ଲଷ୍ଟରକୁ ପୁନରୁଦ୍ଧାର କରିବା ପାଇଁ ଏକ ଯୋଜନା ପ୍ରସ୍ତାବ ଦେଇଛନ୍ତି। ଖଦି ହସ୍ତତନ୍ତକୁ ସୁଦୃଢ଼ କରିବା ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ବିକାଶ କରାଯିବ, ଅନ୍ୟପକ୍ଷରେ ବୈଷୟିକ ବୟନଶିଳ୍ପରେ ନିବେଶ ସହ ବଡ଼ ମେଗା ଟେକ୍ସଟାଇଲ୍ ପାର୍କ ସ୍ଥାପନ କରାଯିବ।ସେହିପରି କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ କ୍ଷେତ୍ର ଉଦ୍‌ଯୋଗଗୁଡ଼ିକ ଦ୍ୱାରା କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକରୁ କରାଯାଉଥିବା ସମସ୍ତ କ୍ରୟ ପାଇଁ ଏକ ପ୍ଲାଟଫର୍ମ ସ୍ଥାପନ କରାଯିବ। ଆଗାମୀ ବର୍ଷଗୁଡ଼ିକରେ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଭାରତର ଅଭିବୃଦ୍ଧିର ପ୍ରକୃତ ଶକ୍ତି ହେବ । ଭାରତ ଆଉ କେବଳ ପ୍ରଯୁକ୍ତିବିଦ୍ୟା ଗ୍ରହଣକାରୀ ରହିବ ନାହିଁ,ଭବିଷ୍ୟତରେ ଭାରତ ଏହାର ନେତୃତ୍ୱ ନେବ। ଦେଶର ଉତ୍ପାଦନ କ୍ଷମତା ବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ବିଶ୍ୱ ବଜାରରେ ଭାରତକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସରକାର ଛଅଟି ପ୍ରମୁଖ କ୍ଷେତ୍ରରେ କାର୍ଯ୍ୟ କରିବେ।

ବିଜେପି ନେତୃତ୍ୱାଧୀନ ଶାସକ ଏନ୍‌ଡିଏ ନେତାମାନେ ବଜେଟ୍‌କୁ ଏକ ଶକ୍ତିଶାଳୀ ଓ ବିକଶିତ ଭାରତ ନିମନ୍ତେ ରୋଡ଼ମ୍ୟାପ ବୋଲି ବର୍ଣ୍ଣନା କରୁଥିବାବେଳେ ବିରୋଧୀ ଏହାକୁ ନିରାଶାଜନକ, ସବୁବର୍ଗକୁ ନିରାଶ କରିବା ପରି ବଜେଟ୍ ବୋଲି ଅଭିହିତ କରିଛନ୍ତି। ଦେଶର ବିକାଶ ପାଇଁ ସରକାରଙ୍କ ଧ୍ୟାନ ୩ଟି ପ୍ରସଙ୍ଗ 'ଗତି', 'କ୍ଷମତା' ଓ 'ସମୂହ' ଉପରେ କେନ୍ଦ୍ରୀତ ରହିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଉତ୍ପାଦକତା ବୃଦ୍ଧି କରି ଆର୍ଥିକ ଅଭିବୃଦ୍ଧିର ଗତିକୁ ତ୍ୱରାନ୍ୱିତ କରିବା, ଦେଶର ବିକାଶରେ ଅଂଶୀଦାର ହେବା ପାଇଁ ଲୋକଙ୍କ କ୍ଷମତା ବିକାଶ କରିବା, ଦେଶର ପ୍ରତ୍ୟେକ ପରିବାର ଓ ଅଞ୍ଚଳର ପର୍ଯ୍ୟାପ୍ତ ସମ୍ବଳ ଏବଂ ରୋଜଗାର ପାଇଁ ସୁଯୋଗ ସୃଷ୍ଟି ଉପରେ ଅର୍ଥମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି; ମାତ୍ର ଏହା ସାଧାରଣ ଲୋକଙ୍କୁ ସନ୍ତୁଷ୍ଟ କରିପାରି ନାହିଁ।

## ଓଡ଼ିଶାକୁ ଉପେକ୍ଷା...

କେନ୍ଦ୍ର, ପ୍ରଯୁକ୍ତିବିଦ୍ୟା କେନ୍ଦ୍ର, ଉତ୍ପାଦନ କ୍ଲଷ୍ଟର ଏବଂ ଉଦୀୟମାନ ସହରଗୁଡ଼ିକୁ ଦ୍ରୁତ ଓ ସ୍ୱଚ୍ଛ ପରିବହନ ମାଧ୍ୟମରେ ସଂଯୋଗ କରିବ। ମୁମ୍ବାଇ-ପୁଣେ ହାଇ-ସ୍ପିଡ୍ କରିଡର ନିର୍ମାଣ ଦ୍ୱାରା ଦୁଇଟି ପ୍ରମୁଖ ଅର୍ଥନୈତିକ କେନ୍ଦ୍ର ମଧ୍ୟରେ ଯାତ୍ରା ସମୟ ମାତ୍ର ୨୫-୩୦ ମିନିଟକୁ ହ୍ରାସ ପାଇବ। ମାତ୍ର ରେଳ ବଜେଟରେ ଓଡ଼ିଶାକୁ ବିଶେଷ କିଛି ଲାଭ ମିଳିବାର ଆଶା ନାହିଁ । ଓଡ଼ିଶା ପାଇଁ ଏଥିରେ କୌଣସି ବ୍ୟବସ୍ଥା ଥିବା ଅର୍ଥମନ୍ତ୍ରୀ ଅଭିଭାଷଣରେ ଉଲ୍ଲେଖ କରାଯାଇ ନାହିଁ । ଉତ୍ସର୍ଗୀକୃତ ହାଇସ୍ପିଡ଼ ରେଳ କରିଡ଼ରରେ ଓଡ଼ିଶା ସ୍ଥାନ ପାଇନାହିଁ ବା ଓଡ଼ିଶାର କୌଣସି ସହର ଏହାଦ୍ୱାରା ଉପକୃତ ହେବ ନାହିଁ।

## ମାଟି କାମୁଡ଼ିଲା...

ଏହାକୁ ଦୃଷ୍ଟିରେ ରଖି ସରକାର ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

ସରକାରଙ୍କ ମତରେ ଡେରିଭେଟିଭ୍ସ ବଜାରରେ ଅତ୍ୟଧିକ ବାଣିଜ୍ୟ ପୁଞ୍ଜି ବଜାର ଅସ୍ଥିରତାକୁ ଇନ୍ଧନ ଯୋଗାଉଛି। କମ୍ ସମୟରେ ଅଧିକ ଲାଭ ଆଶାରେ ଖୁଚୁରା ନିବେଶକମାନେ ମଧ୍ୟ ଏହି କାରବାରରେ ଭାଗ ନେଉଛନ୍ତି। କିନ୍ତୁ ଏଥିଯୋଗୁଁ ସେମାନେ ବିପୁଳ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏକ ତଥ୍ୟ ଅନୁଯାୟୀ, ପାଖାପାଖି ୯୩ ପ୍ରତିଶତ ଟ୍ରେଡର୍ ଏହି କାରବାରରେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଖୁଚୁରା ନିବେଶକଙ୍କ ସଂଖ୍ୟା ଅଧିକ। ଅର୍ଥମନ୍ତ୍ରୀ ବଜେଟ୍ ଭାଷଣରେ ସୂଚାଇ ଦେଇଥିଲେ ଯେ ଏସ୍‌ଟିଟିରେ ଏହି ବୃଦ୍ଧି ଖୁଚୁରା ନିବେଶକଙ୍କୁ ନିରୁତ୍ସାହିତ କରିବ। ଏହାସହ ସରକାରଙ୍କ ଏହି ନିଷ୍ପତ୍ତି ବଜାରକୁ ଅଧିକ ସୁରକ୍ଷିତ ଓ ସ୍ଥିର କରିବା ପାଇଁ ଆବଶ୍ୟକ ଥିଲା। କିନ୍ତୁ ଏହି ନିଷ୍ପତ୍ତି ସେହି ବ୍ୟବସାୟୀମାନଙ୍କୁ ଯଥେଷ୍ଟ କ୍ଷତି ପହଞ୍ଚାଇବ ଯେଉଁମାନେ ବହୁତ କମ୍ ମାର୍ଜିନ୍‌ରେ ଟ୍ରେଡିଂ କରି ଦିନସାରା ଏକାଧିକ ବାଣିଜ୍ୟ କାରବାର କରିଥା'ନ୍ତି। ସେମାନଙ୍କୁ ଏବେ ପ୍ରତ୍ୟେକ ଟ୍ରେଡିଂ ଉପରେ ପୂର୍ବ ଅପେକ୍ଷା ଯଥେଷ୍ଟ ଅଧିକ ଟିକସ ଦେବାକୁ ପଡିବ, ଯାହା ଫଳରେ ସେମାନଙ୍କର ଲାଭ ମଧ୍ୟ ହ୍ରାସ ପାଇବ।

ତେବେ ବାଏ-ବ୍ୟାକ୍ ନିୟମରେ ପରିବର୍ତ୍ତନ ପୁଞ୍ଜିବଜାର ନିବେଶକମାନଙ୍କ ଲାଗି ଆଶ୍ୱସ୍ତି ଆଣିଦେଇଛି। ବଜେଟ୍‌ରେ ବାଏ-ବ୍ୟାକ୍ ଟିକସକୁ ପୁଞ୍ଜିଲାଭ ଭାବରେ ବିବେଚନା କରି ସେଥିରେ ଅଂଶୀଦାର(ପ୍ରମୋଟର୍)ଙ୍କ ଉପରେ ଟିକସ ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଛି। ଫଳରେ ପ୍ରମୋଟର୍‌ମାନଙ୍କୁ ଏବେ ଅତିରିକ୍ତ ଟିକସ ଦେବାକୁ ପଡ଼ିବ।

## ବଜେଟ ସମସ୍ତଙ୍କୁ...

ନବୀନ କହିଛନ୍ତି ଯେ ମୁଁ ଓଡ଼ିଶାରେ ସମର୍ପିତ ବିରଳ ମୃତ୍ତିକା କରିଡର ପ୍ରତିଷ୍ଠା ପ୍ରସ୍ତାବକୁ ସ୍ୱାଗତ କରୁଛି। ଓଡ଼ିଶା ଅନେକ ମୁଖ୍ୟ ଖଣିଜ ପଦାର୍ଥର ଅଗ୍ରଣୀ ଉତ୍ପାଦକ ଅଟେ ଏବଂ ଏହାର ସମୃଦ୍ଧ ସମ୍ପଦ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ସର୍ବଦା ଯୋଗଦାନ ଦେବ। ଖଣିଜ ସମୃଦ୍ଧ ଅଞ୍ଚଳ ଏବଂ ଶିଳ୍ପ କେନ୍ଦ୍ରଗୁଡ଼ିକୁ ବନ୍ଦର ସହିତ ସଂଯୋଗ କରିବା ପାଇଁ ପୁଣି ଥରେ ଜାତୀୟ ଜଳପଥ ଘୋଷଣା କରାଯାଇଛି। ମାତ୍ର ଏହା ଏକ ଦଶନ୍ଧି ପୁରୁଣା ପ୍ରସ୍ତାବ ହୋଇଥିବା ବେଳେ ଏଥିରେ ତୃଣମୂଳସ୍ତରରେ କୌଣସି ଅଗ୍ରଗତି ହୋଇନାହିଁ। ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ବଡ଼ ନିରାଶା ଯେ ସହରଗୁଡ଼ିକ ମଧ୍ୟରେ ସାତଟି ହାଇ-ସ୍ପିଡ୍ ରେଳ କରିଡରକୁ 'ଗ୍ରୋଥ୍ କନେକ୍ଟର୍' ଭାବରେ ବିକାଶ କରିବା ଘୋଷଣାରେ ଓଡ଼ିଶାର ଉଲ୍ଲେଖ ନାହିଁ। ଓଡ଼ିଶା ବିଜେପି ପୂର୍ବରୁ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରିଦେଇଥିଲା ଏବଂ ଲୋକଙ୍କ ଆବଶ୍ୟକତାକୁ ଅବହେଳା କରିବାର ଧାରା ପୂର୍ବପରି ଜାରି ରହିଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମର 'ଡାଇମଣ୍ଡ ଟ୍ରାଇଙ୍ଗଲ୍' ସମେତ ଅନେକ ପ୍ରସିଦ୍ଧ ବୌଦ୍ଧ ସ୍ଥଳ ଥିବା ସତ୍ତ୍ୱେ ପର୍ଯ୍ୟଟନ ଭିତ୍ତିକ 'ବୌଦ୍ଧ ସର୍କିଟ୍ ବିକାଶ ଯୋଜନା'ରୁ ଓଡ଼ିଶାକୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦିଆଯାଇଛି; ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ସାମଗ୍ରିକ ବଜେଟକୁ ଦେଖିଲେ ସ୍ପଷ୍ଟ ଅନୁମେୟ ହେଉଛି, ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ନେଇଯିବା ପାଇଁ ହିଁ କେବଳ ଅନୁଦାନ ମିଳୁଛି। ମାତ୍ର ରାଜ୍ୟବାସୀଙ୍କ ସୁବିଧା ତଥା ଉନ୍ନତି ପାଇଁ ଅର୍ଥ ଆବଣ୍ଟନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ସମୟ ଆସିଛି, ରାଜ୍ୟ ବିଜେପି ସରକାର ଓଡ଼ିଶାବାସୀଙ୍କ ପାଇଁ ଉତ୍ତରଦାୟିତ୍ୱ ଗ୍ରହଣ କରନ୍ତୁ ଏବଂ କେନ୍ଦ୍ରରୁ ଓଡ଼ିଶାର ନ୍ୟାଯ୍ୟ ଅଧିକାର ମିଳିବା ସୁନିଶ୍ଚିତ କରନ୍ତୁ। ଓଡ଼ିଶା ଏବଂ ଏହାର ଜନସାଧାରଣ କେନ୍ଦ୍ର ବଜେଟରୁ ଅଧିକ ସୁଫଳ ପାଇବାକୁ ହକଦାର୍ ଅଟନ୍ତି ବୋଲି ନବୀନ କହିଛନ୍ତି।


**AFFIDAVIT**

By virtue of an Affidavit before Notary Public, Malkangiri, I **Adme Kunjami**, W/o: Irma Kunjami, resident of village: Orkelguda, PO.:Matapaka, P.S.: Orkel, Dist.: Malkangiri, Odisha-764086, declare by this Affidavit No.: 254/2026, Dated: 31/01/2026 that I have changed my name from Adame Kanjami to **Adme Kunjami**. Henceforth I shall be known as **Adme Kunjami** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I **Kamala Naik**, aged about 39 years, W/o: Baidyanath Naik, resident of village: Bambe Colony, PO.: Malkangiri Colony, P.S./Dist.: Malkangiri, Odisha, declare by this Affidavit No.: 255/2026, Dated: 31/01/2026 that I have changed my name from Kamala Nayak to **Kamala Naik**. Henceforth I shall be known as **Kamala Naik** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I **Laba Thandar,** aged about 48 years, S/o: Narayn Thandar, resident of village: M.V-26, PO.: Mariwada, P.S.: Korukonda, Dist.: Malkangiri, Odisha, declare by this Affidavit No.: 253/2026, Dated: 31/01/2026 that I have changed my name from Lab Andar to **Laba Thandar**. Henceforth I shall be known as **Laba Thandar** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Balasore, I Sanjay Kumar Sahoo, At. Taharpur, Po. Bahanaga, Ps. Khantapada, Dist. Balasore, Odisha, declare that I have changed my Son's name from Swati Ranjan Sahoo to Swasti Ranjan Sahoo. Henceforth, he shall be known as Swasti Ranjan Sahoo for all purposes.

**Sanjay Kumar Sahoo**

**NOTICE**

By virtue of an affidavit sworn before the **Executive Magistrate, Athmallik dated 29.01.2026,** I, **Mr. SANTANU KUMAR BEHERA** address Son of UPENDRA BEHERA, Village : KAMPALA, P.O.: KAMPALA, P.S.: ATHMALLIK, District: ANGUL, PIN: 759125, STATE: ODISHA, declare that I have changed my name from **SANTUN KUMAR BEHERA to SANTANU KUMAR BEHERA.** Henceforth, I shall be known as **SANTANU KUMAR BEHERA** for all purposes.

**SANTANU KUMAR BEHERA**

**AFFIDAVIT**

I, **Traphil Munda,** S/O- Metediyus Munda, R/O Vill- Sanramloi, PO- Barsuan, PS- Bisra, Dist- Sundargarh, Odisha-770036, do hereby solemnly affirm and state as follows:

That my correct Date of Birth is **24.03.2007** as per my School Leaving Certificate.

That I have executed an Affidavit (No. A/98, dtd- 29/01/2026) before the Executive Magistrate, Panposh, Rourkela on 29.01.2026 for the purpose of my Aadhaar Card and other official records.

**Traphil Munda (Deponent)**

ସକାଳ THE SAKALA



# ୩ କୁଇଣ୍ଟାଲ ୨୦ କେଜି ଗଞ୍ଜେଇ ଜବତ



**କନ୍ଧମାଳ, ୧୧୨(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଧୀନ ଲମ୍ବସରି ପଞ୍ଚାୟତ ବଲମତୁମା ଜଙ୍ଗଲରେ ଗଞ୍ଜେଇ ଚୋରା ଚାଲାଣ କରିବା ପାଇଁ ପ୍ରସ୍ତୁତି କରୁଥିବା ନେଇ ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ କଣ୍ଟାମାଳ ଥାନା ଅଧିକାରୀ ବସୁଦେବ ଭୋଇଙ୍କ ନେତୃତ୍ୱରେ ପୁଲିସ ଟିମ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଗଞ୍ଜେଇ ମାଫିଆ ଚମ୍ପଟ ମାରିଥିଲେ। କଣ୍ଟାମାଳ ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁଙ୍କ ଉପସ୍ଥିତିରେ ଗଞ୍ଜେଇ ଜବତ କରି ଓଜନ କରିଥିଲେ। ଜବତ ଗଞ୍ଜେଇର ଓଜନ ତିନି କୁଇଣ୍ଟାଲ କୋଡିଏ କେଜି ହୋଇଥିବା କଣ୍ଟାମାଳ ଥାନା ଅଧିକାରୀ ବସୁଦେବ ଭୋଇ ସୂଚନା ଦେଇଛନ୍ତି।

■ ବୁଣାକାର ବଜାରରୁ ଚୋରି ଉଦ୍ୟମ

# ସନ୍ଦିଗ୍ଧଙ୍କୁ ଧରି ପୁଲିସ ଜିମା ଦେଲେ ବ୍ୟବସାୟୀ

**ବୌଦ୍ଧ, ୧୧୨(ସମିସ):** ବୌଦ୍ଧଠାରେ ଅନୁଷ୍ଠିତ ସାପ୍ତାହିକ ବୁଣାକାର ବଜାରରୁ ଶାଢୀ ଚୋରି ଉଦ୍ୟମ କରିଥିବା ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ବ୍ୟବସାୟୀମାନେ ଧରି ପୁଲିସର ଜିମା ଦେଇଛନ୍ତି। ସନ୍ଦିଗ୍ଧ ବ୍ୟକ୍ତି ଜଣକ ସୋନପୁର ଜିଲ୍ଲା ତରଭା ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ସେ ଏକ ଦୋକାନରୁ ଶାଢୀ ଚୋରୀ କରି ଫେରାର ଉଦ୍ୟମ କରୁଥିବା ବେଳେ ବ୍ୟବସାୟୀମାନେ ତାଙ୍କୁ କାବୁ କରିଥିଲେ। ତାଙ୍କ ସହିତ ଆହୁରି ୪ ଜଣ ପୁରୁଷ ଓ ମହିଳା ଗୋଟିଏ ଦଳରେ ଆସି ଚୋରୀ କରୁଥିବା ଉକ୍ତ ସନ୍ଦିଗ୍ଧ ବ୍ୟକ୍ତି ଲୋକଙ୍କ ଆଗରେ ପ୍ରକାଶ କରିଛନ୍ତି। ଖବର ପାଇ ବୌଦ୍ଧ ପୁଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ବ୍ୟବସାୟୀମାନେ ସନ୍ଦିଗ୍ଧକୁ ପୁଲିସ ଜିମା ଦେଇଥିଲେ। ତେବେ ପୁଲିସ ଚୋର ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଧରିବାକୁ ଚେଷ୍ଟା ନକରି ୧୧୨ ଗାଡିରେ ଆସିଥିବା ଜଣେ ମାତ୍ର କନେଷ୍ଟବଳ ବ୍ୟବସାୟୀମାନେ ଧରିଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରି ଥାନାକୁ ନେଇଥିବା ବେଳେ ଅନ୍ୟ ଚୋରମାନଙ୍କୁ ଫେରାର ହେବାରେ ସୁଯୋଗ ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



ସୁବର୍ଣ୍ଣପୁର ସୁଭଦ୍ରା ଶକ୍ତିମେଳାରେ ମୁଖ୍ୟମନ୍ତ୍ରୀ

# 'ଏସଏଚ୍‌ଜି ମହିଳା ଲାଭାର୍ଥୀ ନୁହଁନ୍ତି, ଓଡ଼ିଶା ବିକାଶ ଯାତ୍ରାରେ ଅଂଶୀଦାର'

**ତରଭା, ୧୧୨(ସମିସ):** ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି) ଭଉଣୀମାନେ କେବଳ ଲାଭାର୍ଥୀ ନୁହନ୍ତି, ସେମାନେ ଓଡ଼ିଶା ବିକାଶ ଯାତ୍ରାରେ ଅଂଶୀଦାର। ସେମାନଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଉଦ୍ୟୋଗୀ ମନୋଭାବ ଗ୍ରାମୀଣ ଅର୍ଥନୀତିରେ ପରିବର୍ତ୍ତନ ଆଣିଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁବର୍ଣ୍ଣପୁରଠାରେ ଆୟୋଜିତ ସୁଭଦ୍ରା ଶକ୍ତିମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଖଲିଆପାଲିସ୍ଥିତ ସନ୍ଥକବି ଭୀମଭୋଇଙ୍କ ସମାଧିପୀଠ ପରିଦର୍ଶନ କରି ପରିଚାଳନା କମିଟିର ସଦସ୍ୟ ଓ ସାଧୁମାନଙ୍କ ସହିତ ଆଲୋଚନା କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କୁ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଥିଲେ, ସୁବର୍ଣ୍ଣପୁର ଜିଲ୍ଲାରେ ୧୦୦୦ କୋଟିରୁ ଅଧିକ ଟଙ୍କାର ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲାରେ କୃଷି, ହସ୍ତତନ୍ତ, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ପାଇଁ ଅପାର ସମ୍ଭାବନା ରହିଛି। ଏହି ସମ୍ଭାବନାକୁ ସଦୁପଯୋଗ କରି ଜିଲ୍ଲାରେ ସ୍ଥାୟୀ ସମୃଦ୍ଧି ଆଣିବା ପାଇଁ ଉଦ୍ୟମ ଜାରି ରହିଛି। ଓଡ଼ିଶାର ସାମାଜିକ ଓ ଆଧ୍ୟାତ୍ମିକ ଚେତନାକୁ ଦିଗ୍‌ଦର୍ଶନ ଦେଇଥିବା ସନ୍ଥକବି ଭୀମ ଭୋଇଙ୍କ ସମ୍ମାନାର୍ଥେ ତାଙ୍କ ସମାଧିପୀଠର ବିକାଶ ନିମନ୍ତେ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥି ସହିତ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାରେ ୬୩୩ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ନିର୍ମାଣ ହେବ। ଏଥିରେ ମାରୁଦାଗୋଛାଠାରେ ୫୫୭ କୋଟି ଟଙ୍କାରେ ନଦୀଗର୍ଭ ଜଳାଶୟ ନିର୍ମାଣ, ୧୧.୨୩ କୋଟି ଟଙ୍କାରେ ସଂସ୍କୃତି ଭବନଠାରେ ଓପନ୍ ଏୟାର ଥିଏଟର ନିର୍ମାଣ, ୨୫.୨୮ କୋଟି ଟଙ୍କାରେ ଗାନ୍ଧୀ ଷ୍ଟାଡିଅମର ନବୀକରଣ, ୪.୨୩ କୋଟି ଟଙ୍କାରେ ବ୍ଲକ ଛକ ଜଙ୍କସନ ରୋଡ୍‌ର ଉନ୍ନତି କରଣ କାର୍ଯ୍ୟ ରହିଛି ବୋଲି ସେ ଘୋଷଣା କରିଥିଲେ। ଏହି ଅବସରରେ ୨୭୬ କୋଟି ଟଙ୍କା ମୂଲ୍ୟର ୫୮ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଏଥିରେ ୧୭୩ କୋଟି ଟଙ୍କା ବ୍ୟୟରେ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୧୦୩ କୋଟି ଟଙ୍କା ବ୍ୟୟରେ ୩୪ଟି ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାର ୧୮୪୮ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୨୬ କୋଟି ଟଙ୍କାର ସୁଧମୁକ୍ତ ଋଣ ପ୍ରଦାନ କରିଛନ୍ତି। ପରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଡ. ନୃପରାଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



**ସୁବର୍ଣ୍ଣପୁର ପାଇଁ ୬୩୩ କୋଟିର ନୂଆ ପ୍ରକଳ୍ପ ଘୋଷଣା**

**୨୭୬ କୋଟିର ୫୮ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର**

# ଜିଲ୍ଲାସ୍ତରୀୟ ଜୁନିଅର ରେଡ୍‌କ୍ରସ୍ ତାଲିମ ଶିବିର ଉଦ୍‌ଯାପିତ



**କଣ୍ଟାମାଳ, ୧୧୨(ସମିସ):** କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ତିନିଦିନ ଧରି ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଜୁନିଅର ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜୁନିଅର ରେଡ୍‌କ୍ରସ ସଭାପତି ତଥା ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବୌଦ୍ଧ ଜିଲ୍ଲା ପରିଷଦ ଉପସଭାପତି ଶଙ୍କର୍ଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ସମୀର ମେହେର, କଣ୍ଟାମାଳ ଅତିରିକ୍ତ ତହସିଲଦାର ଧନଞ୍ଜୟ ସାହୁ, କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଶୋଭ ରଞ୍ଜନ ମାଳି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ଓ ଜିଲ୍ଲା ଜୁନିଅର ରେଡ୍‌କ୍ରସ ଅଧିକାରୀ ନବ କିଶୋର ଦୀପ ଯୋଗ ଦେଇଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ମାଷ୍ଟର ଟ୍ରେନର ରବିଚନ୍ଦ୍ର ପଶାୟତ, ରାମ ନାରାୟଣ ଦାଶ, ସାଧନ କର୍ମୀ ଗୋପେଶ ପଣ୍ଡା, ଚନ୍ଦ୍ରମଣି ବାଘ, ଚନ୍ଦ୍ର ଶେଖର ମହାପାତ୍ର, ପ୍ରଭାକର ଛନ୍ଦ, ଅଧ୍ୟାପକ ଉଦ୍ଧବ ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ୨୫୭ ଜଣ ଜୁନିଅର ଏବଂ ୧୩୨ ଜଣ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିବିର ପରିଚାଳନାରେ ବିସିସି ବନମାଳୀ ମେହେର, ମଞ୍ଜିତ ମୋହନ ଚାନ୍ଦ, ପ୍ରିୟମ୍ବଦା ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ। ଶିବିରକୁ ସାଧନକର୍ମୀ ବନମାଳୀ ମେହେର ଓ ଶିକ୍ଷକ ବାନ୍ଧବ ନାଏକ ପରିଚାଳନା କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# କେନ୍ଦ୍ର ବଜେଟ୍-୨୦୨୬ ପ୍ରତିକ୍ରିୟା



ଚଳିତ ବର୍ଷର ଜାତୀୟ ବଜେଟ ଏକ ସମତୁଲ ବଜେଟ ରୂପେ ପରିଗଣିତ ହୋଇଛି। ଏଥିରେ ବାୟୋ ଫାର୍ମ ପାଇଁ ୧୦ ହଜାର କୋଟି ବ୍ୟୟ ବରାଦ କରିବା ଏକ ଯୁଗାନ୍ତକାରି ପଦକ୍ଷେପ। ଏଥିରେ ଦେଶୀୟ ଜ୍ଞାନ କୌଶଳର ବିକାଶ ସହ ସବୁଜ ଜୈବିକ ଚାଷର ଉନ୍ନତି ଘଟିବ। ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦେବା ଦ୍ୱାରା କ୍ଷେତ୍ରୀୟ ଆଞ୍ଚଳିକ ପର୍ଯ୍ୟଟନର ବିକାଶ ହେବ ସହ ସ୍ଥାନୀୟ ସ୍ତରରେ ରୋଜଗାର ସୃଷ୍ଟି ହୋଇପାରିବ। ଇଲେକ୍ଟ୍ରିକ ଯାନବାହନକୁ ପ୍ରୋତ୍ସାହନ ଦେବା ଦ୍ୱାରା ପରିବେଶ ପ୍ରଦୂଷଣ କମିବାରେ ଏହା ସହାୟକ ହେବ।

**ଡ. ପ୍ରବୀର କୁମାର ଦାସ, ପରିବେଶବିତ୍, ବୌଦ୍ଧ**



ଚଳିତ ବଜେଟ୍ ଏକ ସନ୍ତୁଳିତ ବଜେଟ୍। ଓଡ଼ିଶା କୁ କମ୍ ଅନୁଦାନ ଦିଆଯାଇଛି। ମହିଳା, କୃଷକ, ସାଧାରଣ ବର୍ଗ ପାଇଁ ବଜେଟ୍। ମଦ ଓ ପାନ ମସଲା ମହଙ୍ଗା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଷ୍ଟାଣ୍ଡାର୍ଡ ଡିଡକ୍ସନ୍‌ରେ କୌଣସି ପରିବର୍ତ୍ତନ ନାହିଁ। ନୂଆ ହାଇସ୍ପିଡ ରେଳ କରିଡ଼ର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଅଷ୍ଟମ ବେତନକୁ ଆଖି ଆଗରେ ରଖି ଆୟକର ସ୍ଲାବ ବଢ଼ିଥିଲେ ଭଲ ହୋଇଥାନ୍ତା। ଅନ୍ୟପଟରେ ଦେଖିଲେ ସର୍ବୋପରି ଏହା ଏକ ସ୍ୱାଗତଯୋଗ୍ୟ ବଜେଟ୍।

**ପ୍ରଶାନ୍ତ କୁମାର ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ**



ଏଥର ବଜେଟ କୌଣସି ନିର୍ବାଚନକୁ ଆଖିଆଗରେ ରଖିକି ଉପସ୍ଥାପନ କରାଯାଇନାହିଁ। ତେଣୁ ଏହା ପପୁଲିଷ୍ଟ ବଜେଟ ବୋଲି କୁହାଯାଇ ନ ପାରେ, ଆଗାମୀ ୨୦ ବର୍ଷକୁ ନଜରେ ରଖି ସଡ଼କ, ପୋଲ, ୭ ଗୋଟି ହାଇସ୍ପିଡ଼ ରେଳ କରିଡର ନିର୍ମାଣ, ଏମଏସ୍‌ଏମଇ, ପ୍ରତିରକ୍ଷା କ୍ଷେତ୍ର ସକାଶେ ଅଧିକ ବ୍ୟୟ ବରାଦ କରାଯାଇଛି।

**ବିଶ୍ୱେଶ୍ୱର ପୃଷ୍ଟି, କର ଉପଦେଷ୍ଟା, ବୌଦ୍ଧ**



ଆଜିର ବଜେଟ ଏକ ବିକଶିତ ଭାରତ ଗଠନକୁ ଲକ୍ଷ୍ୟ ରଖି ପ୍ରସ୍ତୁତ ହୋଇଥିବାର ଜଣାଯାଉଛି। ଏଥିରେ ପ୍ରତିରକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦେବା ସହିତ ଦେଶର ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମିର ବିକାଶ, ପର୍ଯ୍ୟଟନ, ଗମନାଗମନ ଓ ଯୁବଶକ୍ତିର ବିକାଶକୁ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ମୋଟାମୋଟି ଭାବେ କହିବାକୁ ଗଲେ ଏହି ବଜେଟ ଦେଶକୁ ଆର୍ଥିକ କ୍ଷେତ୍ରରେ ଯଥେଷ୍ଟ ଲାଭବାନ କରାଇବ। ଏହାଦ୍ୱାରା ଓଡ଼ିଶା ମଧ୍ୟ ଅର୍ଥନୈତିକ କ୍ଷେତ୍ରରେ ଯଥେଷ୍ଟ ଲାଭବାନ ହେବାର ଆଶା ରହିଛି। ଓଡ଼ିଶାରେ ବିରଳ ଖଣିଜ ପଦାର୍ଥ କରିଡର ନିର୍ମାଣ ଏଥିପାଇଁ ଯଥେଷ୍ଟ ସହାୟକ ହେବ।

**ଲଳିତ କୁମାର ମେହେର, ଅଧ୍ୟାପକ, ବୌଦ୍ଧ**

# ସପ୍ତଦୀପାର ସାରସ୍ୱତ ଆସର




**ବୀରମହାରାଜପୁର, ୧୧୨ (ସମିସ):** ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ ଉପଲକ୍ଷେ ସପ୍ତଦୀପା ସାହିତ୍ୟ ସଂସଦର ୧୨୬ତମ ସାରସ୍ୱତ ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ଜ୍ଞାନେନ୍ଦ୍ର ତ୍ରିପାଠୀ, କମ୍ବୁଧର ସୁନା, ଯୁଗଳ କିଶୋର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଧନୁଯାତ୍ରା କମିଟିର ସଭାପତି ତଥା ସପ୍ତଦୀପାର କାର୍ଯ୍ୟକ୍ରମ ସଞ୍ଚାଳନ କିଶୋର ହୋତା ସଭାକୁ ସଂଯୋଜନା କରିଥିଲେ। କବି ପ୍ରଫୁଲ୍ଲ ପ୍ରଧାନ, ଶୁଭ୍ରାଂଶୁ ଶେଖର ପାଢ଼ୀ, ସୁବ୍ରତ ପଣ୍ଡା, ପ୍ରହ୍ଲାଦ ନାଏକ, ଧର୍ମ କୁମାର ଶତପଥୀ, ଗୋବିନ୍ଦ ସେଠୀ, ତନ୍ମୟବାଳା ମିଶ୍ର, ବାସୁଦେବ ରଥ, ସନ୍ତୋଷ ଅଦାବର, ସନ୍ତୋଷିନୀ ସାମନ୍ତରା, ସତ୍‌ପ୍ରାଜ୍ଞ ଶାଶ୍ୱତ ଦେହେରୀ, ଯୁଧିଷ୍ଠିର ଖମାରୀ, ଧ୍ରୁବ ଚରଣ କ୍ଷେତି, ଶ୍ୟାମ ଗୋପାଳ ହୋତା, ବିଜୟ କୁମାର ହୋତା ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବିତା ଗୁଡ଼ିକୁ ଅକ୍ରୁର ହୋତା ଓ ସନ୍ତୋଷିନୀ ନାୟକ ସଂଯୋଜନା କରିଥିଲେ। ଶେଷରେ ଅକ୍ଷୟ କୁମାର ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

# ମାସିକ ତୁଳସୀ ରାମାୟଣ ପାରାୟଣ

**ଶଗଡ଼ା, ୧୧୨(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ବାଉଁଶୁଣୀ ଭୁବନେଶ୍ୱର ବାବା ମନ୍ଦିର ଠାରେ ଏକବିଂଶ ତମ ମାସିକ ତୁଳସୀ ରାମାୟଣ ପାରାୟଣ ସହ ମାଘମେଳା ସମାପ୍ତ ହୋଇଯାଇଛି। ଚଳିତ ବର୍ଷ ମାଘ ମାସ ଆରମ୍ଭରୁ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତୁଳସୀ ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟାସ ଭାବରେ ତ୍ରିବିକ୍ରମ ପାଢ଼ୀ ସମ୍ପୂର୍ଣ୍ଣ ତୁଳସୀ ରାମାୟଣ ଗାନ କରିଥିଲେ। କର୍ତ୍ତା ଭାବରେ ଚାପଧାରି ମେହେର ଓ ତାଙ୍କ ପତ୍ନୀ ମିଳି ମେହେର ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ସୌମିତ୍ରୀ ଦାସ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟା ଠାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ଏହି ତୁଳସୀ ରାମାୟଣ ଅନୁଷ୍ଠିତ ହେଉଥିବା ବେଳେ ରବିବାର ମାଘ ପୂର୍ଣ୍ଣିମା ଦିନ ସମାପ୍ତ ହୋଇଛି। ଏଥିରେ ଭୁବନ ମେହେର, ଶରତ ଖମାରୀ, ଜେନାମଣି ମେହେର, ମୁରଲୀ ମେହେର, ଭଗବାନ ତରିଆ ସହଯୋଗ କରିଥିବା ବେଳେ ପ୍ରତ୍ୟେକ ଦିନ ତୁଳସୀ ରାମାୟଣ ପାରାୟଣର ବାଦ୍ୟଯନ୍ତ୍ରରେ ଅଜିତ୍ ମେହେର, ଦୁଃଶାସନ ବେହେରା, ଦୁର୍ଯ୍ୟୋଧନ ବେହେରା ସହଯୋଗ କରିଥିଲେ।

# ଦପଲା ଧନୁଯାତ୍ରା ପାଇଁ କଳାକାର ବରଣ



**ଶଗଡ଼ା, ୧୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତ ଯୁରୁମୁଣ୍ଡାରେ ଦପଲା ୧୧ତମ ଧନୁଯାତ୍ରା ମହୋତ୍ସବ ପାଇଁ କମିଟି ତରଫରୁ ଆଜି କଳାକାର ବରଣ କରାଯାଇଛି। ଫେବୃୟାରୀ ୩ ରୁ ୯ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇଛି। ଟୁକେଇ ପାଲି ଗ୍ରାମର ସୁଦାମ କର୍ମୀ ଓ ମିଥିଳା କର୍ମୀଙ୍କୁ ନନ୍ଦରାଜା ଓ ନନ୍ଦରାଣୀ ରୂପେ ବରଣ କରାଯାଇଛି। ଦୀନବନ୍ଧୁ ଦନ୍ତା, ସୁରପତି ଦନ୍ତା, ଭୁବନ ମହାକୁଡ଼, ହରି ଦେହେରିଆ, ସୁଶାନ୍ତ କଅର, କୈଳାସ ଦନ୍ତା, ସୁଶୀଳ ଡାଙ୍ଗ, ରାଜେଶ କର୍ଣ୍ଣ, ଲିଙ୍ଗରାଜ ମାହାର, ମଗୁରୁ ଦନ୍ତା, ମନୋଜ ଦନ୍ତା, ନିବାସ ମହାକୁଡ଼, ପ୍ରବୀଣ ଚାଉଳିଆ, ଆକାଶ ବଡ଼ମାଳୀ, ପ୍ରମୋଦ ଦନ୍ତା, ସିତାଂଶୁ ସାହୁ, ରିତେଶ ସିଂହ, ମୁରଲି ଦନ୍ତା, ସୁଦାମ କର୍ମି, ଅର୍ଜୁନ ମାଝି, ସୁଜିତ ମହାରିଙ୍ଗ, ସନ୍ତାନ ବଘାର, ଲିଙ୍ଗରାଜ ମାହାର, ଆଚାର୍ଯ୍ୟ ଜାନୀଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା ମାସ ଉଦ୍‌ଯାପିତ




**ବୌଦ୍ଧ, ୧୧୨(ସମିସ):** ବୌଦ୍ଧ ଟାଉନ୍‌ହଲ୍‌ଠାରେ ଜିଲ୍ଲାସ୍ତରୀୟ ଜାତୀୟ ସଡକ ସୁରକ୍ଷା ମାସର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସୁଷମା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ଡାକ୍ତରଖାନାର ଅଧୀକ୍ଷକ ଡା. ସଂଘମିତ୍ରା ପଣ୍ଡା, ଉପ ଆରକ୍ଷୀ ଅଧୀକ୍ଷକ ଗୌରାଂଗ ଚରଣ ସାହୁ, ଅଧ୍ୟାପକ ପ୍ରବୀର କୁମାର ଦାସ ମଞ୍ଚାସୀନ ଥିଲେ। ଅତିଥିମାନେ ସଡକ ସୁରକ୍ଷା ପାଇଁ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ପ୍ରତିଷେଧ ମୁଳକ ପଦକ୍ଷେପ ଉପରେ ସଚେତନ କରିଥିଲେ। ଏହି ଅବସରରେ ଦାସ କାଠିଆ ନୃତ୍ୟ ମାଧ୍ୟମରେ ସଡକ ସୁରକ୍ଷା ସଚେତନତା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠର ରୌପ୍ୟ ଜୟନ୍ତୀ

**ମନମୁଣ୍ଡା, ୧୧୨(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠର ରୌପ୍ୟ ଜୟନ୍ତୀ ଦୁଇଦିନ ଧରି ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଦୟଭାନୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜାଲୋଇ ମହାବିଦ୍ୟାଳୟ ଅଧ୍ୟକ୍ଷ କିଶୋର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଟଙ୍କଧର ସାହୁ, ଶୁଣ୍ଠିପଦର ସରପଞ୍ଚ ସୁଜାତା ଭୋଇ, ମୁଖ୍ୟବକ୍ତା ଭାବେ ବାଉଁଶୁଣି ମହାବିଦ୍ୟାଳୟ ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ରୌପ୍ୟ ଜୟନ୍ତୀ ସମ୍ପାଦକ କମ୍ବୁପାଣି ଜାନି ଅତିଥି ପରିଚୟ ସହ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ପାଚେରି ନିର୍ମାଣ ଓ ଅନ୍ୟ ଆନୁସଙ୍ଗିକ ବିକାଶ ପାଇଁ ଅର୍ଥର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଡ଼ାଙ୍ଗ କହିଥିଲେ। ଶେଷରେ ଶିକ୍ଷକ ଅକ୍ଷୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଏସ୍ କୁମାରଙ୍କ ଦ୍ୱାରା ମ୍ୟାଜିକ ଶୋ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପୂର୍ବତନ ବିଇଓ ଧ୍ରୁବଚରଣ ଘିବିଲା, ସମ୍ମାନିତ ଅତିଥିଭାବେ ସୋନପୁର କଲେଜ ଅଧ୍ୟକ୍ଷ ଉମାକାନ୍ତ ନାଗ, ବୌଦ୍ଧ କଲେଜ ଅଧ୍ୟାପକ ପ୍ରବୀର କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଦ୍ୱିତୀୟ ଦିନ ପ୍ରଥମ ଅଧିବେଶନରେ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ସିଆରସିସି ନରେଶ ସୁନା, ସ୍ଥାନୀୟ ସରପଞ୍ଚ ସୁଜାତା ଭୋଇ, ସମିତି ସଭ୍ୟା ଶିଳାବତୀ ବସ୍ତିଆ, ବରଗୋଛା ସରପଞ୍ଚ ଲକି କର୍ମୀ, ସମିତି ସଭ୍ୟା ମମତା କହଁର, ସ୍କୁଲ କମିଟି ସଭାପତି ହିମାଂଶୁ ଶେଖର ବସ୍ତିଆ ଏବଂ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ସତ୍ୟନାରାୟଣ ମଲ୍ଲିକ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ସୋନପୁର ମହାବିଦ୍ୟାଳୟ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ ଓ ସମ୍ମାନିତ ଅତିଥିଭାବେ ପୁରାତନ ଛାତ୍ର ସତ୍ୟବାନ୍ କର୍ଣ୍ଣ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ନରେନ୍ଦ୍ର କୁମାର ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ସ୍ଥାପନ ଠାରୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିଥିବା ବ୍ୟକ୍ତିବିଶେଷ ସମେତ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।



# ମୁକବଧିର ଛାତ୍ରୀଙ୍କୁ ନିର୍ଯାତନା ଘଟଣାର ତଦନ୍ତ

**ଭବାନୀପାଟଣା, ୧।୨(ସମିସ):** ସଦର ଥାନା ଅନ୍ତର୍ଗତ ପରମାନନ୍ଦପୁରସ୍ଥିତ ରେଡ଼କ୍ରସ୍ ଅନ୍ଧ, ମୂକ, ବଧିର ବିଦ୍ୟାଳୟରୁ ଆସିଛି ସାଂଘାତିକ ଅଭିଯୋଗ।ବିଦ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିଛନ୍ତି ଛାତ୍ରଛାତ୍ରୀ। ମାମଲା ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିବା ପରେ ତନାଘନା ଆରମ୍ଭ ହୋଇଛି। ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଏଡିଏମ୍ ଜେନେରାଲଙ୍କ ଅଧ୍ୟକ୍ଷତାରେ ଏକ ଟିମ୍ ଗଠନ କରିଛନ୍ତି। ଏହି ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି। କଳାହାଣ୍ଡି ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ପ୍ରାୟ ୫ କିଲୋମିଟର ଭିତରେ ରହିଛି ପରମାନନ୍ଦପୁର ନିକଟସ୍ଥ ରେଡ଼କ୍ରସ୍ ଅନ୍ଧ, ମୂକ, ବଧିର ବିଦ୍ୟାଳୟ ରହିଛି।ବିଦ୍ୟାଳୟର ଜଣେ ପୁରୁଷ ୱାର୍ଡେନ ନାବାଳିକା ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର ଦେଖାଇବା ସହ ଅସଦାଚରଣ କରୁଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ କଳାହାଣ୍ଡି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର କହିଛନ୍ତି, 'ବିଦ୍ୟାଳୟ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସିଛି। ଏହି କର୍ମଚାରୀ ପିଲାମାନଙ୍କୁ ମାନସିକ ନିର୍ଯାତନା ଦେବା ସହ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗରେ କୁହାଯାଇଛି। ଅଭିଯୋଗକୁ ଭିତ୍ତି କରି ଜିଲ୍ଲାପାଳ ଏକ ଟିମ୍ ଗଠନ କରିଛନ୍ତି।ଟିମ୍‌ର ଅଧ୍ୟକ୍ଷ ଅଛନ୍ତି ନିଜେ ଏଡିଏମ ଜେନେରାଲ ତନ୍ମୟ ଦରବାନ।ଏହି କମିଟି ଘଟଣାସ୍ଥଳକୁ ଯାଇ ତଦନ୍ତକରି ଫେରିଛନ୍ତି। କମିଟି ତାର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପରେ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷେ ଅଭିଯୋଗକାରିଣୀ ଛାତ୍ରୀମାନେ ମୂକ ହୋଇଥିବାରୁ କିଛି କହି ପାରୁ ନାହାନ୍ତି। ଏ ନେଇ ଇଶାରାରେ ସେମାନେ କହିବାକୁ ଚେଷ୍ଟା କରିବା ସହ କାଗଜରେ ଲେଖି ଜଣାଇଛନ୍ତି। ଏପରିକି ଏହାର ଏକ ଭିଡିଓ ରେକର୍ଡିଂ ପ୍ରମାଣ ମଧ୍ୟ ରହିଛି। ନିର୍ଯାତନା ବିଷୟରେ କହିଲେ ଅଧିକ ଶାରୀରିକ, ମାନସିକ ନିର୍ଯାତନା ଦିଆଯିବ ବୋଲି ଏହି କର୍ମଚାରୀମାନେ ଧମକ ଦେଉଥିବା ନାବାଳିକା ଛାତ୍ରୀମାନେ ଇଶାରାରେ ଅଭିଯୋଗ କରିଛନ୍ତି।ତେବେ ତଦନ୍ତକାରୀ ଟିମର ଅଧ୍ୟକ୍ଷ ତଥା କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦୱର୍‌ାନଙ୍କୁ ଏ ସମ୍ପର୍କରେ ପଚାରିବାରୁ ତଦନ୍ତ ରିପୋର୍ଟ ଜିଲ୍ଲାପାଳଙ୍କୁ ଦେବାପରେ ଯାହାବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଅବ୍ୟବସ୍ଥା ସୀମା ଟପିଲା ପର୍ଲା ଧାନ ମଣ୍ଡି

# ମଣ୍ଡି ପରିଦର୍ଶନ କଲେ ବିଜେଡି ବ୍ଲକ୍ କମିଟି

**ଧର୍ମଗଡ଼, ୧।୨(ସମିସ)**

ଶନିବାର ଦିନ ଧର୍ମଗଡ଼ ବ୍ଲକ ର ବିଭିନ୍ନ ମଣ୍ଡି ପରିଦର୍ଶନ କରିଛି ବ୍ଲକ ବିଜେଡି ପାଞ୍ଚ ଜଣିଆ ଟିମ।ସଭାପତି ଡାକେଶ୍ୱର ଲହଜଳ ଙ୍କ ନେତୃତ୍ୱରେ ଧର୍ମଗଡ଼ ଜୋନ ୧-ଜିଲାପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ ଓ ନାରୀ ନେତ୍ରୀ ମମତା ଗୋପାଳ, ସୋସିଆ ହାତୀ ଓ ସନ୍ତୋଷ ପାଢ଼ୀ ବିଭିନ୍ନ ମଣ୍ଡି ପରିଦର୍ଶନ କରି ଚାଷୀ ଙ୍କ ସହ ଆଲୋଚନା କରିଛନ୍ତି। ଟିପିଗୁଡା କାଁକେରି, ପର୍ଲା, ବେହେରା, ଜୟନ୍ତପୁର ଆଦି ମଣ୍ଡି ସ୍ଥିତି ଗୁଡିକ ଅତି ସାଙ୍ଘାତିକ ରହିଥିବା ବେଳେ ପର୍ଲା ମଣ୍ଡି ର ଅବ୍ୟବସ୍ଥା ସୀମା ଟପି ଯାଇଥିବା କମିଟି ଜାଣିବା ପରେ କ୍ଷୁବ୍ଧ ପ୍ରକାଶ କରିଛନ୍ତି।ପର୍ଲା ମଣ୍ଡିରେ ମିଲର୍ସ ଓ ଏଜେଣ୍ଟ ରାଜ ଚାଲିଥିବା ବେଳେ ମାସ ମାସ ଧରି ଚାଷୀ ଙ୍କ ଧାନ ଉଠିପାରୁନାହିଁ। ଏପରିକି ସିଧାସଳଖ ଭାବେ କୁଇଣ୍ଟାଲ ପ୍ରତି ୬-୮ କିଲୋ କଟନୀ ଛଟନୀ ହେଉଥିବା ପରିଦର୍ଶନ ବେଳେ ଚାଷୀ ଅଭିଯୋଗ କରିଛନ୍ତି। ଅନ୍ୟଅଟେ କ୍ରମିକ ସଂଖ୍ୟା ଅନୁଯାୟୀ ଚାଷୀ ଙ୍କ ଧାନ ନ ଉଠାଇ ଦଲାଲ ଙ୍କ ଠାରୁ ପଇସା କାରବାର କରି ଧାନ ଉଠାଉ ଥିବା ଆଲୋଚନା ବେଳେ ଚାଷୀ ମାନେ ଟିମ ନିକଟରେ ପ୍ରକାଶ କରିଛନ୍ତି। ସେଭଳି ଚାଷୀ ଙ୍କୁ ବସ୍ତା ଯୋଗାଇଦେବା ବ୍ୟବସ୍ଥା ଥିଲେ ହେଁ ଚାଷୀ ପାଉ ନ ଥିବା ସର୍ବପରି ନୋଡାଲ ଅଫିସର ଙ୍କ ଦେଖା ନ ମିଳିବା ଭଳି ସମସ୍ୟା ରହିଥିବା କମିଟି ଜାଣିବାକୁ ପାଇଛି। ଦାୟିତ୍ୱ ରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ର ତ୍ରୁଟି ପୂର୍ଣ୍ଣ ପରିଚାଳନା ପ୍ରତି ଚାଷୀ ମାନେ ଅସନ୍ତୋଷ ଥିବା ଓ ପର୍ଲା ପ୍ୟାକ୍ସ କୁ ଆସନ୍ତା ବର୍ଷ ଦାୟିତ୍ୱ ଦେବାକୁ ଟିମ ନିକଟରେ ଚାଷୀ ମାନେ କହିଥିଲେ। ସେଭଳି ବେହେରା ମଣ୍ଡି ବ୍ୟବସ୍ଥା ମଧ ଅଚଳ ହୋଇପଡ଼ିଥିବା ଓ ମାସ ମାସ ଧରି ଚାଷୀ ମଣ୍ଡିରେ ପକାଇ ଯୋଗୀ ରହିଥିବା -ଅନେକ ଚାଷୀ ଟୋକନ ପାଇଁ ମଣ୍ଡିରେ ଧାନ ପକେଇ ଧାନ ନ ଉଠି ଟୋକନ ଲାପ୍ସ ହେବା ଆଦି ପରିଦର୍ଶନ ଟିମ



ଜାଣିବାକୁ ପାଇଥିଲେ। କଟନୀ ଛଟନୀ ବାବଦ କୁ ୬କିଲୋ ସମେତ ଚାଷୀ ଙ୍କୁ ବସ୍ତା ନଦେବା ଓ ଚିହ୍ନା ମୁହଁ ଦେଖି ଧାନ ଉଠାଉ ଥିବା ଆଦି ଟିମ ଜାଣିବାକୁ ପାଇଛି। ବେହେରା ପ୍ୟାକ୍ସ ଅଧିନ ଜୟନ୍ତପୁର ଧାନ ମଣ୍ଡି ମଧ୍ୟ ସମାନ ସ୍ୱରୂପ ଥିବା ବେଳେ ଏହି ମଣ୍ଡିରେ ରିଟୋକନ ଗ୍ରହଣ କରୁ ନ ଥିବା ଚାଷୀ ଟିମ ଆଗରେ ପ୍ରକାଶ କରିଥିଲେ। କାଁକେରି ଟିପିଗୁଡା ଆଦି ମଣ୍ଡିରେ ବି ଏଭଳି ଅବସ୍ଥା ଥିବା ନେଇ କ୍ଷୁବ୍ଧ ପ୍ରକାଶ କରିଛି ଟିମ। ଏନେଇ ପାଞ୍ଚ ଜଣିଆ ଟିମ ସିଧାସଳଖ ଭାବେ ଧର୍ମଗଡ଼ ଉପଜିଲ୍ଲାପାଳ ଙ୍କୁ ଫୋନ ମାଧ୍ୟମରେ ମଣ୍ଡି ମାନଙ୍କ ଅବ୍ୟବସ୍ଥା ଉପରେ ଦୃଷ୍ଟି ଆକର୍ଷଣ କରିବା ସହ କିପରି ଶୀଘ୍ର ଚାଷୀ ଙ୍କ ଧାନ ଉଠି ପାରିବ ତାର ବ୍ୟବସ୍ଥା କରିବାକୁ କହିଥିବା ବିଜେଡି ବ୍ଲକ ସଭାପତି ଡାକେ ଲହଜଳ ଓ ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ ପ୍ରକାଶ କରିଛନ୍ତି ଏବଂ ଆସନ୍ତା ୩ତାରିଖ ଦିନ ମଣ୍ଡି ଅବ୍ୟବସ୍ଥା ଓ ଚାଷୀ ଶୋଷଣ ନୀତି ବିରୋଧରେ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମରେ ସମସ୍ତ ଚାଷୀ ସାମିଲ ହେବାକୁ ଆହ୍ୱାନ କରିଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପାଟଣାଗଡ଼, ୧।୨ (ସମିସ):** ପାଟଣାଗଡ଼ ଥାନା ଗଙ୍ଗାସାଗର ଗଏଲପିଟା ରାସ୍ତା କଡ଼ରେ ଥିବା ଏକ ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୁଲିସ ଜବତ କରିଛି। ମୃତ ଯୁବକ ହେଲେ ଗଙ୍ଗାସାଗର ଗାଁର ରାହୁଲ ଧରୁଆ। ଘଟଣାସ୍ଥଳକୁ ବଲାଙ୍ଗିରରୁ ସାଇଣ୍ଟିଫିକ୍ ପହଁଞ୍ଚି ତଦନ୍ତ କରି ଫେରିଛି। ଅଭିଯୋଗ ଅନୁସାରେ ଗଙ୍ଗାସାଗର ଗାଁର ରାହୁଲ ଧରୁଆ ଗାଁର ଜନୈକ ଟ୍ରାକ୍ଟର ମାଲିକଙ୍କ ପାଖରେ ଶ୍ରମିକ ଭାବେ କାମ କରୁଥିଲେ। ରବିବାର ଗାଁର ତିନିଜଣ ଯୁବକ ଜଗା ଷାଣ୍ଡ, ଆକାଶ ଷାଣ୍ଡ ଓ କାନ୍ଦରୁ ଧରୁଆ ରାହୁଲଙ୍କୁ ତାଙ୍କ ଘରକୁ ଡାକିବାକୁ ଆସିଥିଲେ। ପରେ କୌଣସି କଥାକୁ ନେଇ ରାହୁଲଙ୍କ ସହ ଉକ୍ତ ତିନିଜଣ ଯୁବକଙ୍କ ଝଗଡ଼ା ହେଉଥିବା ରାହୁଲର ବାପା ଜାଗର ଧରୁଆ ଖବର ପାଇଥିଲେ। ଏନେଇ ରାହୁଲଙ୍କୁ ଆଣିବାକୁ ଯାଇଥିବା ସମୟରେ ଗଙ୍ଗାସାଗର ଗଏଲପିଟା ରାସ୍ତାକଡ଼ରେ ଥିବା ଏକ ଗଛ ଉପରେ ଥିବା ତିନିଜଣ ଯୁବକ ଦୌଡ଼ି ପଳାଇଥିବା ରାହୁଲଙ୍କ ବାପା ଦେଖିଛନ୍ତି। ଫଳରେ ରାହୁଲଙ୍କୁ ହତ୍ୟା ପରେ ଗଛରେ ଝୁଲାଇଦେଇଥିବା ଅଭିଯୋଗ ଆଣିଛନ୍ତି ତାଙ୍କ ବାପା। ପ୍ରେମ ସମ୍ପର୍କକୁ ନେଇ ଝଗଡ଼ା ହୋଇଥିବା ଶୁଣିବାକୁ ମିଳିଛି। ଅନ୍ୟପଟେ ଝୁଲୁଥିବା ମୃତଦେହ ପାଖରେ ମୃତକଙ୍କ ଚପଲ ସହ ଅନ୍ୟ ବ୍ୟକ୍ତିଙ୍କ ଚପଲ ପଡ଼ିଥିବା ଦେଖିବାକୁ ମିଳିଛି। ଏ ଘଟଣାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରିରଖିଥିବାବେଳେ ଅଧିକ ତଦନ୍ତ ପାଇଁ ଉକ୍ତ ତିନି ଜଣ ଯୁବକଙ୍କୁ ଉଠାଇନେଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ଲୋଇସିଂହାରେ ପୁଲିସ ସମିତି ବୈଠକ

**ଲୋଇସିଂହା, ୧।୨(ସମିସ):** ଲୋଇସିଂହା ଥାନା ଆଭ୍ୟର୍ଥନା ସଭା ଗୃହରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଥାନା ଅଧିକାରୀ ସିପୋରା ସରୀୟା ଲୁଗୁନ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ଦେବାସହ ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ରାସ୍ତାଘାଟ ବିପର୍ଯ୍ୟସ୍ତ, ଜୁଆ, ବେଆଇନ ମଦ ବିକ୍ରି, ଚୋରି, ଟ୍ରାଫିକ ବିପର୍ଯ୍ୟସ୍ତ, ଗ୍ରାମ୍ୟରାସ୍ତା ଓ ପରିବେଶ ପ୍ରଦୂଷଣ ଉପରେ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ଲୋଇସିଂହା ଥାନାଅଞ୍ଚଳର ବିଭିନ୍ନ ମନ୍ଦିରରୁ ଚୋରି ଘଟଣାରେ ପୁଲିସକୁ ସଫଳତା ମିଳିଥିବା ଥାନା ଅଧିକାରୀ କହିଥିଲେ। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସମ୍ପୃକ୍ତ ଅଭିଯୁକ୍ତ ଜଣକ ବିବାହ କରିଛନ୍ତି। ପ୍ରଥମ ସ୍ତ୍ରୀଙ୍କ ସନ୍ତାନ ନ ହେବାରୁ ଦ୍ୱିତୀୟ ବିବାହ କରିଛନ୍ତି। ବୈଠକରେ ସରପଞ୍ଚ, ସମିତି ସଭ୍ୟ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏସଆଇ ଶ୍ରୀନିବାସ ବିଶ୍ୱାଳ, ଜ୍ୟୋସ୍ନା ମହାନନ୍ଦ, ରଜନୀକାନ୍ତ ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନିପୁଣ ଓଡ଼ିଶା ଜିଲ୍ଲା ଷ୍ଟିୟରିଂ କମିଟି ବୈଠକ

**ନୂଆପଡ଼ା, ୧।୨(ସମିସ):** ନୂଆପଡ଼ା ଜିଲ୍ଲାରେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଗତ ଦ୍ୱିତୀୟତ୍ରୟମାସିକ ଜିଲ୍ଲା ଷ୍ଟିୟରିଂ କମିଟି କମ୍ ପ୍ରକଳ୍ପ ପରିଚାଳନା (ଡିପିଏମୟୁ) ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଅଧ୍ୟକ୍ଷତା କରି ଜିଲ୍ଲାପାଳ ବିଦ୍ୟାଳୟ ଗୁଡ଼ିକରେ ପ୍ରାଚୀର, ଶୌଚାଳୟ, ଅତିରିକ୍ତ ଶ୍ରେଣୀକକ୍ଷ ଓ ରୋଷେଇଘର ନିର୍ମାଣ, ପାନୀୟଜଳ ଯୋଗାଣ, ରୋଷେଇ ସାମଗ୍ରୀ (କିଚେନ୍ ସେଟ୍) ଯୋଗାଣ ଓ ବିଭିନ୍ନ ସୁବିଧା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାମଗୁଡ଼ିକ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସହିତ ଜିଲ୍ଲା ଖଣିଜ ତହବିଲ ଓ ନୀତି ଆୟୋଗ ଅଧୀନରେ ଥିବା କିଛି ପ୍ରକଳ୍ପରୁ ପାଣ୍ଠି ବ୍ୟବହାର କରାଯାଇପାରିବ ବୋଲି ଜିଲ୍ଲାପାଳ କହିଥିଲେ।ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଆଗାମୀ ସାତ ଦିନ ମଧ୍ୟରେ ବିଦ୍ୟାଳୟଗୁଡ଼ିକର ଆବଶ୍ୟକତା ସମ୍ପର୍କିତ ବିସ୍ତୃତ ତଥ୍ୟ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ବତନ ଡିପିଏମୟୁ ବୈଠକର ନିଷ୍ପତ୍ତି ଅନୁସାରେ ଗ୍ରହଣ କରାଯାଇଥିବା କାର୍ଯ୍ୟାବଳୀ ଉପରେ ସମୀକ୍ଷା ଓ ଆଲୋଚନା ହୋଇଥିଲା।ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଧର ଧରୁଆ, ସିଡିଏମଓ ଡା. ଧନେଶ୍ୱର ସେଠୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିପ୍ତିମନ୍ତ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ନରୋତ୍ତମ ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡ଼ାଇ ସହ ସମସ୍ତ ବିଇଓ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୧୦୦ କିମି ଦୂରରେ ଏନ୍ଏମ୍ଏମ୍ଏସ୍ ପରୀକ୍ଷା କେନ୍ଦ୍ର

# ଅଭିଭାବକ ମହଲରେ ଅସନ୍ତୋଷ

**କୋମନା/ନୂଆପଡ଼ା, ୧।୨(ସମିସ):** ଜଣେ ପିଲା ପାଇଁ ପରୀକ୍ଷା ଦେବା ଯେତିକି କଷ୍ଟକର ନୁହେଁ, ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ତା'ଠାରୁ ଅଧିକ କଷ୍ଟକର ହୋଇପଡ଼ିଛି। ନୂଆପଡ଼ା ଜିଲ୍ଲାରେ ଏନଏମଏମଏସ ପରୀକ୍ଷା ପାଇଁ କରାଯାଇଥିବା କେନ୍ଦ୍ର ଚୟନକୁ ନେଇ ଏବେ ତୀବ୍ର ଅସନ୍ତୋଷ ଦେଖାଦେଇଛି।ଅନେକ ଛାତ୍ରୀଙ୍କ ପାଇଁ ପରୀକ୍ଷା କେନ୍ଦ୍ର ନିଜ ବାସସ୍ଥାନରୁ ପ୍ରାୟ ୫୦ ରୁ ୧୦୦ କିଲୋମିଟର ଦୂରରେ ଅବସ୍ଥିତ। ଦୁର୍ଗମ ଅଞ୍ଚଳରୁ ଏତେ ଦୂରକୁ ଆସିବା ପାଇଁ ସଠିକ୍ ପରିବହନ ବ୍ୟବସ୍ଥାର ଅଭାବ ପିଲାମାନଙ୍କୁ ମାନସିକ ଓ ଶାରୀରିକ ଚାପରେ ପକାଇଛି। ଶୀତ କାକରରେ ଭୋର ସମୟରୁ ଛୋଟ ଛୋଟ ପିଲାମାନଙ୍କୁ ଧରି ଏତେ ଦୂର ଯାତ୍ରା କରିବା ଅଭିଭାବକଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି। ସ୍ଥାନୀୟ



ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଜମା ହୋଇଥିବା ଅଭିଭାବକମାନେ ପ୍ରଶାସନର ନିଷ୍ପତ୍ତିକୁ ନିନ୍ଦା କରିଛନ୍ତି। ସେମାନଙ୍କ କହିବା କଥା, ଯଦି ପରୀକ୍ଷା କେନ୍ଦ୍ର ବ୍ଲକ ସ୍ତରରେ କିମ୍ବା ନିକଟବର୍ତ୍ତୀ ସ୍ଥାନରେ କରାଯାଇଥାନ୍ତା, ତେବେ ପିଲାମାନେ ନିର୍ଭୟରେ ଓ ସୁବିଧାରେ ପରୀକ୍ଷା ଦେଇପାରିଥାନ୍ତେ। ଜିଲ୍ଲା ଶିକ୍ଷା ବିଭାଗ ଏବଂ ସରକାର ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ଜରୁରୀ।ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ବୃତ୍ତି ପରୀକ୍ଷା ଯେପରି ସେମାନଙ୍କ ପାଇଁ ବୋଝ ନ ହୁଏ, ସେଥିପ୍ରତି ସତର୍କ ରହିବା ଆବଶ୍ୟକ ରହିଛି।

# ମହୁଲପାଟଣା ହାଇସ୍କୁଲର ବାର୍ଷିକ ଉତ୍ସବ

**ଥୁଆମୂଳରାମପୁର, ୧।୨ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ମହୁଲପାଟଣା ହାଇସ୍କୁଲର ବାର୍ଷିକୋତ୍ସବ 'ଉଡାନ୍' ୨୦୨୬ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ନାଏକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗ୍ରାମ ପଞ୍ଚାୟତର ସରପଞ୍ଚ ରତ୍ନି ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୋମନାଥ ନାଏକ, ସମାଜସେବୀ ଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଚଗୀତ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ଅବସରରେ ପୂର୍ବରୁ ସବ୍ ଜୁନିୟର ଏବଂ ଜୁନିୟର ବର୍ଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରଧାନଶିକ୍ଷକ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ବିଦ୍ୟାଳୟର ଖେଳ ଶିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଖେଳ ଶିକ୍ଷକ ଅକ୍ଷୟ କୁମାର ପାତ୍ର, ଶିକ୍ଷକ ସନ୍ତୋଷ କୁମାର ପାତ୍ର, ପ୍ରଦୀପ ପାଟମଝି, ବିନନ୍ତ ମାଝି, ନୀତେଶ ଠାକୁର, ଗୌରୀ ନାଏକ, କବିତା ମାଝି, ପ୍ରତିମା ଛତ୍ରିଆ, ଅଧ୍ୟାପକ୍ ପୁଷ୍ପମ ବଣିଆ (ଓଡ଼ିଆ), ରଞ୍ଜନ କୁମାର ନାଏକ, ମଦନ ହଂସ, ଅଧ୍ୟାପିକା ରିନା ସାହୁ, ସ୍ନେହାରାଣୀ ଧଙ୍ଗଡ଼ମାଝି, ସନ୍ଧ୍ୟାରଣି ନାଏକ ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦ୍ର ବଜେଟ-୨୦୨୬ ପ୍ରତିକ୍ରିୟା



ବିକଶିତ ଭାରତକୁ ପ୍ରାଧାନ୍ୟ ଦିଆଯିବାକୁ ଲକ୍ଷ୍ୟ ରଖି ଚଳିତ ପୂର୍ଣ୍ଣାଙ୍ଗ ବଜେଟ୍ରେ ଏହାର ପ୍ରତିଫଳନ ଦେଖିବାକୁ ମିଳୁଛି।ସାଧାରଣ ଜନତାଙ୍କ ସୁବିଧା ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଆରୋପ କରାଯାଇଛି। ସବୁ ଜିଲ୍ଲା ହସ୍ପିଟାଲମାନଙ୍କରେ ୫୦ପ୍ରତିଶତ ଅଧିକ ଶଯ୍ୟା ବଢ଼ାଯିବ। କ୍ୟାନସର ଓ ଜୀବନ ରକ୍ଷାକାରୀ ଔଷଧର ମୂଲ୍ୟକୁ ହ୍ରାସ କରାଯାଇଛି। ୫ଟି ନୂଆ ମେଡ଼ିକାଲ ହବ ସ୍ଥାପନ ଓ ୩ ଆୟୁର୍ବେଦିକ ଏମସ୍ ନିର୍ମାଣ ପାଇଁ ବଜେଟରେ ଉଲ୍ଲେଖ କରାଯାଇଛି। ଆୟକର ସୀମା ବୃଦ୍ଧି କରାଯାଇନଥିଲା ବେଳେ ମଧ୍ୟ ଆୟକର ଦାଖଲକୁ ସରଳୀକରଣ ସାଙ୍ଗରେ ପେନାଲ୍ଟି ପ୍ରଭିଜନ ମଧ୍ୟ ସରଳ କରାଯାଇଛି। ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ବଜେଟରେ ଗୁରୁତ୍ୱ ଦିଆଯାଇଛି।

**ହୃଷିକେଶ ମିଶ୍ର, ଔଷଧ ବ୍ୟବସାୟୀ, ଧର୍ମଗଡ଼**



ଚଳିତ ବର୍ଷର ବଜେଟରେ କଳାହାଣ୍ଡି ଜିଲ୍ଲା ଆଦିବାସୀଙ୍କ ଜୀବନ ଜୀବିକା ଶୈଳୀ ଅର୍ଥନୈତିକ, ସଶକ୍ତିକରଣ ଜଙ୍ଗଲ ଜମି ପାଇଁ ଏତେ ଉତ୍ସାହଜନକ ନୁହେଁ। ସରକାରୀ ପଦବୀ ପାଇଁ କୌଣସି ଗୁରୁତ୍ୱ ଦିଆଯାଇନାହିଁ। ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ତାଲିମ ଆଦି ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି। ଅଦ୍ୟାବଧି ଦୁର୍ଗମଅଞ୍ଚଳ ପ୍ରତି ଗ୍ରାମକୁ ରାସ୍ତା, ପାନୀୟ ଜଳ, ନେଟୱାର୍କ ସମସ୍ୟା ଆଦି ଲାଗି ରହିଛି। ଆର୍ଥିକ ଅନଗ୍ରସର ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକରେ ମୋବାଇଲ କିଣିବା ସମସ୍ତଙ୍କ ପାଇଁ ଅପହଞ୍ଚ। ସେହିପରି ଯୁବଉଦ୍ୟୋଗୀଙ୍କୁ ତାଲିମ, କର୍ମ ନିଯୁକ୍ତି ପଦକ୍ଷେପ ନିରୁତ୍ସାହଜନକ।

**ଫୁଲମେ ମାଝୀ, ସମାଜସେବୀ, ଲାଞ୍ଜିଗଡ଼**



ମଧ୍ୟମ ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ବଜେଟ୍ ଖୁସି କଲା ଭଳି ଲାଗୁ ନାହିଁ।ବଜେଟ୍‌ରେ ସାଧାରଣ ଜନତାଙ୍କ ପାଇଁ ଅନେକ ବଡ଼ ଘୋଷଣା କରାଯାଇଥିବା ବେଳେ ସାମଗ୍ରୀର ଦରଦାମରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିବଫ। ବିଶେଷ କରି କଷ୍ଟମ୍ ଡ୍ୟୁଟିରେ ପରିବର୍ତ୍ତନ ଯୋଗୁଁ ଦୈନନ୍ଦିନ ବ୍ୟବହାର୍ଯ୍ୟ ଅନେକ ଜିନିଷ ଶସ୍ତା ହେବାକୁଯାଉଛି। ବଜେଟ୍‌ରେ କେବଳ ଶସ୍ତା ନୁହେଁ, କିଛି ଜିନିଷ ଉପରେ କଷ୍ଟମ୍ ଡ୍ୟୁଟି ବୃଦ୍ଧି କରାଯାଇଛି, ଫଳରେ କିଛି ଜିନିଷର ଦର ବୃଦ୍ଧି ହୋଇଛି।ମୋଟାମୋଟି ଭାବେ ଦେଖିବାକୁ ଗଲେ, ନବମ ବଜେଟ୍ ମଧ୍ୟମ ବର୍ଗର ଲୋକଙ୍କୁ ଏବଂ ଘରୋଇ ଉତ୍ପାଦନକାରୀଙ୍କୁ ଖୁସି କରିବାକୁ ଚେଷ୍ଟା କରିଛି।ମଧ୍ୟମ ଓ କ୍ଷୁଦ୍ର ବ୍ୟବସାୟୀ ମାନଙ୍କୁ ଏହି ବଜେଟ୍ ଖୁସି କଲା ଭଳି ଲାଗୁ ନାହିଁ।

**ବିଦ୍ୟାଧର ସାହୁ, ସଭାପତି, ଚାମ୍ବର ଅଫ କମର୍ସ, ଧର୍ମଗଡ଼**



ବର୍ଷ ୨୦୨୬ର ବଜେଟ୍ ମୁଖ୍ୟତଃ ଦେଶର ପ୍ରତିରକ୍ଷା, କୌଶଳ ବିକାଶ, କୃତ୍ରିମ ବୁଦ୍ଧିମତା ଓ ରୋବୋଟିକ ଟେକ୍ନୋଲୋଜି ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଅଧିକ ବ୍ୟୟ ପାଇଁ ପ୍ରସ୍ତାବ ରଖାଯାଇଛି। ଭାରତ ବିସ୍ତାର ମାଧ୍ୟମରେ କୃଷକମାନେ କୃତ୍ରିମ ବୁଦ୍ଧିମତା ଦ୍ୱାରା କୃଷି ଉପଯୁକ୍ତ ସଠିକ୍ ଜ୍ଞାନ ପାଇପାରିବେ। ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ଉନ୍ନତି ଆଣିବା ପାଇଁ ପୂର୍ବ ବର୍ଷ ବଜେଟ୍ ଅପେକ୍ଷା ଏ ବର୍ଷ ଅଧିକ ବ୍ୟୟ ପାଇଁ ପ୍ରସ୍ତାବ ରଖାଯାଇଛି। ଆୟୁର୍ବେଦର ବିକାଶ ପାଇଁ ତିନୋଟି ଅନୁଷ୍ଠାନ ଖୋଲାଯିବର ପ୍ରସ୍ତାବ ରହିଛି। ଏହି ବଜେଟ ମୁଖ୍ୟତଃ ବିକଶିତ ଭାରତ -୨୦୪୭କୁ ଲକ୍ଷ୍ୟରେ ରଖି କରାଯାଇଛି।

**ପଞ୍ଚରତ୍ନ ଗିରି, ଅର୍ଥନୀତି ବିଭାଗ, ସରକାରୀ ମହିଳା ମହାବିଦ୍ୟାଳୟ ଭବାନୀପାଟଣା**



୨୦୨୬-୨୭ ଭାରତର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିଛି।ଲକ୍ଷ୍ୟଭିତ୍ତିକ ଉଦ୍ୟୋଗ ଓ ଉଚ୍ଚ ପ୍ରଯୁକ୍ତିକୁ ସୁଦୃଢ଼ କରିବା ପାଇଁ ଯାନ୍ତ୍ରିକ ଚିପ୍ ମିଶନ୍ ୨.୦ ଓ ଅନ୍ୟାନ୍ୟ ଉଦ୍ୟମରେ ବୃଦ୍ଧି କରାଯିବା ପ୍ରସ୍ତାବ ରହିଛି। କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ମଧ୍ୟ ବଜେଟରେ ବ୍ୟବସ୍ଥା ହୋଇଛି।ଦେଶର ସୁରକ୍ଷା ପାଇଁ ବିଗତ ବର୍ଷ ଅପେକ୍ଷା ୨୫ ପ୍ରତିଶତ ଅଧିକ ବ୍ୟୟ ବରାଦ କରାଯାଇଛି। ଆୟକର ଦାତାଙ୍କ ପାଇଁ ବଜେଟ ରିହାତି ଦେଇଥିଲେ ଭଲ ହୋଇଥାନ୍ତା। ନିଯୁକ୍ତି କ୍ଷେତ୍ରରେ ମଧ ଆଖି ଦୃଶିଆ ପଦକ୍ଷେପ ନିଆଯାଇଛି। ବିକଶିତ ଭାରତ ୨୦୪୭ ପାଇଁ ଏକ ବଡ଼ ପଦକ୍ଷେପ।

**ଜୟଦେବ ସାହୁ, ଡେପୁଟିରେଜିଷ୍ଟାର ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ**

# ବରିଷ୍ଠ ସାମ୍ବାଦିକଙ୍କୁ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି

**ବଲାଙ୍ଗିର, ୧।୨(ସମିସ):** ବରିଷ୍ଠ ସାମ୍ବାଦିକ ରାମକୁମାର ଅଗ୍ରୱାଲଙ୍କ ବିୟୋଗରେ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଆଜି ଦିବଙ୍ଗତ ସାମ୍ବାଦିକ ଶ୍ରୀ ଅଗ୍ରୱାଲଙ୍କ ଗଙ୍ଗା ଶ୍ରାଦ୍ଧ ଅବସରରେ ଏହି ଅମର ଆତ୍ମାର ସଦ୍‌ଗତି ପାଇଁ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ଭବନଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ଭବନର ପ୍ରତିଷ୍ଠା ଦିଗରେ ଶ୍ରୀ ଅଗ୍ରୱାଲଙ୍କ ସ୍ମରଣୀୟ ସାମର୍ଥ୍ୟ, ସାଙ୍ଗଠନିକ ଦକ୍ଷତା ତଥା ସାମ୍ବାଦିକ ବୃତ୍ତିର ଗାରିମା ବୃଦ୍ଧି ଦିଗରେ ଶ୍ରୀ ଅଗ୍ରୱାଲଙ୍କ ଅବଦାନ ଏକ ଅଭୁଲା ସ୍ମୃତି ହୋଇ ରହିବ



ବୋଲି ସାମ୍ବାଦିକ ମାନେ କହିଥିଲେ। ବରିଷ୍ଠ ସାମ୍ବାଦିକ ଗୋପବନ୍ଧୁ ଶତପଥୀ, ଜିଲ୍ଲା ସାମ୍ବାଦିକ ସଂଘର ସମ୍ପାଦକ ଶିଶିରକାନ୍ତ ଶତପଥୀ, ବରିଷ୍ଠ ସାମ୍ବାଦିକ ମହେନ୍ଦ୍ର କୁମାର ଦର୍ଜି, ଶରତ କୁମାର ମହାକୁର, ସନ୍ଦୀପ କୁମାର କୁଅଁର, ଆନନ୍ଦ ସାହୁ, ଦୀପକ ପୁରୋହିତ, ମହମ୍ମଦ ଶେଖ ୱାହିଦ ଓୟୁଜେର ରାଜ୍ୟ ସମ୍ପାଦକ ରିତୁରଜ ସିଂହ, ଦିଲ୍ଲୀପ, ଗୁପ୍ତେଶ୍ୱର ପୃଷ୍ଟି, ଆଶିଷ ବାରିକ, ଦେବାଶିଷ ମିଶ୍ର, ରଘୁ ନନ୍ଦନ ସିଂହ, ଯୁଧିଷ୍ଠିର ମେହେର, ପୱନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୦୪ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ

**ସିନାପାଲି, ୧।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଲ ହାଇସ୍କୁଲର ୨୦୦୪ମାଟ୍ରିକ ବ୍ୟାଚ ବନ୍ଧୁ ମିଳନ ବାଦିବାହାଲ ଡ୍ୟାମ ଠାରେ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମରେ ସମସ୍ତ ବନ୍ଧୁ ନିଜର ଖୁସି ଜାହିର କରିଥିବା ବେଳେ ଆଗାମୀ ଦିନରେ ନିଜ ନିଜ ଭିତରେ ଆହୁରି କେମିତି ସମ୍ପର୍କ ମଜବୂତ ହେବ ମତ ପ୍ରକାଶ ପାଇଥିଲା। ପଲ୍ଲବୀ ଯୋଶୀ ସମସ୍ତଙ୍କୁ ଏକଜୁଟ କରିଥିବା ଯୋଗୁଁ ତାଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ତାପସ କସ୍ୟପ ନିଜର କଳା ଦେଖାଇ ମଧୁର କଥା ଓ ନାଚଗୀତରେ ସମସ୍ତ ଙ୍କୁ ଖୁସି କରିଥିଲେ।ନରେଶ ମାଝି ମୁଖ୍ୟ ଦାୟିତ୍ୱ ତୁଲାଇଥିଲେ।ହେମକାନ୍ତି ମାଝି, ବିଜୟ, ତୁଳାରାମ, ସଞ୍ଜୟ, ପବିତ୍ର, ହାଇଜମ, ବାସୁ, ଟିକେଲାଲ, ହଲଧର, ଅନନ୍ତ, ବିହାରିଲାଲ ମକରନ ସମେତ ଅନେକ ବନ୍ଧୁ ଉପସ୍ଥିତ ଥିଲେ।

# ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମୀକ୍ଷା ବୈଠକ

**ଭବାନୀପାଟଣା, ୧।୨(ସମିସ):** କଳାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇଭବାନୀପାଟଣା ଟାଉନ୍‌ହଲରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛାତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ୍ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ।ବୈଠକରେ ଆସନ୍ତା ମାଟ୍ରିକ ପରୀକ୍ଷାରେ ଉତ୍ତମ ଫଳାଫଳ, ବିଦ୍ୟାଳୟ ସୁପରିଚାଳନା, ଆକାଂକ୍ଷୀ ପାଠ୍ୟକ୍ରମ, ମଧ୍ୟାହ୍ନ ଭୋଜନ ସୁପରିଚାଳନା, ଆର୍ଥିକ ପରିଚାଳନା, ଯୁଡ଼ାଇସ ପ୍ଲସ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପରୀକ୍ଷା, ନୂତନ ପାଠ୍ୟ ପୁସ୍ତକ, ନୂତନ ଶିକ୍ଷା ବର୍ଷର କାର୍ଯ୍ୟ ଖସଡ଼ା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷ. ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।ଏହି ଅବସରରେ ସମଗ୍ର ଶିକ୍ଷା କଳାହାଣ୍ଡିର ମୁଖପତ୍ର ତଥା ଶିକ୍ଷା ସମ୍ବାଦ ବାହିକା ମାଣିକ୍ୟ ପ୍ରଭା ପତ୍ରିକା ଉନ୍ମୋଚନ କରାଯାଇଥିଲା। ଜିଲ୍ଲା ଗଣନାଥପୁର ପ୍ରଧାନଶିକ୍ଷକ ପ୍ରଦୀପ ନେଗି, କୁଲିହାରୀ ପ୍ରଧାନଶିକ୍ଷକ ବିଜୟ ପାଢ଼ୀ, ଜୟଦୁର୍ଗା ଉଚ୍ଚ ବିଦ୍ୟାଳୟ ନାର୍ଲା ରୋଡ଼ ପ୍ରଧାନଶିକ୍ଷକ ସନ୍ତୋଷ କୁମାର କର ନିଜ ବିଦ୍ୟାଳୟରେ ଉତ୍ତମ ଶିକ୍ଷାଦାନ ଓ ଫଳାଫଳ ଲାଗି ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଉପସ୍ଥାପନା କରିଥିଲେ। ଜିଲ୍ଲା ସାଧନ ଶିକ୍ଷକ, ଶିକ୍ଷୟିତ୍ରୀ ବିଜୟାନନ୍ଦ ହୋତା, ଶ୍ୟାମ ସୁନ୍ଦର ପଣ୍ଡା, ସରସ୍ୱତୀ ସାହୁ, ସ୍ନିଗ୍ଧାଲିନା ସାହୁ, ଯୁଧିଷ୍ଠିର ମୁଦୁଲି, ମୃତ୍ୟୁଞ୍ଜୟ ପତି, ପ୍ରଜ୍ଞା ଶତପଥି, ସ୍ୱେତାଲିନ ପ୍ରଧାନ, ସରସ୍ୱତୀ ବେହେରା, ମନୋଜ ପଣ୍ଡା, ବିନୋଦ ବାତ୍ରା, ବାପାଙ୍ଗି ପ୍ରଧାନ ଓ ଈଶ୍ୱର ବେହେରା, ଜିଲ୍ଲା ପ୍ରାଥମିକ ଶିକ୍ଷା ତାଲିମ ଅନୁଷ୍ଠାନ ପ୍ରମୁଖ ପାଠ୍ୟ ବିଷୟ ବସ୍ତୁ ଉପରେ ଛାତ୍ରଛାତ୍ରୀମାନେ କିପରି ଅଧିକ ମାର୍କ ରଖି ପାରିବେ, ସେ ସମ୍ପର୍କରେ ନିଜ ଅଭିଜ୍ଞତା ବିନିମୟ କରିଥିଲେ। କାର୍ଯ୍ୟକ୍ରମରେ ବ୍ରେଷ୍ଟ ଆଲିଆଁନସ ଭୁବନେଶ୍ୱରର ରାଜ୍ୟ ମୁଖ୍ୟ ଯୁଭିକା ସିଂହ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ପାଢ଼ୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୁପସିଂ ରାଉତ, ଉପବିଭାଗ ଅଧିକାରୀ ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜିଲ୍ଲା ସଂଯୋଜକ ବିରେନ୍ଦ୍ର ଆଚାର୍ଯ୍ୟ, ପଞ୍ଚ ଶଖା ଶିକ୍ଷା ସେତୁ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ

# ସୋନପୁର ରାମଧୁନ୍ କ୍ଲବ୍ ଚାମ୍ପିଅନ

**ବଲାଙ୍ଗିର, ୧।୨(ସମିସ)**

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳରେ ସୋନପୁର ରାମଧୁନ ୩-୧ ଗୋଲରେ କୁଚିଣ୍ଡା ବ୍ରଦର୍ସ ଫୁଟବଲ କ୍ଲବ୍‌କୁ ହରାଇ ବିଜୟୀ ହୋଇଛି। କମିଟି କାର୍ଯ୍ୟକାରୀ ସଭାପତି ବିଧୁଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖେଳରେ ମୁଖ୍ୟ ଅତିଥି ଭାବେ ରାଜଖରିଆର ବିଧାୟକ ଅହିରାଜ ପାଣିଗ୍ରାହୀ, ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ, ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ମିଶ୍ର, ପୂର୍ବତନ ବ୍ଲକ ଚେୟାରମ୍ୟାନ ଗୁଲାପ ବାଗ, ପୂର୍ବତନ ପୌରାଧ୍ୟକ୍ଷା ଦମୟନ୍ତି ବାଗ ଓ ଛାତ୍ର ନେତା ସୁମନ କୁମାର ନନ୍ଦ ଯୋଗଦେଇଥିଲେ। ସେହିପରି କମିଟିର ଉପ-ସଭାପତି ଶମ୍ଭୁ ପ୍ରସାଦ ନାଗ, ସମ୍ପାଦକ ସାଗର ସଂଗମ ଶତପଥୀ ମଞ୍ଚାସିନ ଥିଲେ। ଆଜିର ଖେଳକୁ ସୁବ୍ରତ ପୁରୋହିତ, ଜିତେନ୍ଦ୍ର ପାତ୍ର, ସଞ୍ଜନ କୁମାର କୁଦେଇ ଓ ଦେବାଶିଷ ବାଗ ପରିଚାଳନା କରିଥିଲେ। ସୋନପୁର ଦଳର ସୁନିଲ ବାଘା ବେଷ୍ଟ ଗୋଲକିପର, ମ୍ୟାନ୍ ଅଫ୍ ଦି ମ୍ୟାଚ ସୋନପୁର ର ବିଶାଲ ମୁଣ୍ଡା ଓ ମ୍ୟାନ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଭାବେ କୁଚିଣ୍ଡା ଦଳର ଆଦିତ୍ୟ ଖାଖାଙ୍କୁ ଟ୍ରଫି ସହ ୨ହଜାର ଟଙ୍କା ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ବିଜୟୀ ସୋନପୁର ରାମଧୂନ ଦଳକୁ ଚାମ୍ପିଅନ ଟ୍ରଫିସହ ୫୫ହଜାର ୫ଶହ ୫୫ଟଙ୍କା ଓ ଉପ-ବିଜେତା ଦଳଙ୍କୁ ଟ୍ରଫିସହ ୩୩ହଜାର ୩ଶହ ୩୩ଟଙ୍କା ରେ ପୁରସ୍କୃତ କରାଯାଇଥିଲା। ମାନ୍ୟବର ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ବଲାଙ୍ଗିର ବିଧାୟକ ତଥା ଟୁର୍ଣ୍ଣାମେଣ୍ଟ କମିଟିର ସଭାପତି କଳିକେଶ ନାରାୟଣ ସିଂଦେଓ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦୁଇଜଣ ପୂର୍ବତନ ଫୁଟବଲ ଖେଳାଳି ସୁଧାନିଧି ହୋତା ଓ କୂଳମଣି ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ରେଫ୍‌ରିମାନଙ୍କୁ ମଧ୍ୟ ମାନପତ୍ର ଅତିଥିମାନେ ସମ୍ମାନିତ କରିଥିଲେ। କ୍ରୀଡା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିବା ବେଳେ ଜିଲ୍ଲା କ୍ରୀଡା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ବିଭୁତିଭୂଷଣ ମିଶ୍ର, ବିରସେନ ସାହୁ, ଭୁପେନ୍ଦ୍ର ସିଂ, ସନ୍ତୋଷ ଦନ୍ତା, ଦିଲୀପ ବଗର୍ତ୍ତୀ, ନିହାର ରଞ୍ଜନ ସ୍ୱାଇଁ, ଡୋଳାମଣି ବାଗ, ଚିନ୍ମୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ଶରତ ଚନ୍ଦ୍ର ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଟିଟିଲାଗଡ଼ ରାଇଜିଂ ଷ୍ଟାର ଚାମ୍ପିଅନ

**କୋକସରା, ୧।୨(ସମିସ):** କୋକସରା ବ୍ଲକ ସଦର ମହକୁମାସ୍ଥିତ କସ୍ତୁରବା ଖେଳପଡ଼ିଆରେ କୋକସରା ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଶରତ ଚନ୍ଦ୍ର ପୂଝାରୀ (ଧରୁଆ) ସ୍ମାରକୀ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଟିଟିଲାଗଡ଼ ରାଇଜିଂ ଷ୍ଟାର ଓ ଶିବଶକ୍ତି ପଡୁଆ ନବରଙ୍ଗପୁର ଦଳ ମଧ୍ୟରେ ହୋଇଥିଲା। ଟିଟିଲାଗଡ଼ ରାଇଜିଂ ଷ୍ଟାର ୫/୦ ଗୋଲ ଦେଇ ଶିବଶକ୍ତି ପଡୁଆ ନବରଙ୍ଗପୁରକୁ ହରାଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଫାଇନାଲ ଖେଳକୁ ଡୋଳଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିବାବେଳେ ନବୀନ ବଗର୍ତ୍ତୀ ଓ ଶେଷଦେବ ମଲ୍ଲୀକ ଲାଇନମ୍ୟାନରେ ସହଯୋଗ କରିଥିଲେ, ଅମିତ ମହାନ୍ତି, ନିର୍ମଳ ଦଣ୍ଡସେନା, ଚିତ୍ତରଞ୍ଜନ ଠାକୁର ଓ ଶଙ୍କର ପୋଡ଼ ଚତୁର୍ଥ ରେଫରି ଭାବରେ ଥିଲେ। ବାବୁଲାଲ ଶବର ଓ ଟଇ ଗୋପାଳ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। କୋକସରା ଥାନା ଅଧିକାରୀ ସୁଜ୍ଞାନୀ କୁମାର ବାରିକ, କୋକସରା ସରପଞ୍ଚ ତଥା ରାଜ୍ୟ ଓମଫେଡ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ପୁରୁଷୋତ୍ତମ ଗୁପ୍ତା, ଉଦ୍ୟୋଗପତି ବିକ୍ରମ ଗୁପ୍ତା, ବିଜେପି ନେତା ତ୍ରିନାଥ ଶବର, ଦୁର୍ଗା ପ୍ରସାଦ ପ୍ରଧାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ଅତିଥିମାନେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କୃତ କରିଥିଲେ। ସ୍ୱର୍ଗତ ଶରତ ଚନ୍ଦ୍ରଙ୍କ ପରିବାରରୁ ତୁଳସା ଧରୁଆ, ନନ୍ଦ କିଶୋର ଧରୁଆ, ଦିଲ୍ଲୀପ ଧରୁଆ, ଦିଲୁ ସିଂ ଧରୁଆ, କଳ୍ପନା ମାଝି, ନିଭ୍ୟା ଯାଚିକା ଧରୁଆ, ଧୀଶ ଧରୁଆ, ରେଶମା ଧରୁଆ, ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ପୋର୍ଟସ କ୍ଲବ୍ର ସଭାପତି ତ୍ରିମୋହନ ନାଏକ, ସମ୍ପାଦକ କ୍ଷୀରସିନ୍ଧୁ ନେଗୀ, ସହ ସମ୍ପାଦକ ମହେଶ ଗୁପ୍ତା, ଉପସଭାପତି କାମାକ୍ଷା ନାଏକ, କୋଷାଧ୍ୟକ୍ଷ ସଚିନ ଗୁପ୍ତା, ସ୍ପୋର୍ଟସ କ୍ଲବ୍ର ଉପଦେଷ୍ଟା ତ୍ରିଭୁବନ ନାଏକ, ନବୀନ ନାଏକ, ସ୍ପୋର୍ଟସ କ୍ଲବ କର୍ମକର୍ତ୍ତା, ମାନସ ରଞ୍ଜନ ବେହେରା, ସୁରଜ ନାଏକ, ଧୀରଜ ନାଏକ, ପପୁ ଦଣ୍ଡସେନା, ପ୍ରବୀଣ ଶବର, ପ୍ରମୁଖ ସହଯୋଗ କରିଥିଲେ।

# ଇରାନ ନୁହେଁ; ଭେନେଜୁଏଲାରୁ ତେଲ କିଣିବ ଭାରତ: ଟ୍ରମ୍ପ



**ୱାଶିଂଟନ,୧।୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଭାରତ ଏବେ ଇରାନ ବଦଳରେ ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାଠାରୁ ଅଶୋଧିତ ତୈଳ କ୍ରୟ କରିବ। ଏଥିପାଇଁ ଭାରତ ଏକ ଚୁକ୍ତି ସମ୍ପର୍କରେ ଆଲୋଚନା କରିସାରିଛି ବୋଲି ସେ କହିଛନ୍ତି। ତେଣୁ ଭାରତ ଏବେ ଇରାନରୁ ତେଲ କଣିବା ବନ୍ଦ କରି ଭେନେଜୁଏଲାରୁ ତେଲ ଆମଦାନୀ କରିବ। ଟ୍ରମ୍ପ ୱାଶିଂଟନ ଡିସିରେ ଏୟାର ଫୋର୍ସ ୱାନରେ ସାମ୍ବାଦିକଙ୍କ ସହ କଥାହେବା ବେଳେ ଏ ନେଇ ସୂଚନା ଦେଇଛନ୍ତି। ତେବେ ଭାରତ ସରକାରଙ୍କ ତରଫରୁ ଏ ସଂକ୍ରାନ୍ତରେ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ। ଏ ନେଇ ଆମେ ପୂର୍ବରୁ ଏକ ଚୁକ୍ତିରେ ଉପନୀତ ହୋଇସାରିଛୁ ବୋଲି ସେ କହିଛନ୍ତି। ଚୀନ୍ ପାଇଁ ମଧ୍ୟ ସୁଯୋଗ ରହିଛି। ଯଦି ଚୀନ ଚାହେଁ ଭେନେଜୁଏଲାଠାରୁ ମଧ୍ୟ ତେଲ କଣିପାରିବ। ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ୩୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଡେଲସି ରୋଡ୍ରିଗ୍ରେଜ ସହ ଫୋନ୍‌ରେ କଥା ହୋଇ ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଭାରତ ଓ ଭେନେଜୁଏଲା ମଧ୍ୟରେ ତୈଳ ସମ୍ପର୍କରେ ଉତ୍ଥାନ ପତନ ଦେଇ ଗତି କରୁଛି। ୨୦୧୯ ପୂର୍ବରୁ ଭାରତ ନିଜ ମୋଟ୍ ତୈଳ ଆମଦାନୀର ପ୍ରାୟ ୬ ପ୍ରତିଶତ ଭେନେଜୁଏଲାଠାରୁ କିଣୁଥିଲା। ତେବେ ୨୦୧୯ରୁ ୨୦୨୩ ମଧ୍ୟରେ ଆମେରିକା କଡ଼ା କଟକଣା ଯୋଗୁଁ ଭାରତ ତେଲ କିଣିବା ପ୍ରାୟ ବନ୍ଦ କରି ଦେଇଥିଲା। ୨୦୨୪ରେ କଟକଣା କିଛି ମାତ୍ରାରେ କୋହଳ ହେବା କାରଣରୁ ଭାରତ ପୁଣି ଭେନେଜୁଏଲାଠାରୁ ତେଲ କିଣିବା ପ୍ରକ୍ରିୟା ଆରମ୍ଭ କରିଥିଲା। ୨୦୨୫ ମେ'ରେ ଆମେରିକା ପୁଣି କଡ଼ା କଟକଣା ଲାଗୁ କରିବା ଫଳରେ ଭାରତର ତେଲ ଅମଦାନୀ କମି ମାତ୍ର ୦.୩ ପ୍ରତିଶତରେ ପହଞ୍ଚିଥିଲା। ରିପୋର୍ଟ ଅନୁଯାୟୀ, ଭାରତ ବଡ଼ ବେସରକାରୀ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରୀଜ୍ ପୁଣି ଥରେ ଭେନେଜୁଏଲାଠାରୁ ତେଲ କିଣିବା ପାଇଁ ଆମେରିକା ସରକାରଙ୍କ ଅନୁମତି ଲୋଡ଼ିଛି। ପାଶ୍ଚାତ୍ୟ ଦେଶଗୁଡିକ ରୁଷଠାରୁ ତେଲ ନ ନେବାକୁ ଭାରତ ଉପରେ ଚାପ ପକାଉଥିବା ବେଳେ ରିଲାଏନ୍ସ ଭେନେଜୁଏଲାକୁ ଏକ ବିକଳ୍ପ ଭାବେ ଦେଖୁଛି।

**ଚୁକ୍ତି ଚୂଡାନ୍ତ ହୋଇସାରିଛି**

**ଚୀନ୍‌କୁ ମଧ୍ୟ ଚୁକ୍ତି କରିବାକୁ ଅନୁରୋଧ କରାଯାଇଛି**

ଉଲ୍ଲେଖଥାଉ କି, ଭେନେଜୁଏଲା ପାଖରେ ବିଶ୍ୱର ସବୁଠାରୁ ବଡ଼ ତୈଳ ଭଣ୍ଡାର ରହିଛି। ଯଦି ଭାରତ ସେଠାରୁ ତେଲ କିଣେ, ତେବେ ଶକ୍ତି ସୁରକ୍ଷା କ୍ଷେତ୍ରରେ ଏହା ଏକ ବଡ଼ ପଦକ୍ଷେପ ହେବ।



## ୩ରୁ ସାଧାରଣ ଲୋକଙ୍କ ପାଇଁ ଖୋଲିବ 'ଅମୃତ ଉଦ୍ୟାନ'

**ନୂଆଦିଲ୍ଲୀ,୧।୨(ଏଜେନ୍ସି):** ରାଷ୍ଟ୍ରପତି ଭବନର ମନୋରମ ଅମୃତ ଉଦ୍ୟାନ ଆସନ୍ତା ୩ ଅର୍ଥାତ ମଙ୍ଗଳବାରଠାରୁ ସାଧାରଣ ଜନତାଙ୍କ ପାଇଁ ଖୋଲିବାକୁ ଯାଉଛି। ପୂର୍ବରୁ ଏହି ଉଦ୍ୟାନ ମୁଗଲ ଗାର୍ଡେନ ନାମରେ ପରିଚିତ ଥିଲା। ଏହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଖୋଲା ରହିବ। ଏହି ଉଦ୍ୟାନ ସପ୍ତାହରେ ୬ ଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ଶେଷ ପ୍ରବେଶ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହିବ। ମାର୍ଚ୍ଚ ୪ରେ ହୋଲି ଦିନ ଉଦ୍ୟାନ ବନ୍ଦ ରହିବ। ଉଦ୍ୟାନରେ ପ୍ରବେଶ ସମ୍ପୂର୍ଣ୍ଣ ନିଶୁଳ୍କ ରହିବ। ନିଶୁଳ୍କ ପ୍ରବେଶ ଟିକଟ୍ ଅନଲାଇନ୍ ବୁକିଂ ମାଧ୍ୟମରେ ମିଳିବ। ପ୍ରବେଶ ଓ ପ୍ରସ୍ଥାନ ଗେଟ୍ ନଂ ୩୫ ମାଧ୍ୟମରେ ହେବ। ଏବର୍ଷ ଉଦ୍ୟାନରେ ଟ୍ୟୁଲିପ୍, ଗୋଲପ, ବ୍ୟାବଲିଂ ବରୁକ ଓ ବରଗଦ ଗାର୍ଡେନ ବିଶେଷ ଆକର୍ଷଣ ହେବ। ସୋମବାର ରକ୍ଷାଣାବେକ୍ଷଣ ପାଇଁ ଉଦ୍ୟାନ ବନ୍ଦ ରହିବ।

## ୭ ଭାରତୀୟ ନାଗରିକଙ୍କୁ ଫେରାଇଲା ପାକିସ୍ତାନ

**ଇସଲାମାବାଦ୍,୧।୨(ଏଜେନ୍ସି):** ପାକିସ୍ତାନ ୭ ଜଣ ଭାରତୀୟ ନାଗରିକଙ୍କୁ ଭାରତ ହସ୍ତାନ୍ତର କରିଛି। ଏହି ସମସ୍ତ ବ୍ୟକ୍ତି ୨୦୨୩ରେ ପଞ୍ଜାବ ସେମାନଙ୍କ ଗୃହପାଳିତ ପଶୁମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ବେଳେ ଭାସିଯାଇ ପାକିସ୍ତାନ ସୀମା ଭିତରକୁ ଚାଲିଯାଇଥିଲେ। ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍) ସେମାନଙ୍କୁ ସୀମାରେ ଗ୍ରହଣ କରିଛି। କଷ୍ଟମ ଓ ଇମିଗ୍ରେସନ ପ୍ରକ୍ରିୟା ଶେଷ ହେବା ପରେ ଏହି ୭ ଜଣ ବ୍ୟକ୍ତିଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏମାନଙ୍କ ମଧ୍ୟରୁ ଫତେପୁରରୁ ୪ ଜଣ, ଜଳନ୍ଧର, ଲୁଧିଆନା ଓ ଉତ୍ତରପ୍ରଦେଶର ଜଣେ ଲେଖାଏ ଲୋକ ସାମିଲ ଅଛନ୍ତି। ଉଭୟ ଦେଶ ମାନବିକତା ଦୃଷ୍ଟିକୋଣରୁ ନିଜ ନିଜର ବନ୍ଦୀ ଓ ମତ୍ସ୍ୟଜୀବୀମାନଙ୍କୁ ମୁକ୍ତ କରିଥାନ୍ତି। ପୂର୍ବରୁ ୨୦୨୬ ଜାନୁଆରୀରେ ଭାରତ ପାକାସ୍ତାନୀ ନାଗରିକ ହାଫିଜ ମହମ୍ମଦ ଆବୁ ବକରଙ୍କୁ ମୁକ୍ତ କରିଥିଲା। ସେହିପରି ୨୦୨୫ ସେପ୍ଟେମ୍ବରରେ ଭାରତ ୪୮ ଜଣ ପାକିସ୍ତାନୀ ମତ୍ସ୍ୟଜୀବୀ ଓ ୧୯ ଜଣ ନାଗରିକ ବନ୍ଦୀଙ୍କୁ ସେମାନଙ୍କ ଦଣ୍ଡ ତଥା ସଜା ଶେଷ ହେବା ପରେ ପାକିସ୍ତାନକୁ ଫେରାଇଥିଲା। ଦୁଇ ଦେଶ ପ୍ରତିବର୍ଷ ଜାନୁଆରୀ ଓ ଜୁଲାଇ ମାସରେ ନିଜ ନିଜ ପାଖରେ ଥିବା ବନ୍ଦୀମାନଙ୍କର ଏକ ତାଲିକା ପରସ୍ପର ସହ ସେୟାର କରିଥାନ୍ତି।

**ବନ୍ୟାରେ ପଞ୍ଜାବରୁ ଭାସି ଯାଇଥିଲେ**

## ରୋହିତ ସେଟ୍ଟୀଙ୍କ ଘରକୁ ବିଷ୍ଣୋଇ ଗ୍ୟାଙ୍ଗର ଗୁଳିମାଡ଼



**ମୁମ୍ବଇ,୧।୨(ଏଜେନ୍ସି):** ଜଣାଶୁଣା ଚଳଚ୍ଚିତ୍ର ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ମୁମ୍ବଇ ସ୍ଥିତ ଘର ଉପରକୁ ୪ ରାଉଣ୍ଡ ଗୁଳି ଚାଳନା କରାଯାଇଛି। ଶନିବାର ବିଳମ୍ବିତ ରାତି ୩ଟାରେ ଏହି ଘଟଣା ଘଟିଛି। ସୂଚନା ପାଇବା ମାତ୍ରେ ପୁଲିସ ଓ ଫରେନସିକ ଟିମ୍ ତାଙ୍କ ବାସଭବନରେ ପହଞ୍ଚିଛନ୍ତି। ରୋହିତ ମୁମ୍ବଇର ଜୁହୁ ଅଞ୍ଚଳରେ ରୁହନ୍ତି। ଏଠାରେ ବହୁ ବଲିଉଡ ତାରିକା ମଧ୍ୟ ଅବସ୍ଥାନ କରନ୍ତି। ଦୁଇଜଣ ଅଜ୍ଞାତ ଆକ୍ରମଣକାରୀମାନେ ବାଇକ୍‌ରେ ଆସି ଗୁଳି ଚଳାନା କରିବା ପରେ ସେଠାରୁ ଚାଲିଯାଇଥିଲେ। ରୋହିତଙ୍କ ବାସଭବନର ବାଲକୋନୀର ଏକ ଗ୍ଲାସ ପ୍ୟାନେଲ୍‌ରେ ଗୁଳି ବାଜିବାର ଚିହ୍ନ ରହିଛି। ଗୁଳିକାଣ୍ଡ ସମୟରେ ରୋହିତ ଘରେ ଥିଲେ। ଏହା ପରେ ତାଙ୍କ ବାସଭବନ ଚାରିପଟେ ବ୍ୟାପକ ପୁଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆକ୍ରମଣକାରୀଙ୍କୁ ଚିହ୍ନଟ କରିବା ପାଇଁ ପୁଲିସ ବର୍ତ୍ତମାନ ସମସ୍ତ ସମ୍ଭାବ୍ୟ ଦିଗରୁ ମାମଲା ତଦନ୍ତ କରୁଛି। ଆକ୍ରମଣ ପଛରେ ପ୍ରକୃତ ଉଦ୍ଦେଶ୍ୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତେବେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି।

## ବେଲୁଚିସ୍ତାନରେ ସଂଘର୍ଷ; ୨୦୦ ନିହତ

**ଇସଲାମାବାଦ୍,୧।୨(ଏଜେନ୍ସି):** ପାକିସ୍ତାନର ବେଲୁଚିସ୍ତାନରେ ଚାଲିଥିବା ସଂଘର୍ଷରେ ୨୦୦ ଲୋକ ପ୍ରାଣ ହରାଇଥିବା ଜଣାପଡ଼ିଛି। ବିଦ୍ରୋହୀଙ୍କ ବିରୋଧରେ ସୁରକ୍ଷା ବାହିନୀ ସ୍ୱତନ୍ତ୍ର ଅର୍ପେନ ଆରମ୍ଭ କରିଛି। ରାଜ୍ୟରେ ଗତ ୪୦ ଘଣ୍ଟା ଧରି ଚାଲିଥିବା ଏକ ବଡ଼ ସାମରିକ ଅପରେସନରେ ପାକିସ୍ତାନ ସୁରକ୍ଷାବଳ ୧୪୫ ଜଣ ବେଲୁଚି ବିଦ୍ରୋହୀଙ୍କୁ ନିପାତ କରିଛି। ରବିବାର ବେଲୁଚିସ୍ତାନର ମୁଖ୍ୟମନ୍ତ୍ରୀ ରବିବାର ଏ ନେଇ ଘୋଷଣା କରିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନରେ ୧୭ ଜଣ ସୁରକ୍ଷାକର୍ମୀ ଓ ୩୧ ସାଧାରଣ ଲୋକ ପ୍ରାଣ ହରାଇଛନ୍ତି ବୋଲି ସେ କହିଛନ୍ତି। ଏହି ଆକ୍ରମଣ ପାଇଁ ବେଲୁଚ୍ ଲିବରେସନ ଆର୍ମି (ବିଏଲ୍ଏ) ନିଜକୁ ଦାୟୀ କରିଥିଲା। ଅଭିଯୋଗ କରାଯାଇଛି ଯେ, ଏହି ଅକ୍ରମଣ ପଛରେ ଭାରତର ହାତ ରହିଛି ଓ ସେଠାକାର ଅଶାନ୍ତିକୁ ଭାରତ ହିଁ ପ୍ରୋତ୍ସାହିତ କରୁଛି ବୋଲି ଅଭିଯୋଗ କରାଯାଇଛି। କିନ୍ତୁ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହି ଅଭିଯୋଗକୁ ଭିତ୍ତିହୀନ ଓ ନିରର୍ଥକ ବୋଲି କହି ପ୍ରତ୍ୟାଖ୍ୟାନ କରିଛି।

## ଚୀନ୍‌ର ଜେଟ୍ ବିକି ଋଣ ଶୁଝୁଛି ପାକସ୍ତାନ

**ଇସଲାମାବାଦ୍,୧।୨(ଏଜେନ୍ସି):** ଋଣଭାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଏହାକୁ ପରିଶୋଧ କରିବା ପାଇଁ ପାକିସ୍ତାନ



ଏବେ ଏକ ନୂଆ ଉପାୟ ଅବଲମ୍ବନ କରୁଛି। ପାକିସ୍ତାନ ଏବେ ନିଜର ଆତ୍ମସମ୍ମାନ ଓ ଅର୍ଥନୀତିକୁ ବଞ୍ଚାଇବା ପାଇଁ ଅନ୍ୟ ଦେଶମାନଙ୍କୁ ଚୀନ୍ ଟେକ୍ନୋଲୋଜିରେ ନିର୍ମିତ ଯୁଦ୍ଧ ବିମାନ ବିକ୍ରି କରୁଛି। ଋଣ ପରିଶୋଧ କରିବାକୁ ପାକିସ୍ତାନ ଏପରି କରୁଛି ବୋଲି କୁହାଯାଉଛି। ପାକିସ୍ତାନ ମୁଖ୍ୟତଃ ନାଇଜେରିଆ, ଆଜରବାଇଜାନ, ଲିବିଆ, ସାଉଦି ଆରବ, ମରୋକ୍କୋ, ଇଣ୍ଡୋନେସିଆ ଓ ସୁଦାନ ଭଳି ମୁସଲିମ୍ ଦେଶଗୁଡ଼ିକୁ ଏହି ଜେଟ୍ ବିକ୍ରି କରୁଛି। ପାକିସ୍ତାନ ଉପରେ ସାଉଦି ଆରବର ପ୍ରାୟ ୭୦ ହଜାର କୋଟି ଟଙ୍କା ଋଣ ଅଛି। ଏଥିରେ ୧୮ ହଜାର କୋଟି ଟଙ୍କା ଶୁଝିବା ପାଇଁ ପାକିସ୍ତାନ ସାଉଦିକୁ ଯୁଦ୍ଧ ବିମାନ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ ଯେ, ପାକିସ୍ତାନର କାମରାଠାରେ ଚୀନ୍ ସରକାରଙ୍କ ସହାୟତାରେ ପ୍ରତିବର୍ଷ ପ୍ରାୟ ୫୦ଟି ଜେ- ସିରିଜ ଫାଇଟର ଜେଟ୍ ପ୍ରସ୍ତୁତ କରାଯାଉଛି। ଏହି ୟୁନିଟ୍‌ରେ ଚୀନର ପ୍ରାୟ ୫୦୦ ଇଞ୍ଜିନିୟର କାର୍ଯ୍ୟ କରୁଛନ୍ତି। ଯଦିଓ ପାକିସ୍ତାନ ଏହି ବିମାନଗୁଡିକ ବିକ୍ରି କରୁଛି, କିନ୍ତୁ ଚୀନ୍‌କୁ ପ୍ରକୃତ ଲାଭ ମିଳୁଛି। ଗୋଟିଏ ବିମାନର ମୂଲ୍ୟ ୨୦୦ କୋଟି ଟଙ୍କା ହୋଇଥିବା ବେଳେ ୮୦ ପ୍ରତିଶତ ଅର୍ଥ ଚୀନ୍‌କୁ ମିଳୁଛି। ଚୀନ୍ ଗତ ୪୭ ବର୍ଷ ହେବ କୌଣସି ଯୁଦ୍ଧ ଲଢ଼ିନାହିଁ। ତେଣୁ ପାକିସ୍ତାନ ମାଧ୍ୟମରେ ଚୀନ୍ ନିଜ ହାତତିଆରି 'ବ୍ୟାଟଲ ରେଡ୍ଡୀ' ବ୍ରାଣ୍ଡିଂ କରୁଛି। ଚୀନ୍ ବ୍ୟତୀତ ପାକିସ୍ତାନ ଏବେ ତୁର୍କୀ ସହ ମିଶି 'କାମିକାଜି ଡ୍ରୋନ' ତିଆରି କରିବାକୁ ଯୋଜନା କରୁଛି। ଲାହୋର ନିକଟ୍‌ରେ ଏହାର ୟୁନିଟ ସ୍ଥାପନ କରାଯିବ ଓ ପ୍ରତିବର୍ଷ ୨୦୦ଟି ଡ୍ରୋନ ତିଆରି କରାଯାଇ ବାହାର ଦେଶକୁ ରପ୍ତାନି କରାଯିବ।

## ଏନ୍‌ସିପିର ମିଶ୍ରଣକୁ ନେଇ ସସ୍‌ପେନ୍ସ



**ମୁମ୍ବଇ,୧।୨(ଏଜେନ୍ସି):** ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଦୁଇ ଗୋଷ୍ଠୀର ମିଶ୍ରଣକୁ ନେଇ ମହାରାଷ୍ଟ୍ର ରାଜନୀତିରେ ଏବେ ବି ସସ୍‌ପେନ୍ସ ଜାରି ରହିଛି। ଅଜିତ ପାୱାରଙ୍କ ଦେହାନ୍ତ ପରେ ଦଳର ଭବିଷ୍ୟତକୁ ନେଇ ଅନେକ ଅଟକଳ ଲଗାଯାଉଛି। ଏନ୍‌ସିପି (ଏସ୍‌ପି) ଅଧ୍ୟକ୍ଷ ଶରଦ ପାୱାର ରବିବାର ସକାଳେ ବାରମାତୀରୁ ମୁମ୍ବଇ ଅଭିମୁଖେ ଯାତ୍ରା କରିଥିବା ବେଳେ ଅଜିତ ପାୱାରଙ୍କ ପତ୍ନୀ ଏବଂ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ସୁନେତ୍ରା ପାୱାର ବାରାମତୀ ଫେରିଯାଇଛନ୍ତି। ଅଜିତଙ୍କ ମୃତ୍ୟୁର ୪ ଦିନ ପରେ ଶରଦ ମୁମ୍ବଇ ଫେରିଛନ୍ତି। ଶରଦ କହିଛନ୍ତି ଯେ, ଅଜିତ ପାୱାର ଫେବୃଆରୀ ୧୨ରେ ଉଭୟ ଗୋଷ୍ଠୀର ମିଶ୍ରଣ ପାଇଁ ତାରିଖ ଧାର୍ଯ୍ୟ କରିଥିଲେ। କିନ୍ତୁ ତାଙ୍କର ଅକାଳ ବିୟୋଗ ଏହି ପ୍ରକ୍ରିୟାରେ ଅନିଶ୍ଚିତତା ଦେଖାଦେଇଛି। ମହାରାଷ୍ଟ୍ରରେ ଚାଲିଥିବା ଘଟଣାକ୍ରମ ଓ ଦୁଇ ଗୋଷ୍ଠୀର ମିଶ୍ରଣକୁ ନେଇ ଚାଲୁଥିବା ଅଟକଳ ମଧ୍ୟରେ, ଏପର୍ଯ୍ୟନ୍ତ ଏହା ସ୍ପଷ୍ଟ ହୋଇନାହିଁ ଯେ, ଶରଦ ଓ ସୁନେତ୍ରାଙ୍କ ମଧ୍ୟରେ କୌଣସି ଭେଟ କିମ୍ବା କଥାବାର୍ତ୍ତା ହୋଇନାହିଁ। ଇତିମଧ୍ୟରେ ଶରଦଙ୍କୁ ଭେଟିଛନ୍ତି ଅଜିତଙ୍କ ପୁଅ ପାର୍ଥ। ଏହି ସମୟରେ ସୁପ୍ରିୟା ସୁଲେ, ବିଧାୟକ ରୋହିତ ପାୱାର ଓ ଯୁଗେନ୍ଦ୍ର ପାୱାର ଉପସ୍ଥିତ ଥିଲେ।

**ମୁମ୍ବଇରେ ଶରଦ**

**ଶପଥ ନେବା ପରେ ବାରାମତୀ ଫେରିଲେ ସୁନେତ୍ରା**

# ବଜେଟ ୨୦୨୬-୨୭

## ନିର୍ମଳାଙ୍କ ବଜେଟରେ ନୂଆ ସ୍କିମ୍ ନାହିଁ; ନିର୍ବାଚନମୁହାଁ ରାଜ୍ୟ ବି ନିରାଶ

**ନୂଆଦିଲ୍ଲୀ, ୧।୨:** କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ତାଙ୍କର କ୍ରମାଗତ ନବମ ବଜେଟ ଉପସ୍ଥାପନ କରିଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ଉପସ୍ଥାପିତ ୫୩.୫ ଲକ୍ଷ କୋଟିର ଏହି ବଜଟରେ ଆର୍ଥିକ ନିଅଣ୍ଟ ପରିମାଣ ଜିଡିପିର ୪.୩ ପ୍ରତିଶତ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାରୁ ବଜେଟରେ କିଛି ସାଧାରଣ ଲୋକଙ୍କ ପାଇଁ କିଛି ମନଲୋଭା ସ୍କିମ୍ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଥିଲା। କିନ୍ତୁ ସୀତାରମଣ ଏଭଳି କିଛି ସ୍କିମ୍ ଘୋଷଣା କରି ନାହାନ୍ତି। ନିର୍ବାଚନମୁହାଁ ୫ଟି ରାଜ୍ୟ (ପଶ୍ଚିମ ବଙ୍ଗ, ତାମିଲନାଡୁ, କେରଳ, ପୁଡୁଚେରି, ଆସାମ) ପାଇଁ ମଧ୍ୟ କୌଣସି ସ୍ୱତନ୍ତ୍ର ଘୋଷଣା କକରାଯାଇ ନାହିଁ। ଏହାକୁ ନେଇ ବିରୋଧୀ ଦଳ ବିରକ୍ତି ପ୍ରକାଶ କରିବା ସହିତ ଏହାକୁ ଫମ୍ପା ବଜେଟ୍ ବୋଲି କହିଛନ୍ତି।

ବଜେଟରେ ବ୍ୟକ୍ତିଗତ ଆୟକର ରିହାତି ନାହିଁ, କିନ୍ତୁ ଆୟ ଲୁଚାଉଥିବା ବ୍ୟକ୍ତିଙ୍କୁ ଜୋରିମାନା କରିବା ଲାଗି ବ୍ୟବସ୍ଥା କରାଯାଇଛି। ତେବେ ଅର୍ଥ ମନ୍ତ୍ରୀ ସଂସ୍କାରମୂଳକ କାର୍ଯ୍ୟକ୍ରମକୁ ବିଶେଷ ଗୁରୁତ୍ୱ ଦେଇଛନ୍ତି। ୮୫ ମିନିଟ ଧରି ପଢ଼ିଥିବା ବଜେଟ ଭାଷଣରେ ତିନିଟି କର୍ତ୍ତବ୍ୟ କଥା କହିଛନ୍ତି। ତାହାହେଲା: ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା, ଦେଶବାସୀଙ୍କ ଆକାଂକ୍ଷା ପୂରଣ କରିବା ଏବଂ ସାମୂହିକ ବିକାଶ (ସବ୍ କା ସାଥ୍ , ସବ୍ କା ବିକାଶ)। ଏହାସହିତ ଅର୍ଥ ମନ୍ତ୍ରୀ କୃଷି, ଅର୍ଥ, ସ୍ୱାସ୍ଥ୍ୟ, ନିଯୁକ୍ତି, ଶିଳ୍ପ ଏବଂ ପର୍ଯ୍ୟଟନ କ୍ଷେତ୍ର ପାଇଁ କେତେକ ଘୋଷଣା ମଧ୍ୟ କରିଛନ୍ତି। କର୍କଟ ରୋଗୀଙ୍କ ପାଇଁ ବଜେଟରେ ବଡ଼ ଧରଣର ରିହାତି ।।ଘୋଷଣା କରାଯାଇଛି। କର୍କଟ ରୋଗର ଚିକିତ୍ସା ପାଇଁ ଆବଶ୍ୟକ ୧୭ଟି ଜଟିଳ ଔଷଧ ଉପରୁ ସୀମା ଶୁଳ୍କ ଛାଡ଼ କରିଛନ୍ତି। ବିଶ୍ୱରେ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଏମ୍ସ ଭଳି ତିନିଟି 'ଅଲ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆୟୁର୍ବେଦ' ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ସେହିଭଳି ପ୍ରତିରକ୍ଷା ବଜେଟରେ ୧୫ ପ୍ରତିଶତ ବୃଦ୍ଧି କରାଯାଇଛି। ପ୍ରତିରକ୍ଷା ବଜେଟକୁ ୬.୮୧ ଲକ୍ଷ କୋଟିରୁ ୭.୮୫ ଲକ୍ଷ କୋଟିକୁ ବୃଦ୍ଧି କରାଯାଇଛି। ପରମାଣୁ ଶକ୍ତି ପ୍ରକଳ୍ପ ଲାଗି ୨୦୩୫ ପର୍ଯ୍ୟନ୍ତ ଆମଦାନୀ ଉପରେ ସୀମା ଶୁଳ୍କକୁ ଛାଡ଼ କରାଯାଇଛି। ବିକାଶକୁ ଯୋଡ଼ିବା ଉଦ୍ଦେଶ୍ୟରେ ବିଭିନ୍ନ ସହର ମଧ୍ୟରେ ୭ଟି ହାଇସ୍ପିଡ୍ ରେଳ କରିଡର ଘୋଷଣା କରାଯାଇଛି। ଏହାସହିତ ବିଭିନ୍ନ ପ୍ରକଳ୍ପ ଲାଗି ରେଳ ବିଭାଗକୁ ୨ ଲକ୍ଷ ୯୩ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

**ଫୋକସରେ ଆର୍ଥିକ ଶୃଙ୍ଖଳା, ଆର୍ଥିକ ନିଅଣ୍ଟ ଲକ୍ଷ୍ୟ ୪.୩%**

ତେବେ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ ଇରାନସ୍ଥିତ ଚାବାହାର ବନ୍ଦର ପ୍ରକଳ୍ପ ପାଇଁ ଏଥର କୌଣସି ପାଣ୍ଠି ଆବଣ୍ଟନ କରାଯାଇ ନାହିଁ। ଗତବର୍ଷ ଏହି ପ୍ରକଳ୍ପ ବଜେଟରେ ୪୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ଆମେରିକା ଚାପରେ ଏଥର କୌଣସି ବଜେଟ ବ୍ୟବସ୍ଥା କରାଯାଇ ନାହିଁ। ଇରାନ ସହ କାରବାର କଲେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ପାଇଁ ଆମେରିକା ରାଷ୍ଟ୍ରପତି ଧମକ ଦେଇଥିବାରୁ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଏହି ପ୍ରକଳ୍ପ ଲାଗି କୌଣସି ପାଣ୍ଠି ବ୍ୟବସ୍ଥା କରାଯାଇନାହିଁ।

ସୀତାରମଣ ଆଜି ବଜେଟ ଉପସ୍ଥାପନ କରୁଥିବା ବେଳେ ସେୟାର ବଜାରରେ ବଡ଼ ଧରଣର ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ଫ୍ୟୁଚର ଓ ଅପସନ୍ ଟ୍ରେଡିଂ ଉପରେ ସିକୁରିଟି ଟ୍ରାନଜାକ୍ସନ ଟ୍ୟାକ୍ସ (ଏସ୍‌ଟିଟି) ହାର .୦୨ରୁ .୦୫ ପ୍ରତିଶତ ବୃଦ୍ଧି ଘୋଷଣା ବଜାରରେ କମ୍ପନ ସୃଷ୍ଟି କରିଥିଲା ଏବଂ ସେନସକ୍ସ ଦେଢ଼ ହଜାରରୁ ଅଧିକ ପଏଣ୍ଟ ଖସିଯାଇଥିଲା। ଫଳରେ ସେୟାର ବଜାରରେ ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର କ୍ଷତି ହୋଇଛି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଜେଟ ପ୍ରସ୍ତାବକୁ ସ୍ୱାଗତ କରି କହିଛନ୍ତି ଯେ ଏହା ମୁଦ୍ରାସ୍ଫୀତି ଓ ଆର୍ଥିକ ନିଅଣ୍ଟକୁ ହ୍ରାସ କରିବା ସହିତ ବିକଶିତ ଭାରତ ପାଇଁ ଐତିହାସିକ ଓ ସୁଯୋଗର ଭଣ୍ଡାର ସୃଷ୍ଟି କରିବ। ଭାରତ ପାଇଁ ଏହା ଏକ ରୋଡମ୍ୟାପ୍ ବୋଲି କହିଛନ୍ତି।

**ବଜେଟ ଝଲକ୍**

| କୋଟି ଟଙ୍କାରେ | ୨୦୨୪-୨୫ (ବାସ୍ତବ) | ୨୦୨୫-୨୬ (ବଜେଟ ଆକଳନ) | ୨୦୨୫-୨୬ (ସଂଶୋଧିତ ଆକଳନ) | ୨୦୨୬-୨୭ (ବଜେଟ ଆକଳନ) |
|---|---|---|---|---|
| ରାଜସ୍ୱ ଆୟ | ୩,୦୩,୬୬୧୯ | ୩୪,୨୦,୪୦୯ | ୩୩,୪୨,୩୨୩ | ୩୫,୩୩,୧୫୦ |
| ପୁଞ୍ଜି ଆୟ | ୧୬,୧୬,୨୪୯ | ୧୬,୪୪,୯୩୬ | ୧୬,୨୨,୫୧୯ | ୧୮,୧୪,୧୬୫ |
| ମୋଟ ଆୟ | ୪୬,୫୨,୮୬୭ | ୫୦,୬୫,୩୪୫ | ୪୯,୬୪,୮୪୨ | ୫୩,୪୭,୩୧୫ |
| ସକ୍ରିୟ ପୁଞ୍ଜି ବ୍ୟୟ | ୧୩,୨୪,୬୦୯ | ୧୫,୪୮,୨୮୨ | ୧୪,୦୩,୯୦୬ | ୧୭,୧୪,୫୨୩ |
| ରାଜସ୍ୱ ନିଅଣ୍ଟ | ୫,୬୪,୨୯୬ | ୫,୨୩,୮୪୬ | ୫,୨୬,୭୬୪ | ୫,୯୨,୩୪୪ |
| ସକ୍ରିୟ ରାଜସ୍ୱ ନିଅଣ୍ଟ | ୨,୯୧,୬୪୦ | ୯୬,୬୫୪ | ୨୧,୮,୬୧୩ | ୯୯,୬୪୨ |
| ବିତ୍ତୀୟ ନିଅଣ୍ଟ | ୧୫,୭୪,୪୩୧ | ୧୫,୬୮,୯୩୬ | ୧୫,୫୮,୪୯୨ | ୧୬,୯୫,୭୬୮ |
| ପ୍ରାଥମିକ ନିଅଣ୍ଟ | ୪,୫୮,୮୫୬ | ୨,୯୨,୫୯୮ | ୨୮,୪,୧୫୪ | ୨,୯୧,୭୯୬ |

## ରାହୁଲଙ୍କୁ ଅର୍ଥମନ୍ତ୍ରୀଙ୍କ ଚାଲେଞ୍ଜ: ମୋତେ ତଥ୍ୟ ଦେଖାଅ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଗତ କରିଥିବା ନିଜର ନବମ ବଜେଟକୁ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତୀବ୍ର ସମାଲୋଚନା କରିଛନ୍ତି। ଯୁବ ଗୋଷ୍ଠୀ ଚାକିରି ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ଉତ୍ପାଦନ ମନ୍ଥର ହୋଇଚାଲିଛି ବୋଲି ରାହୁଲ ଦାବି କରିଛନ୍ତି। ଏହାକୁ ନେଇ କଂଗ୍ରେସ ନେତାଙ୍କୁ ଆହ୍ୱାନ ଦେଇ ନିର୍ମଳା କହିନ୍ତି ଯେ ବିଶ୍ୱରେ ଅନିଶ୍ଚିତତା ଜାରି ରହିଥିବାବେଳେ ବଜେଟରେ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ଚାଷୀ ଏବଂ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଯଦି ରାଜନୈତିକ ଭାବେ ରାହୁଲ ସମାଲୋଚନା କରୁଛନ୍ତି ତେବେ ସ୍ୱାଗତଯୋଗ୍ୟ। ଏହାକୁ ଜାରି ରଖନ୍ତୁ, ନଚେତ ରାହୁଲ ନିଜ ଦାବିକୁ ନେଇ ମୋତେ ତଥ୍ୟ ଦିଅନ୍ତୁ। ଏହା ଶୁଣିବା ପରେ ମୁଁ ତାର ଉତ୍ତର ରଖିବି।



## ଯୁବ ବିରୋଧୀ ବଜେଟ: ରାହୁଲ

ଏହା ଏକ ଯୁବ ବିରୋଧୀ ବଜେଟ। ଯୁବ ବର୍ଗଙ୍କୁ ଚାକିରି ମିଳୁନି। ବଜେଟରେ ନିଯୁକ୍ତି ପାଇଁ କୌଣସି ଠୋସ ପଦକ୍ଷେପ ନିଆଯାଇ ନାହିଁ। ଘରୋଇ ସଂଞ୍ଚୟ, ଉତ୍ପାଦନରେ ବଡ଼ ଧରଣର ହ୍ରାସ ଘଟୁଛି। ନିବେଶକ ପୁଞ୍ଜି ପ୍ରତ୍ୟାହାର କରି ନେଉଛନ୍ତି। ଚାଷୀ ଚିନ୍ତାରେ ଅଛନ୍ତି। ଆସୁଥିବା ବୈଶ୍ୱିକ ବିପଦ ଆଦିକୁ ଅଣଦେଖା କରିଦିଆଯାଇଛି। ବଜେଟରେ ସୁଧାର ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଭାରତର ପ୍ରକୃତ ସଙ୍କଟ ପ୍ରତି ଆଖି ବନ୍ଦ କରିଦିଆଯାଇଛି ବୋଲି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି।

## ସରକାରଙ୍କ ପାଖରେ ଉପାୟ ନାହିଁ: କଂଗ୍ରେସ ଅଧ୍ୟକ୍ଷ

ବଜେଟରେ ଭାରତର ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ସମସ୍ୟାର ସମାଧାନ ପାଇଁ କୌଣସି ଉପାୟ କରାଯାଇ ନାହିଁ। ସାଧାରଣ ଲୋକଙ୍କ ପାଇଁ କିଛି ସୁଯୋଗ ଦେଇନାହାନ୍ତି। ଏବେ ବି ଚାଷୀ ସହାୟତା କିମ୍ବା ଆୟ ସୁରକ୍ଷା ଯୋଜନା ପାଇଁ ଅପେକ୍ଷା କରି ରହିଛନ୍ତି। ଅସମାନତାର ସ୍ତର ବ୍ରିଟିଶ କାଳକୁ ଟପିଯାଇଛି। ଏହାସତ୍ତ୍ୱେ ଏସ୍‌ସି, ଏସ୍‌ଟି, ଓବିସି, ଇଡବ୍ଲ୍ୟୁଏସ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ବଜେଟରେ କୌଣସି ସହାୟତା ଦିଆଯାଇ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି।

## ଦିଗହୀନ ବଜେଟ: ମମତା



ଏହା ଏକ ବିକ୍ଷିପ୍ତ ବଜେଟ୍। ଏହାର କୌଣସି ନିର୍ଦ୍ଦିଷ୍ଟ ଦିଗ ନାହିଁ। ପଶ୍ଚିମବଙ୍ଗକୁ କେନ୍ଦ୍ର ଟଙ୍କାଟିଏ ବି ଦେଇନାହିଁ। ଆମ ଟଙ୍କା ନେଇ ସେମାନେ କଥା କହୁଛନ୍ତି। କେନ୍ଦ୍ରଠୁ ରାଜ୍ୟ ପ୍ରାୟ ୨ ଲକ୍ଷ କୋଟିରୁ ଅଧିକ ଟଙ୍କା ପାଇବାର ଅଛି। ତେଣୁ ସରକାର ଚଳାଇବାର ଏବଂ ଦେଶକୁ ଏଭଳି ଭାବେ ଶେଷ କରିବାରେ ତାଙ୍କର କୌଣସି ନୈତିକ ଅଧିକାର ନାହିଁ। ଦେଶର ଆର୍ଥିକ ଭିତ୍ତିଭୂମିକୁ କେନ୍ଦ୍ର ଧ୍ୱଂସ କରିବାକୁ ଚାହୁଁଛି। ଖାଲି କଥା କହୁଛନ୍ତି ଏବଂ କାମ କିଛି କରୁନାହାନ୍ତି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଆଜିଦିନଟି ଶୁଭଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ହୋଇପାରେ।

**ମିଥୁନ:** ଅଚାନକ ଖୁସି ଖବର ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ।

**ସିଂହ:** କର୍ମ ଚଞ୍ଚଳ ରହିବେ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ଅତିଥି ସତ୍କାର କରିପାରନ୍ତି।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଯୋଜନା ମୁତାବକ କାମ କଲେ ଭଲ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦୂରଯାତ୍ରାକୁ ଯିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

## ଆଜିର ଇତିହାସ

- ୧୬୨୬- ଚାର୍ଲସ୍ ପ୍ରଥମ ଇଂଲଣ୍ଡର ସମ୍ରାଟ୍ ଘୋଷିତ।
- ୧୮୧୪- କଲିକତା ସଂଗ୍ରହାଳୟର ସ୍ଥାପନା।
- ୧୯୦୧- ମହାରାଣୀ ଭିକ୍ଟୋରିଆଙ୍କ ଅନ୍ତିମ ସଂସ୍କାର ହେଲା।
- ୧୯୧୩- ନ୍ୟୁୟର୍କରେ 'ଗ୍ରାଣ୍ଡ ସେଣ୍ଟ୍ରାଲ୍ ଟର୍ମିନାଲ୍'ର ଉଦ୍‌ଘାଟନ।
- ୧୯୫୨- ମାଡ୍ରାସ୍‌ରେ ଭାରତ ପ୍ରଥମ ଟେଷ୍ଟ କ୍ରିକେଟ୍ ଜିତିଲା।
- ୨୦୦୭- ଆଇପିସି ଗ୍ଲୋବାଲ୍ ୱାର୍ମିଂ ଉପରେ ରିପୋର୍ଟ ପ୍ରସ୍ତୁତ କଲା।



## ମରିନାହିଁ ମାନବିକତା

# ୩୫ ବର୍ଷ ଧରି ବୁଲାକୁକୁରଙ୍କୁ ଯୋଗାଉଛନ୍ତି ଖାଦ୍ୟ


ମଣିଷ ଜୀବନର ଶ୍ରେଷ୍ଠ ଧର୍ମ ହେଉଛି ମାନବିକତା। ହେଲେ ଏବେ ଆଧୁନିକତାର ପ୍ରଭାବରେ ସମାଜରୁ ମାନବିକତା ହଜିଯାଉଥିବା ଦେଖାଯାଉଛି। ଏକ୍ଷେତ୍ରରେ ଅହମ୍ମଦାବାଦ, ସିଲାଜର ବିଜୟାବେନ୍ ପଟେଲ(୬୫) ଏକ ବ୍ୟତିକ୍ରମ। ସେ ପରିଣତ ବୟସରେ ଜୀବେଦୟାର ବାର୍ତ୍ତା ବାଣ୍ଟୁଛନ୍ତି। ଏବୟସରେ କାମ ପ୍ରତି ଆଗ୍ରହ କମି ଯାଉଥିବାବେଳେ ବିଜୟବେନ୍ ବୁଲା କୁକୁରମାନଙ୍କୁ ପ୍ରତିଦିନ ନିଜେ ରୋଷେଇ କରି ଖାଦ୍ୟ ଯୋଗାଉଛନ୍ତି। ଦୀର୍ଘ ୩୫ ବର୍ଷ ହେଲାଣି ସେ ଏପରି କରି ଆସୁଛନ୍ତି। ପ୍ରତିଦିନ ସକାଳେ ସେ ବୁଲା କୁକୁରଙ୍କ ପାଇଁ ସିଲାଜ ବସ୍‌ଷ୍ଟାଣ୍ଡ ନିକଟରେ ଏକ ଘରେ ରୁଟି ବନାନ୍ତି। ସେ ଏହାର ନାମ 'ଡଗ୍ ରୋଟଲା ସେଣ୍ଟର' ରଖିଛନ୍ତି। ପ୍ରତିଦିନ ସକାଳ ୮ ଟାରୁ ଦିନ ୧ ଯାଏଁ ଏହା ଖୋଲାଥାଏ। ଅହମ୍ମଦାବାଦର ଦୂର ଦୂରାନ୍ତରୁ ଲୋକେ ଆସି ବୁଲାପ୍ରାଣୀଙ୍କୁ ଖାଦ୍ୟ ଯୋଗାଇବା ନିମନ୍ତେ ଏଠାକୁ ଆସି ରୁଟି ନେଇଥାନ୍ତି। କେବଳ ବୁଲା କୁକୁର ନୁହେଁ, ବିଲେଇ, ଗାଇଗୋରୁଙ୍କୁ ମଧ୍ୟ ତାଙ୍କ ସେଣ୍ଟରରୁ ଖାଦ୍ୟ ଯୋଗାଯାଏ। ତିନି ଦଶନ୍ଧି ପୂର୍ବରୁ ନିଜ ଆଖପାଖରେ ଭୋକିଲା, କୁପୋଷଣର ଶିକାର ହୋଇଥିବା କୁକୁରମାନଙ୍କୁ ଦେଖି ବିଜୟାବେନ୍ ତାଙ୍କ ଘରେ ଅଧିକ ରୁଟି ତିଆରି କରିବା ଆରମ୍ଭ କଲେ। ଏହି ରୁଟିକୁ ସେତେବେଳେ ସେ ବୁଲା କୁକୁର, ଗାଈଙ୍କୁ ଦେଉଥିଲେ। ୩୫ ବର୍ଷ ପରେ ବି ତାଙ୍କର ଏହି କାମ ଚାଲୁ ରହିଛି। ଏବେ ତାଙ୍କ ସେଣ୍ଟରରେ ପ୍ରତିଦିନ ୨୦ରୁ ୨୫ କେଜି ଅଟାର ରୁଟି ପ୍ରସ୍ତୁତ କରାଯାଉଛି। ରୁଟି କରିବାରେ ତାଙ୍କୁ ସାତ ଜଣ ମହିଳା ସାହାଯ୍ୟ କରୁଛନ୍ତି। ଏହି ମହିଳାମାନେ ସ୍ୱତଃପ୍ରବୃତ୍ତ ଭାବେ ଏଭଳି ସେବାରେ ସାମିଲ ହୋଇଛନ୍ତି। ଯେଉଁ ପଶୁମାନେ ରୁଟି ଖାଇବା ପାଇଁ ଅସମର୍ଥ ବିଜୟାବେନ୍ ସେମାନଙ୍କ ପାଇଁ ଏହାକୁ ଲଡ୍ଡୁ ଭଳି ବନେଇ ଦିଅନ୍ତି।

# 'କଲ୍‌କୀ ୨'ରେ ସାଇପଲ୍ଲବୀ



ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ନିର୍ଦ୍ଦେଶକ ନାଗ୍ ଅଶ୍ୱିନ୍‌ଙ୍କ ଫିଲ୍ମ 'କଲ୍‌କୀ ୨'ରୁ ଦୀପିକା ପାଦୁ୍ୟକୋନ୍‌ଙ୍କୁ ବାଦ୍ ଦିଆଯିବା ପରେ ଏହାକୁ ନେଇ ବିବାଦ ଦେଖା ଦେଇଛି। ଇତିମଧ୍ୟରେ ନାଗ୍ ଅଶ୍ୱିନ୍‌ଙ୍କୁ ନୂଆ ନାୟିକା ମିଳି ଯାଇଥିବା ଜଣାପଡ଼ିଛି। ଏଥିରେ ନାୟକ ଭାବେ ସାଉଥ୍ ସୁପରଷ୍ଟାର୍ ପ୍ରଭାସ ଦେଖାଯିବେ। ଏବେ ପ୍ରଭାସଙ୍କ ବିପକ୍ଷରେ ନାୟିକା ଭାବେ ସାଇପଲ୍ଲବୀଙ୍କୁ ଫାଇନାଲ କରାଯାଇଥିବା ଜଣାପଡ଼ିଛି। ଅବଶ୍ୟ ଏନେଇ ଫିଲ୍ମ ନିର୍ମାତା ବିଧିବଦ୍ଧ ଭାବେ କହି ନାହାନ୍ତି। ଯଦି ଦୀପିକାଙ୍କ ସ୍ଥାନ ସାଇପଲ୍ଲବୀ ନେଉଛନ୍ତି ଫିଲ୍ମକୁ ପୂର୍ବଭଳି ମାଇଲେଜ୍ ମିଳିବ ବୋଲି ଚର୍ଚ୍ଚା ହେଉଛି। ସାଇପଲ୍ଲବୀ ଏହି ଫିଲ୍ମ ଛଡ଼ା ନୀତେଶ ତିୱାରିଙ୍କ 'ରାମାୟଣ'ରେ ସୀତା ଭୂମିକାରେ ଅଭିନୟ କରୁଛନ୍ତି। ଏହା ଏଇବର୍ଷ ଦୀପାବଳି ଅବସରରେ ମୁକ୍ତିଲାଭ କରିବ। ଏହାବାଦ୍ ଅମିର୍ ଖାନ୍‌ଙ୍କ ପୁଅ ଜୁନେଦ ଖାନ୍‌ଙ୍କ ସହ ଏକ ରୋମାଣ୍ଟିକ୍ ଫିଲ୍ମରେ ମଧ୍ୟ ସେ ନଜର ଆସିବେ।

# ଜେନ୍ ଜେଡ୍ ଅବସର ଗୃହ



ଆଜିକାଲିର ଯୁବପିଢ଼ି ୨୫ ବର୍ଷ ବୟସ ସୁଦ୍ଧା ଭଲ ଚାକିରି, ଅର୍ଥ ଓ ପରିଚୟ ସବୁକିଛି ହାସଲ କରିବାକୁ ଚାହୁଁଛନ୍ତି। ଏହାରି ମଧ୍ୟରେ ମାଲେସିଆରେ ଜେନ୍‌ଜେଡ୍‌ଙ୍କ ପାଇଁ ଏକ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି। ଏଠାରେ ୨୦ରୁ ୩୦ ବର୍ଷ ବୟସର ଯୁବପିଢ଼ିଙ୍କୁ ଆଖି ଆଗରେ ରଖି 'ଜେନ୍ ଜେଡ୍ ଅବସର ଗୃହ' ତିଆରି କରାଯାଇଛି। ଏହାର ଅର୍ଥ ନୁହେଁ ଯେ, କାମରୁ ଅବସର ନେବା, ବରଂ ବ୍ୟସ୍ତ ଜୀବନରୁ ଟିକେ ବ୍ରେକ୍ ନେବା। ୨୪ ଘଣ୍ଟିଆ କାର୍ଯ୍ୟ ସଂସ୍କୃତିରୁ ଦୂରେଇ ରହି ଯୁବକଯୁବତୀମାନେ ଏଠାରେ ଆସ୍ତେ ସୁସ୍ଥେ ଜୀବନ ଜିଇଁବା ଶିଖୁଛନ୍ତି। କଲେଜ ଜୀବନ ଶେଷ ହେଉ ହେଉ ଭଲ ଚାକିରିଟିଏ ଖୋଜିବା, ସାମାଜିକ ଗଣମାଧ୍ୟମରେ ଜୀବନରେ ସବୁ କିଛି ଭଲ ହେଉଛି ଦେଖାଇବା ଚକ୍କରରେ ଜେନ୍ ଜେଡ୍ ଶୀଘ୍ର ଥକି ଯାଉଥିବା ଦେଖାଯାଉଛି। କେବଳ ସେତିକି ନୁହେଁ, ଏହା ସେମାନଙ୍କୁ ମାନସିକ ଓ ଭାବନାତ୍ମକ ସ୍ତରରେ ଥକାଇ ଦେଉଛି। ଏହି କାରଣରୁ ଏଭଳି ଗୃହ ଜେନ୍ ଜେଡ୍‌ଙ୍କ ପାଇଁ ଆଶ୍ୱସ୍ତିକର ସାବ୍ୟସ୍ତ ହୋଇଛି। ଏଠାରେ ରହୁଥିବା ଯୁବପିଢ଼ିଙ୍କୁ ଫୋନ୍‌ରୁ ଦୂରେଇ ରହି ପ୍ରକୃତି ସହ ଯୋଡ଼ି ହେବା ପାଇଁ ପରାମର୍ଶ ଦିଆଯାଏ। ଯୁବିପିଢ଼ି ଏଠାରେ ବିନା ଆଲାର୍ମରେ ଦିନ ଆରମ୍ଭ କରନ୍ତି। ନିଜେ ଖାଦ୍ୟ ପ୍ରସ୍ତୁତ କରନ୍ତି, ଚାଷକାମ କରନ୍ତି, ବହି ପଢ଼ନ୍ତି, ଯୋଗ, ପ୍ରାଣାୟମ ଆଦି କରିଥାନ୍ତି। ଏଠାରେ ଆରାମ କରିବା ସହ ଆତ୍ମଚିନ୍ତନ କରିଥାନ୍ତି। ଚାକିରି, ଦରମା, କିମ୍ବା ଚାକିରି କ୍ଷେତ୍ରରେ ଦେଖାଯାଉଥିବା ପ୍ରତିଯୋଗିତା ବିଷୟରେ ଏଠାରେ ଆଲୋଚନା ହୁଏ ନାହିଁ। ଜଣେ ଏଠାରେ କ'ଣ ଅନୁଭବ କରୁଛନ୍ତି ସେବିଷୟରେ କେବଳ ଆଲୋଚନା ହୁଏ। ତେବେ ଏହି ଅବସର ଗୃହରେ ରହିବା ପାଇଁ କୌଣସି ସମୟ ଅବଧି ନାହିଁ। କେହି କେହି କିଛି ସପ୍ତାହ ପାଇଁ ରହୁଥିବାବେଳେ ଆଉ କିଛି ଜଣ କିଛି ମାସ ରୁହନ୍ତି। ତେବେ ଜେନ୍‌ଜେଡ୍ ଅବସର ଗୃହରେ ରହିବା ପରେ ସେମାନେ ଏକ ନୂଆ ଉତ୍ସାହ, ଉଦ୍ଦୀପନା ନେଇ କାମକୁ ଫେରୁଥିବା ଏଠାରେ ରହୁଥିବା ଯୁବକଯୁବତୀମାନେ କୁହନ୍ତି। ଭାରତୀୟ ମୁଦ୍ରାରେ ୪୦ ହଜାର ଟଙ୍କା ଦେଇ ଏଠାରେ ଜଣେ ମାସେକାଳ ଶାନ୍ତିରେ ରହିପାରିବେ। ଏଠାରେ ରହିବା ପାଇଁ ଘର ସହ ତିନି ଥର ଭୋଜନ ମଧ୍ୟ ମିଳିଥାଏ। ସହରରେ ମହଙ୍ଗା ଘରଭଡ଼ା ଓ ଖାଦ୍ୟପେୟକୁ ଆଖିଆଗରେ ଯୁବପିଢ଼ିଙ୍କୁ 'ଜେନ୍ ଜେଡ୍ ଅବସର ଗୃହ' ଲାଭଦାୟକ ମନେ ହେଉଛି। ଏହାର ଆରମ୍ଭ ଚୀନ୍‌ର 'ଲେଟ୍ ଇଟ୍ ରଟ୍' ପ୍ରସଙ୍ଗରୁ ଆରମ୍ଭ ହୋଇଛି। ୨୫ ବର୍ଷ ବୟସରେ ମାନସିକ ରୂପେ ଭାଙ୍ଗି ପଡୁଥିବା ଯୁବକଯୁବତୀଙ୍କ ପାଇଁ ଏଭଳି ସେଣ୍ଟରର ଚାହିଦା ବଢ଼ିଯାଇଛି। ୮ ଏକର ଜମିରେ ବ୍ୟାପ୍ତ ଏହି ସେଣ୍ଟରକୁ ଆସିବା ପାଇଁ ଯୁବକଯୁବତୀଙ୍କ ଲମ୍ବା ଲାଇନ୍ ଲାଗିଛି। ବିଶ୍ୱର କୋଣ ଅନୁକୋଣରୁ ଯୁବକଯୁବତୀମାନେ ଏଠାରେ ଶାନ୍ତି ଖୋଜିବାକୁ ଆସୁଛନ୍ତି।

# ୩୦ ବର୍ଷ ପରେ ମୀନ ରାଶିରେ ଶନିଙ୍କ ଅସ୍ତ

**ଶନି ଦେବ ଦୀର୍ଘ ୩୦ ବର୍ଷ ପରେ ଚଳିତ ମାର୍ଚ୍ଚ ମାସରେ ମୀନ ରାଶିରେ ଅସ୍ତ ହେବେ। ଅର୍ଥାତ୍ ଏହିବର୍ଷ ଶନି ମୀନ ରାଶିରେ ରହିବେ ଏବଂ ୨୦୨୭ ମସିହାରେ ଶନିଦେବ ମେଷ ରାଶିକୁ ଗୋଚର କରିବେ। ତେଣୁ ଏହି ପରିବର୍ତ୍ତନର ପ୍ରଭାବ ୧୨ଟି ରାଶି ଉପରେ ପଡ଼ିବ। ହେଲେ ଏହା ୩ ରାଶି ପାଇଁ ଉତ୍ତମ ଅବସର ଆଣିବ।**




**ଧନୁ:** ଧନୁ ରାଶି ବ୍ୟକ୍ତିଙ୍କ ଲାଗି ଏହା ହେବ ଅତ୍ୟନ୍ତ ଶୁଭ ସମୟ। ଘର, ଗାଡ଼ି, ସମ୍ପତ୍ତିକୁ ନେଇ କୌଣସି ବଡ଼ ନିଷ୍ପତ୍ତି ନେବେ। ଅର୍ଥ ସହିତ ଜଡ଼ିତ ଭଲ ଅବସର ସୃଷ୍ଟି ହେବ। ଅଚାନକ ଧନଲାଭ ଯୋଗ ଅଛି। ପରିବାର ସହିତ ସମ୍ବନ୍ଧ ଅଧିକ ମଜଭୁତ ହେବ।

**କୁମ୍ଭ:** କୁମ୍ଭ ରାଶି ପାଇଁ ଶନିଙ୍କ ଅସ୍ତ ଅତ୍ୟନ୍ତ ଶୁଭ ଫଳ ପ୍ରଦାନ କରିବ। ଏହି ରାଶି ବ୍ୟକ୍ତିଙ୍କର ଆର୍ଥିକ ସମସ୍ୟା ଦୂର ହେବ। ଶିକ୍ଷା, ମିଡିଆ, ସେଲ୍‌ସ, ମାର୍କେଟିଂ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ଭଲ ସମୟ ଆସିବ। ସେହିପରି ଏହି କ୍ଷେତ୍ର ସହିତ ଜଡ଼ିତ ଲୋକଙ୍କ କଥାବାର୍ତ୍ତାର ସକାରାତ୍ମକ ପ୍ରଭାବ ଲୋକଙ୍କ ଉପରେ ପଡ଼ିବ।

**ମୀନ:** ମୀନ ରାଶିରେ ଶନିଙ୍କ ଅସ୍ତ ଅତ୍ୟନ୍ତ ଲାଭଜନକ ହେବ। ମୀନ ରାଶି ବ୍ୟକ୍ତିଙ୍କର ସମାଜରେ ମାନ- ସମ୍ମାନ ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଲାଭ ହେବ ଏବଂ ଆୟ ବୃଦ୍ଧି ପାଇବ। ପରିଶ୍ରମ ସହିତ କରୁଥିବା କାମରେ ସଫଳତା ମିଳିବ।

## ସ୍ୱସ୍ତି

# ପ୍ରାର୍ଥନା କରିବାର ନିୟମ




**ଠିକ୍ ଉପାୟରେ ପ୍ରାର୍ଥନା କରିବା ଦ୍ୱାରା ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିଥାଏ। ତା'ସହ ଈଶ୍ୱରଙ୍କ ସହିତ ଗଭୀର ସମ୍ବନ୍ଧ ସ୍ଥାପନ କରିବାରେ ଏହା ସାହାଯ୍ୟ କରେ। ତେବେ ପ୍ରାର୍ଥନା କରିବା ଲାଗି ସବୁବେଳେ ଶାନ୍ତ ଏବଂ ଏକାନ୍ତ ସ୍ଥାନକୁ ଚୟନ କରିବା ଉଚିତ।**

ପ୍ରାର୍ଥନା କରିବା ପୂର୍ବରୁ ସର୍ବପ୍ରଥମେ ନିଜର ଇଷ୍ଟଦେବ ତଥା ଗୁରୁଙ୍କୁ ଧ୍ୟାନ କରିବା ଆବଶ୍ୟକ। ଏହାପରେ ପ୍ରାର୍ଥନା କରିବା ଭଲ। ସେହିପରି ପ୍ରାର୍ଥନାକୁ ଗୋପନୀୟ ରଖିବା ଦରକାର। ପ୍ରାର୍ଥନା କରିବା ବେଳେ ମନ ଓ ଆଚରଣରେ ଶୁଦ୍ଧତା ରହିବା ଜରୁରି। ପ୍ରାର୍ଥନା ସର୍ବଦା ସରଳ ଓ ସ୍ପଷ୍ଟ ହେବା ଉଚିତ। ମଧ୍ୟରାତ୍ରିରେ କରାଯାଉଥିବା ପ୍ରାର୍ଥନାକୁ ଭଗବାନ ଶୀଘ୍ର ସ୍ୱୀକାର କରୁଥିବା କୁହାଯାଏ। ଅନ୍ୟପଟେ ଅନ୍ୟର କ୍ଷତି ଉଦ୍ଦେଶ୍ୟରେ ପ୍ରାର୍ଥନା କରିବା ଅନୁଚିତ। ତେବେ ପ୍ରାର୍ଥନା କରିବା ବେଳେ କାମନାରେ ନିୟନ୍ତ୍ରଣ ରକ୍ଷା କରିବା ଏବଂ ଭଲ ମନରେ ଈଶ୍ୱରଙ୍କୁ ସ୍ମରଣ କରିବା ଦରକାର।

ସେହିପରି ପ୍ରାର୍ଥନା ବ୍ୟକ୍ତିଙ୍କୁ ମାନସିକ ଏବଂ ଶାରୀରିକ ଭାବେ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଏହା ମନୋବଳ ବୃଦ୍ଧି କରେ ଏବଂ ମଣିଷକୁ ଅନ୍ତରରୁ ମଜଭୁତ କରିବା ଦିଗରେ କାର୍ଯ୍ୟ କରେ। ଗଙ୍ଗା କୂଳ, ଗୋଶାଳା ଏବଂ ଗୁରୁଙ୍କ ପାଖରେ କରାଯାଉଥିବା ପ୍ରାର୍ଥନା ଅଧିକ ପ୍ରଭାବଶାଳୀ ହୋଇଥାଏ। ସେହିପରି ପ୍ରାର୍ଥନା ମଣିଷକୁ ବିନମ୍ର କରାଏ ଏବଂ ମନରେ ଶକ୍ତି ସଞ୍ଚାର କରେ। ଠିକ୍ ଭାବେ କରାଯାଉଥିବା ପ୍ରାର୍ଥନା ଜୀବନରେ ଚମତ୍କାରୀ ପରିବର୍ତ୍ତନ ଆଣିଥାଏ। ଏହା ଈଶ୍ୱରଙ୍କ ସହିତ ଗଭୀର ସମ୍ବନ୍ଧ ସ୍ଥାପନ କରିବାରେ ସାହାଯ୍ୟ କରେ। ତେଣୁ ପ୍ରତ୍ୟେକ ବ୍ୟକ୍ତି ପ୍ରାର୍ଥନାର ଶକ୍ତିକୁ ଚିହ୍ନଟ କରି ବା ବୁଝି ଏହାକୁ ନିଜ ଜୀବନର ଅଂଶ କରିବା ଉଚିତ।

# ଶୁଭଦାୟକ କଳା ରାଶି



**କଳା ରାଶିକୁ ଅତ୍ୟନ୍ତ ପବିତ୍ର ଓ ଶୁଭ ବୋଲି କୁହାଯାଏ। ଏହାକୁ ଶିବଲିଙ୍ଗରେ ଅର୍ପଣ କଲେ ଶନି, ରାହୁ, କେତୁ ଏବଂ କାଳସର୍ପ ଦୋଷ ଦୂର ହେବା ସହିତ ସ୍ୱାସ୍ଥ୍ୟ, ବୈବାହିକ ଜୀବନ, ଆର୍ଥିକ ଲାଭ ଓ ଘରେ ସୁଖଶାନ୍ତି ଆସିଥାଏ ବୋଲି କୁହାଯାଏ। ତେବେ କଳା ରାଶିକୁ ଠିକ୍ ଉପାୟରେ ଶିବଲିଙ୍ଗରେ ଅର୍ପଣ କରିବା ଉଚିତ।**

- ଶିବଲିଙ୍ଗରେ କଳା ରାଶି ଅର୍ପଣ କଲେ ଜାତକରେ ରାହୁ-କେତୁ ଏବଂ ଶନିଦୋଷରୁ ମୁକ୍ତି ମିଳେ।
- ଶନିବାର ମହାଦେବଙ୍କଠାରେ କଳା ରାଶି ଲାଗି କରିବା ଦ୍ୱାରା ଶନି ଦୋଷରୁ ମୁକ୍ତି ମଳିଥାଏ।
- ସୋମବାରରେ ଶିବଲିଙ୍ଗରେ କଳା ରାଶି ଅର୍ପଣ କଲେ ଚାକିରି ଏବଂ କ୍ୟାରିୟରରେ ଉନ୍ନତି ଘଟେ।
- ବୈବାହିକ ସମସ୍ୟାରୁ ମୁକ୍ତି ମିଳେ ଏବଂ ଘରକୁ ସୁଖଶାନ୍ତି ଆସେ।
- ଶିବଲିଙ୍ଗରେ କଳା ରାଶି ଲାଗି କରିବା ଦ୍ୱାରା ସ୍ୱାସ୍ଥ୍ୟ ଲାଭ ଓ ମାନସିକ ସନ୍ତୁଳନ ରହେ।
- ଶିବଙ୍କଠାରେ କଳା ରାଶି ଅର୍ପଣ କଲେ ଆର୍ଥିକ ସ୍ଥିତି ମଜଭୁତ ହୁଏ
- ତେବେ କାଳ ସର୍ପ ଦୋଷ ଦୂର ଲାଗି ଶିବଲିଙ୍ଗରେ କଳା ରାଶି ଅର୍ପଣ କରିବା ଉପାୟ ଲାଭକାରୀ।

# ପୁରୁଣା ପୋଷାକରେ ଘର ପୋଛୁଥିଲେ...

**ଅନେକ ଲୋକ ପୁରୁଣା ଡ୍ରେସ୍ ତଥା ଶାଢ଼ିକୁ ଚିରି ଘର ପୋଛାପୋଛି କରନ୍ତି। ବାସ୍ତୁ ଶାସ୍ତ୍ରରେ, ଏହାକୁ ଠିକ୍ ଉପାୟ ବୋଲି କୁହାଯାଇ ନାହିଁ। ଏହା ଦ୍ୱାରା ଘରେ ନକାରାତ୍ମକ ଶକ୍ତି ସଞ୍ଚାର ହୁଏ ଏବଂ ଲକ୍ଷ୍ମୀ ମା' କୋପ କରୁଥିବା ବିଶ୍ୱାସ ଅଛି।**

- ବାସ୍ତୁ ଅନୁସାରେ, ପୁରୁଣା ପୋଷାକକୁ ଅଶୁଦ୍ଧ ବସ୍ତ୍ର କୁହାଯାଇଛି। ତେଣୁ ଏଭଳି କପଡ଼ାରେ ଘର ପୋଛିଲେ ଘରେ କଳି ଝଗଡ଼ା, ଆର୍ଥିକ ସମସ୍ୟା ଦେଖା ଦିଏ।
- ବାସ୍ତୁ ଶାସ୍ତ୍ର ଅନୁସାରେ, ପୁରୁଣା ପୋଷାକରେ ଘର ସଫା କରିବା ଦ୍ୱାରା ମା' ଲକ୍ଷ୍ମୀ କୋପ କରନ୍ତି। ଅର୍ଥାଭାବ ଦେଖା ଦିଏ।
- ସେହିପରି ମାନସିକ ଅଶାନ୍ତି ସହ କ୍ୟାରିୟର ବାଧା ପ୍ରାପ୍ତ ହୁଏ।
- ପୁରୁଣା ପୋଷାକରେ ଘର ପୋଛିଲେ ମୁଣ୍ଡବିନ୍ଧା, ଅଣ୍ଟା ଯନ୍ତ୍ରଣା, ଥକ୍କାପଣ ଭଳି ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦିଏ।



୧୯ ବର୍ଷରୁ କମ୍ ବିଶ୍ୱକପ୍

# ପାକିସ୍ତାନ ପରାସ୍ତ, ସେମିରେ ଭାରତ


କନିଷ୍କ ଚୋହାନ

ବୁଲାୱାୟୋ,୧।୨(ଏଜେନ୍ସି):ଏଠାରେ ରବିବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍ ସୁପର ସିକ୍ସର ଶେଷ ଲିଗ୍ ମ୍ୟାଚ୍‌ରେ ପାକିସ୍ତାନକୁ ୫୮ ରନ୍‌ର ବିରାଟ ବ୍ୟବଧାନରେ ପରାସ୍ତ କରି ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଏହି ବିଜୟ ଫଳରେ ସୁପର ସିକ୍ସ ଗ୍ରୁପ୍-୨'ରେ ଭାରତ ପ୍ରଥମ ଓ ଇଂଲଣ୍ଡ ଦ୍ୱିତୀୟ ସ୍ଥାନ ଅଧିକାର କରି ସେମିରେ ପ୍ରବେଶ କରିଛନ୍ତି। ଗ୍ରୁପ୍-୧'ରୁ ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ମଙ୍ଗଳବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ସହ ଇଂଲଣ୍ଡ ଓ ବୁଧବାର ଦ୍ୱିତୀୟ ସେମିରେ ଭାରତ ସହ ଆଫଗାନିସ୍ତାନର ମୁକାବିଲା ହେବ। ଏହି ମ୍ୟାଚ୍‌ରେ ବେଦାନ୍ତ ତ୍ରିବେଦୀଙ୍କ ୬୮ ଓ କନିସ୍କ ଚୋହାନଙ୍କ ୩୫ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଭାରତ ୪୯.୫ ଓଭରରେ ୨୫୨ ରନ୍ କରିଥିଲା। ଜବାବରେ ପାକିସ୍ତାନ ଆରମ୍ଭରୁ ଭଲ ଖେଳିଥିଲେ ମଧ୍ୟ ଭାରତୀୟ ସ୍ପିନରଙ୍କୁ ଉଚିତ ମୁକାବିଲା କରି ନ ପାରି ୪୬.୨ ଓଭରରେ ୧୯୪ ରନ୍ କରି ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇଥିଲା। ପାକିସ୍ତାନ ପକ୍ଷରୁ ସୁପରଷ୍ଟାର ସମୀର ମିନ୍‌ହାସ ମାତ୍ର ୯ ରନ୍ କରିଥିଲାବେଳେ ଉସ୍‌ମାନ ଖାନ୍ ସର୍ବାଧିକ ୬୬, ହମ୍‌ଜା ଜହୁର,୪୨ ଓ ଫରହାନ ୟୁସୁଫ ୩୮ ରନ୍ କରିଥିଲେ। ଭାରତ ପକ୍ଷରୁ ଖୀଲନ ପଟେଲ ଓ ଅଧିନାୟକ ଆୟୁଷ ମାହତ୍ରେ ୩ଟି ଲେଖାଏଁ ୱିକେଟ ପାଇଥିଲେ।

# ଡବ୍ଲ୍ୟୁପିଏଲ୍: ଏଲିମିନେଟରରେ ଦିଲ୍ଲୀ

ଭଦୋଦରା, ୧।୨ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଅନ୍ତିମ ରାଉଣ୍ଡରବିନ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୫ ୱିକେଟରେ ୟୁପି ୱାରିୟର୍ଜଙ୍କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ୟୁପି ୮ ୱିକେଟ୍‌ରେ ୧୨୨ ରନ କରିଥିଲା। ଜବାବରେ ଦିଲ୍ଲୀ ୧୮.୪ ଓଭରରେ ୫ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ୮ମ ମ୍ୟାଚରୁ ୪ର୍ଥ ବିଜୟ ସହ ଜେମିମା ରୋଡ୍ରିଗ୍ସଙ୍କ ଦିଲ୍ଲୀ ଦଳ ୮ ପଏଣ୍ଟ ପାଇ ଅନ୍ତିମ ତଥା ୨ୟ ଦଳ ଭାବେ ଏଲିମିନେଟର୍‌ରେ ସ୍ଥାନ ପକ୍କା କରିଛି। ମଙ୍ଗଳବାର ଗୁଜରାଟ ଜାଏଣ୍ଟ୍ସ ଓ ଦିଲ୍ଲୀ ମଧ୍ୟରେ ଏକମାତ୍ର ଏଲିମିନେଟର୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚର ବିଜେତା ଫେବୃଆରୀ ୫ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ଫାଇନାଲ ଖେଳିବ। ପୂର୍ବରୁ ୮ ମ୍ୟାଚରୁ ୬ ବିଜୟ ସହ ବେଙ୍ଗାଲୁରୁ ସିଧାସଳଖ ଫାଇନାଲ ଟିକଟ୍ ହାସଲ କରିଥିଲା।

# ଆଲ୍‌କାରାଜଙ୍କୁ ଅଷ୍ଟ୍ରେଲିଆନ୍ ଓପନ୍ ମୁକୁଟ

ମେଲବୋର୍ଣ୍ଣ, ୧।୨ (ଏଜେନ୍ସି)


ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍‌ରେ ବାଜିମାତ୍ କରିନେଇଛନ୍ତି। ରବିବାର ୧୫ ହଜାର ଦର୍ଶକଙ୍କ ଉପସ୍ଥିତିରେ ମେଲବୋର୍ଣ୍ଣ ପାର୍କରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଗ୍ରାଣ୍ଡଫାଇନାଲ ମ୍ୟାଚରେ ଆଲ୍‌କାରାଜ

## ଜୋକୋଭିଚ୍‌ଙ୍କ ୨୫ତମ ଟ୍ରଫି ସ୍ୱପ୍ନ ଅଧୁରା

୨-୬, ୬-୨, ୬-୩, ୭-୫ ସେଟ୍‌ରେ ୧୦ଥରର ବିଜେତା ନୋଭାକ ଜୋକୋଭିଚ୍‌ଙ୍କୁ ହରାଇ ଚାମ୍ପିଅନ ହୋଇଥିଲେ। ପ୍ରଥମ ସେଟ୍‌ରେ ପରାଜୟ ହୋଇଥିଲେ ମଧ୍ୟ ଆଲ୍‌କାରାଜ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୩ଟି ସେଟ୍‌ରେ କୌଣସି ସୁଯୋଗ ଦେଇ ନ ଥିଲେ। ପରାଜୟ ଫଳରେ ଜୋକୋଭିଚ୍‌ଙ୍କ ୨୫ତମ ଗ୍ରାଣ୍ଡସ୍ଲାଟ ଟ୍ରଫି ଜିତିବା ସ୍ୱପ୍ନ ପୁଣିଥରେ ଅଧୁରା ହୋଇଯାଇଛି। ଯଦି ଜୋକୋଭିଚ୍ ବିଜୟୀ ହୋଇଥାନ୍ତେ ତେବେ ବିଶ୍ୱର ପ୍ରଥମ (ପୁରୁଷ ଓ ମହିଳା) ଖେଳାଳି ଭାବେ ସେ ୨୫ଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ବିଜୟୀ ହେବାର ବିଶ୍ୱରେକର୍ଡ କରିଥାନ୍ତେ। ଚାମ୍ପିଅନ ସହ ଆଲ୍‌କାରାଜ ୨୫.୬୧ କୋଟି ଓ ଜୋକୋଭିଚ୍ ୧୩.୨୬ କୋଟି ଟଙ୍କା ପୁରସ୍କାର ପାଇଛନ୍ତି।


## କ୍ୟାରିୟର ଗ୍ରାଣ୍ଡସ୍ଲାମରେ ଆଲ୍‌କାରାଜ ସର୍ବକନିଷ୍ଠ

ଅପରପକ୍ଷରେ ଚାମ୍ପିଅନ ହେବା ସହ ଆଲ୍‌କାରାଜ ବିଶ୍ୱର ସର୍ବକନିଷ୍ଠ ପୁରୁଷ ଖେଳାଳି ଭାବେ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ କରିଛନ୍ତି। ୨୨ ବର୍ଷ ୨୭୨ ଦିନ ବୟସରେ ଆଲ୍‌କାରାଜ



ଏହି ସଫଳତା ପାଇଛନ୍ତି। ପୂର୍ବରୁ ଏହି ରେକର୍ଡ ଆମେରିକାର ଡନ୍ ବଜ୍‌ଙ୍କ ନାମରେ ରହିଥିଲା। ୧୯୩୮ରେ ଫ୍ରେଞ୍ଚ ଓପନ୍ ଜିତି କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ କଲାବେଳକୁ ଡନ୍‌ଙ୍କୁ ୨୨ ବର୍ଷ ୩୬୩ ଦିନ ହୋଇଥିଲା। ଏଠାରେ ଟାଇଟଲ୍ ଜିତିବା ସହ ଆଲ୍‌କାରାଜଙ୍କ ଗ୍ରାଣ୍ଡସ୍ଲାମ ଟ୍ରଫି ସଂଖ୍ୟା ୭ରେ ପହଞ୍ଚିଛି। ଆଲ୍‌କାରାଜ ଏଥିପୂର୍ବରୁ ଦୁଇଥର ଲେଖାଏ ୱିମ୍ବଲଡନ (୨୦୨୩ ଓ ୨୦୨୪), ଫ୍ରେଞ୍ଚ ଓପନ୍ (୨୦୨୪ ଓ ୨୦୨୫) ଏବଂ ୟୁଏସ୍ ଓପନ୍ (୨୦୨୨ ଓ ୨୦୨୫) ଟ୍ରଫି ଜିତିଥିଲେ। କିନ୍ତୁ ପ୍ରଥମଥର ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ଜିତିବାର ସଫଳତା ପାଇଛନ୍ତି। ଓପନ୍ ଏରାରେ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ କରିବାରେ ରଡ୍ ଲାଭର (ପ୍ରଥମ), ରୋଜର ଫେଡରର, ରାଫେଲ ନାଡାଲ ଓ ଜୋକୋଭିଚ୍‌ଙ୍କ ପରେ ଆଲ୍‌କାରାଜ ୫ମ ପୁରୁଷ ଟେନିସ ଖେଳାଳି।

# ୱାର୍ମ ଅପ୍‌ରେ ଖେଳିବେ ତିଲକ ବର୍ମା



ମୁମ୍ବଇ,୧।୨(ଏଜେନ୍ସି):ଆହତ ହୋଇ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍‌ରେ ଖେଳି ପାରି ନ ଥିବା ଭାରତୀୟ ଅଲରାଉଣ୍ଡର ତିଲକ ବର୍ମା ଟି-୨୦ ବିଶ୍ୱକପ୍ ପୂର୍ବରୁ ଖେଳାଯିବାକୁ ଥିବା ୱାର୍ମ ଅପ୍ ମ୍ୟାଚ୍‌ରେ ଖେଳିପାରିବେ ବୋଲି ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପକ୍ଷରୁ ଗ୍ରୀନ୍ ସିଗ୍‌ନାଲ ଦିଆଯାଇଛି। ତାଙ୍କ ତଳିପେଟରେ ଅସ୍ତ୍ରୋପଚାର କରାଯିବା ପରେ ମାସେ ହେଲା ସେ କୌଣସି ପ୍ରକାର କ୍ରିକେଟ ଖେଳିପାରି ନାହାନ୍ତି। ବିଶ୍ୱକପ୍ ପୂର୍ବରୁ ନଭି ମୁମ୍ବଇରେ ଦକ୍ଷିଣ ଆଫ୍ରିକା ସହ ଭାରତ ଆସନ୍ତା ୪ରେ ଏକମାତ୍ର ୱାର୍ମ ଅପ୍ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ରେ ତିଲକ ଖେଳିବେ। ଏହା ପୂର୍ବରୁ ଫେବୃଆରୀ ୨ତାରିଖ ଏଠାରେ ଆମେରିକା ସହ ଭାରତ-ଏ' ଏକ ୱାର୍ମ ଅପ୍ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହି ମ୍ୟାଚ୍‌ରେ ମଧ୍ୟ ତିଲକ ଖେଳିବେ। ତାଙ୍କୁ ଫିଟ୍‌ନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ଭାରତ ଏହି ଦିନ ଆମେରିକା ସହ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ଫେବୃଆରୀ ୧୨ରେ ନାମିବ୍ୟା, ୧୫ରେ ପାକିସ୍ତାନ ଓ ୧୮ରେ ନେଦରଲାଣ୍ଡସ ସହ ଖେଳି ଗ୍ରୁପ୍ ପର୍ଯ୍ୟାୟ ଲିଗ୍ ଶେଷ କରିବ। ବିଶ୍ୱକପ୍ ଲାଗି ଭାରତୀୟ ଖେଳାଳିମାନେ ଫେବୃଆରୀ ୩ ମୁମ୍ବଇରେ ଏକତ୍ର ହେବେ।

# ଭାରତ ସହ ଖେଳିବନି ପାକିସ୍ତାନ

ଟି-୨୦ ବିଶ୍ୱକପ୍

କରାଚି,୧।୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରେ ଆୟୋଜିତ ହେବାକୁ ଯାଉଥିବା ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଭାରତ ସହ ପାକିସ୍ତାନ ଖେଳିବ ନାହିଁ। ପାକିସ୍ତାନ ସରକାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। କିନ୍ତୁ ହାଇବ୍ରିଡ୍ ମଡେଲରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ। କ୍ରିକେଟ ଦଳକୁ ଶ୍ରୀଲଙ୍କା ଯିବା ଲାଗି ସରକାର ଅନୁମତି ଦେଇଛନ୍ତି। ଭାରତ ସହ ପାକିସ୍ତାନ କଲମ୍ବୋରେ ଫେବୃଆରୀ ୧୫ରେ ଗ୍ରୁପ୍-ଏ'ଲିଗ୍ ମ୍ୟାଚ୍ ଖେଳିବାର ଥିଲା। ଏହି ମ୍ୟାଚ୍‌କୁ ପାକିସ୍ତାନ ବୟକଟ କରିବା ଫଳରେ ରାଜନୀତି ସରଗରମ ହୋଇଛି। ମ୍ୟାଚ୍ ବୟକଟ ଲାଗି ପାକିସ୍ତାନ ସରକାରଙ୍କ ପକ୍ଷରୁ କୌଣସି କାରଣ ଦର୍ଶାଯାଇନାହିଁ। ପାକିସ୍ତାନ କ୍ରିକେଟ ବୋର୍ଡ ମଧ୍ୟ ଏ ସମ୍ପର୍କରେ ଆଇସିସିକୁ ଅବଗତ କରିନାହିଁ। ଭାରତରେ ବିଶ୍ୱକପ୍ ଖେଳିବାକୁ ବାଂଲାଦେଶ ଖେଳିବାକୁ ମନାକରିଥିଲା। ଯାହା ଫଳରେ ଆଇସିସି ତାହାକୁ ଟୁର୍ଣ୍ଣାମେଣ୍ଟରୁ ବହିଷ୍କାର କରି ସ୍କଟଲାଣ୍ଡକୁ ସୁଯୋଗ ଦେଇଥିଲା। ବାଂଲାଦେଶର ଏହି ନିଷ୍ପତ୍ତିକୁ ପାକିସ୍ତାନ ସମର୍ଥନ କରିଥିଲେ ମଧ୍ୟ ଟୁର୍ଣ୍ଣାମେଣ୍ଟରୁ ଓହରି ନ ଥିଲା।

୬୯ତମ ଜାତୀୟ ସ୍କୁଲ ଗେମ୍ସ

# ରଗ୍‌ବୀରେ ଓଡ଼ିଶାକୁ ଡବଲ୍ ଟାଇଟଲ୍

ଭୁବନେଶ୍ୱର, ୧।୨ (ସମିସ): ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ଅନୁଷ୍ଠିତ




୬୯ତମ ଜାତୀୟ ସ୍କୁଲ ଗେମ୍ସରେ ଓଡ଼ିଶା ଐତିହାସିକ ଡବଲ୍ ଟାଇଟଲ୍ ବିଜୟୀ ହୋଇଛି। ଓଡ଼ିଶାର ଉଭୟ ବାଳକ ଓ ବାଳିକା ରଗ୍‌ବୀ ଦଳ ସ୍ୱର୍ଣ୍ଣ ପଦକ ଜିତି ଏହି ସଫଳତା ପାଇଛି। ବାଳକ ଫାଇନାଲରେ ଓଡ଼ିଶା ଦଳ ୫୮-୦ ପଏଣ୍ଟରେ ଏକାପଖିଆ ଭାବେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଥିଲା। ସେହିଭଳି ଓଡ଼ିଶା ବାଳିକା ଫାଇନାଲରେ ୪୪-୧୦ ପଏଣ୍ଟରେ ପଞ୍ଜାବକୁ ହରାଇ ଚାମ୍ପିଅନ ହୋଇଥିଲା। ଏହି ସଫଳତା ଲାଗି ପ୍ରଫେସର ଅଚ୍ୟୁତ ସାମନ୍ତ, ଓଡ଼ିଶା ରଗବୀ ଫୁଟ୍‌ବଲ ସଂଘର ଉପସଭାପତି ଉପେନ୍ଦ୍ର ମହାନ୍ତି ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଖେଳାଳି, କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଅଭିନନ୍ଦନ ଜଣାଯାଇଛି।

# ସ୍କୁଲ ଓପନ୍ ଚେସ୍ ଜିତିଲେ ଆଶୁତୋଷ



ଭୁବନେଶ୍ୱର,୧।୨(ସମିସ): ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲର ଆଶୁତୋଷ ଅରୁଣ ଦାସ ୮ମ ବନବିହାରୀ ପଟ୍ଟନାୟକ ମେମୋରିଆଲ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ୫ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ଟାଇବ୍ରେକରରେ ଆଶୁତୋଷ ଚାମ୍ପିଅନ, କେଭି ନଂ-୧'ର ଆୟୁଷ୍ମାନ ବେହେରା ରନର୍ସ ଅପ୍ ଓ ବିଜେଇଏମ୍ ସ୍କୁଲ-୧'ର ସାଇକ୍ରିଷ୍ଣା ସାମଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କେଭି ନଂ-୧ର ସ୍ୱସ୍ତିକ ବେହେରା ଚତୁର୍ଥ ଓ ମଦର୍ସ ପବ୍ଲିକ୍ ସ୍କୁଲ-୧ର ଆଦିତ୍ୟ ବେହେରା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଟିସିଏସ୍‌ର ରଞ୍ଜନ କୁମାର ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲାବେଳେ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

# କ୍ରୀଡ଼ା ସଂଗଠକ ସୁନିଲ ପଟ୍ଟନାୟକଙ୍କ ପରଲୋକ



ଭୁବନେଶ୍ୱର, ୧।୨ (ସମିସ): ଓଡ଼ିଶାର ବିଶିଷ୍ଟ କ୍ରୀଡ଼ା ସଂଗଠକ ସୁନିଲ ପଟ୍ଟନାୟକଙ୍କର ଆଜି ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୮ ବର୍ଷ ହୋଇଥିଲା। ଦୀର୍ଘ ୩ ବର୍ଷ ଧରି ସେ କର୍କଟ ରୋଗରେ ପୀଡିତ ଥିଲେ। ଭୁବନେଶ୍ୱର କ୍ୟାରମ ସଂଘର ସଭାପତି, ବିଭିନ୍ନ କ୍ଲବ୍ ସହ ଜଡିତ ଥିଲେ। ଜଣେ ଦକ୍ଷ ସଂଗଠକ ଓ ମିଷ୍ଟଭାଷୀ ବ୍ୟକ୍ତିଭାବେ ପରିଚିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଏକମାତ୍ର କନ୍ୟା, ପତ୍ନୀ, ୩ ଭାଇ ଓ ପିତାଙ୍କ ସହ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ରାଜ୍ୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳି ଯାଇଛି।

# ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡକୁ ବିଶ୍ୱକପ୍ ଟିକଟ

କୀର୍ତ୍ତିପୁର,୧।୨(ଏଜେନ୍ସି): ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡ ଶେଷ ଦୁଇଦଳ ଭାବେ ଆଗାମୀ ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଗ୍ଲୋବାଲ କ୍ୱାଲିଫାୟର୍ସ ଟୁର୍ଣ୍ଣାମେଣ୍ଟର ଶେଷ ଦୁଇଟି ସ୍ଥାନ ଅଧିକାର କରି ଏହି ଦଳ ଯୋଗ୍ୟତା ଅର୍ଜନ କରିଥିଲେ। ପୂର୍ବରୁ ବାଂଲାଦେଶ ଓ ନେଦରଲାଣ୍ଡସ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଅନ୍ୟପକ୍ଷରେ ସିଧାସଳଖ ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡିକ ହେଲେ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍, ପାକିସ୍ତାନ ଓ ଶ୍ରୀଲଙ୍କା।

# କୋଚିଂ ଓ ଟ୍ରେନିଂର ଉନ୍ନତି ଲାଗି ହେବ ଖେଲୋ ଇଣ୍ଡିଆ ମିଶନ

ନୂଆଦିଲ୍ଲୀ,୧।୨(ଏଜେନ୍ସି): କ୍ରୀଡ଼ା କ୍ଷେତ୍ରରେ କୋଚ୍ ଓ ଟ୍ରେନିଂ ସେଣ୍ଟରର ଉନ୍ନତି ଲାଗି କେନ୍ଦ୍ର ସରକାର ୨୦୨୬-୨୭ ବଜେଟରେ ଖେଲୋ ଇଣ୍ଡିଆ ମିଶନ ପ୍ରତିଷ୍ଠା କରିବାକୁ ଯୋଜନା କରିଛନ୍ତି। ୨୦୧୭ରେ ଖେଲୋ ଇଣ୍ଡିଆ ଆରମ୍ଭ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ତୃଣମୂଳସ୍ତରରେ ପ୍ରତିଭା ଚିହ୍ନଟ ଓ ପ୍ରତିଯୋଗିତା ଆୟୋଜନ। କିନ୍ତୁ ପ୍ରଶିକ୍ଷଣର କୌଣସି ବ୍ୟବସ୍ଥା ହୋଇ ନ ଥିଲା। ଭବିଷ୍ୟତକୁ ଆଖିଆଗରେ ରଖି ସରକାରଙ୍କ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯିବ। ଆସନ୍ତା ଦଶନ୍ଧିରେ କୋଚ୍ ବା ପ୍ରଶିକ୍ଷକ ଓ ଟ୍ରେନିଂ ସେଣ୍ଟର ବା ପ୍ରଶିକ୍ଷଣ କେନ୍ଦ୍ରକୁ ଅତ୍ୟାଧୁନିକ ଓ ଦକ୍ଷ କରିବା ହେଉଛି ଖେଲୋ ଇଣ୍ଡିଆ ମିଶନର ଲକ୍ଷ୍ୟ। ଏହା ଫଳରେ ଦକ୍ଷ ପ୍ରଶିକ୍ଷକ ଓ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହୋଇପାରିବ। ତୃଣମୂଳସ୍ତରୁ ଚିହ୍ନଟ ହୋଇଥିବା ଖେଳାଳିମାନଙ୍କୁ ଏହି କେନ୍ଦ୍ରରେ ଉନ୍ନତ ପ୍ରଶିକ୍ଷଣ ଦିଆଯିବ। ଏହା ଫଳରେ ଦକ୍ଷ କ୍ରୀଡ଼ାବିତ ସୃଷ୍ଟି ହେବା ସହ ନିଯୁକ୍ତି ସୃଷ୍ଟି ହୋଇପାରିବ। କ୍ରୀଡ଼ା କ୍ଷେତ୍ରରେ ଏବେ ଏକାଧିକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏହାକୁ କାମରେ ଲଗାଇବା ଲାଗି ସରକାର ଚେଷ୍ଟା କରୁଛନ୍ତି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସିତାରମଣ ବଜେଟ ଉପସ୍ଥାପନ କରିବା ବେଳେ କହିଛନ୍ତି।

ଏହି ମିଶନ ଜରିଆରେ ୧-ତୃଣମୂଳସ୍ତରରେ ଚିହ୍ନଟ ହୋଇଥିବା ପ୍ରତିଭାମାନଙ୍କୁ ଖେଳଜୀବନ ଆରମ୍ଭରୁ ପ୍ରତିଷ୍ଠା ହେବାଯାଏ ପ୍ରଶିକ୍ଷଣ, ୨-କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଦକ୍ଷ କରାଇବା, ୩-କ୍ରୀଡ଼ା ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବା, ୪-ପ୍ରତିଯୋଗୀଙ୍କୁ ପ୍ରତିଯୋଗିତା ମାଧ୍ୟମରେ କ୍ରୀଡ଼ା ସଂସ୍କୃତିରେ ଜଡିତ କରାଇବା ଓ ସେମାନଙ୍କୁ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବା, ୫-ରେ କ୍ରୀଡ଼ାରେ ପ୍ରଶିକ୍ଷଣ ଓ ପ୍ରତିଯୋଗିତା ଲାଗି ଆନୁଷଙ୍ଗିକ ବ୍ୟବସ୍ଥାରେ ଉନ୍ନତି କରାଇବା ଏହି ମିଶନର ଲକ୍ଷ୍ୟ ହେବ। ଭାରତରେ କ୍ରୀଡ଼ାବିତ୍‌ମାନଙ୍କୁ ସୁହାଇଲା ଭଳି ନୂଆ ଓ ଉଚ୍ଚକୋଟୀର ଉପକରଣ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବ। କ୍ରୀଡ଼ା ଉପକରଣରେ ବିଶ୍ୱସ୍ତରର ବଜାର ସୃଷ୍ଟି କରିବା ଏହି ଯୋଜନାରେ ଏକ ଅଂଶବିଶେଷ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ନିକଟରେ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ପୁଲେଲା ଗୋପୀଚାନ୍ଦଙ୍କ ଅଧ୍ୟକ୍ଷତାରେ ଉଚ୍ଚକୋଟୀର ଦକ୍ଷ କୋଚ୍ ଚିହ୍ନଟ କରିବା ଓ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍‌ରେ ସେମାନଙ୍କୁ ସାମିଲ କରିବାକୁ ଏକ ପ୍ୟାନେଲ ଗଠନ କରାଯାଇଛି। ଯାହା ଫଳରେ ଏକାଧିକ ବିଶ୍ୱସ୍ତରର କ୍ରୀଡ଼ାବିତ୍ ସୃଷ୍ଟି କରାଯାଇପାରିବ। ବିଶେଷ କରି ୨୦୩୦ରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରୁଥିବାରୁ ଏଭଳି କାର୍ଯ୍ୟକ୍ରମ ସଫଳ ରୂପାୟନ ଉପରେ ଅର୍ଥମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ୨୦୩୬ରେ ଭାରତକୁ ଅଲିମ୍ପିକ୍ ଆୟୋଜନ କରିବାର ସୁଯୋଗ ମିଳିଲେ ଏହି ମିଶନକୁ ଆହୁରି ଅଧିକ ବ୍ୟାପକ କରାଯିବ ବୋଲି ସେ କହିଛନ୍ତି। ଆସନ୍ତା ୧୦ ବର୍ଷ ମଧ୍ୟରେ ଆମେ ବିଶ୍ୱସ୍ତରର କୋଚ୍ ସୃଷ୍ଟି କରିବା ଓ ଟ୍ରେନିଂ ସୁଯୋଗ ଦେବାକୁ ଲକ୍ଷ୍ୟ ରଖିଛୁ ବୋଲି ପାର୍ଲାମେଣ୍ଟରେ ବଜେଟ ଆଗତ କରିବା ପରେ ଅର୍ଥମନ୍ତ୍ରୀ ନିର୍ମଳା ସିତାରମଣ ଏହା କହିଛନ୍ତି।

ରଣଜୀ ଟ୍ରଫି: ମ୍ୟାଚ୍-୭, ପଏଣ୍ଟ-୭, ଗ୍ରୁପ୍‌ରେ ସ୍ଥାନ-୭

# ଶେଷ ଲିଗ୍‌ରେ ହାରିଲା ଓଡ଼ିଶା

ଭୁବନେଶ୍ୱର,୧।୨(ସମିସ)

ଝାଡ଼ଖଣ୍ଡଠାରୁ ୪ ୱିକେଟରେ ପରାଜିତ ହେବା ସହ ଓଡ଼ିଶା ୨୦୨୫-୨୬ ରଣଜୀ ସିଜନ ଶେଷ କରିଛି। ଏହି ମୁକାବିଲା ପରେ ଓଡ଼ିଶା ୭ଟି ମ୍ୟାଚ୍ ଖେଳି କେବଳ ଗୋଟିଏ ବିଜୟ ସହ ୭ ପଏଣ୍ଟ ପାଇ ଗ୍ରୁପ୍-ଏ' ଏଲିଟ୍ ପଏଣ୍ଟ ଟେବଲର ୭ମ ସ୍ଥାନରେ ରହିଛି। ଦଳ ୫ଟି ମ୍ୟାଚ୍‌ରେ ପରାଜିତ ହୋଇଥିବା ବେଳେ ଗୋଟିଏ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛି। ନିକଟ ଅତୀତରେ ଓଡ଼ିଶାର ଏହା ନିକୃଷ୍ଟତମ ପ୍ରଦର୍ଶନ ଭାବେ ବିବେଚନା କରାଯାଉଛି।


ସୟଦ ତୁଫେଲ ଅହମ୍ମଦ୍

ଜାମ୍‌ସେଦପୁରର କିନାନ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଝାଡ଼ଖଣ୍ଡ ବିପକ୍ଷ ମୁକାବିଲାରେ ଓଡ଼ିଶା ପ୍ରଥମ ଇନିଂସରେ ୧୯ ରନ୍‌ରେ ଅଗ୍ରଣୀ ନେଇଥିଲା। କିନ୍ତୁ ଦ୍ୱିତୀୟ ଇନିଂସରେ ଏହାର କିଛି ଫାଇଦା ଉଠାଇ ପାରି ନ ଥିଲେ ଓଡ଼ିଶା ବ୍ୟାଟର। ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ୭୩ ରନ୍ ସହାୟତାରେ ଦଳ ଦ୍ୱିତୀୟ ଇନିଂସରେ ୨୨୬ ରନ୍ କରିବାକୁ ସମର୍ଥ ହୋଇଥିଲା। ଗୋବିନ୍ଦ ପୋଦ୍ଦାର ୩୧ ରନ୍ କରି ଦ୍ୱିତୀୟ ଟପ୍ ସ୍କୋରର ହୋଇଥିଲେ। ଝାଡ଼ଖଣ୍ଡର ଦୁଇ ସ୍ପିନର ଅନୁକୂଳ ରୟ ୫ଟି ଓ ଆଦିତ୍ୟ ସିଂ ୪ଟି ୱିକେଟ ନେଇ ଓଡ଼ିଶାକୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ଯାହା ଫଳରେ ପାଖାପାଖି ଗୋଟିଏ ପୂରାଦିନ ଖେଳରେ ଓଡ଼ିଶା ଘରୋଇ ଝାଡ଼ଖଣ୍ଡ ଆଗରେ ୨୪୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ବ୍ୟାଟରମାନେ ଧୈର୍ଯ୍ୟର ସହ ଖେଳି ୬ ୱିକେଟ ବିନିମୟରେ ହାସଲ କରିନେଇଥିଲେ। ଦଳ ପକ୍ଷରୁ ଦୁଇ ଓପନର ଶିଖର ମୋହନ ୩୦ ଓ ଶରଣଦୀପ ସିଂ ୬୪ ରନ୍ କରି ଭଲ ଆରମ୍ଭ ଦେଇଥିଲେ। ରବିନ ମିଞ୍ଜ୍‌ଙ୍କ ୬୩ ଓ ଅନୁକୂଳ ରୟଙ୍କ ୪୫ ରନ୍ ଝାଡ଼ଖଣ୍ଡ ସପକ୍ଷରେ ମ୍ୟାଚ୍ ନେଇଯାଇଥିଲା। ଆଦିତ୍ୟ ସିଂ ଅପରାଜିତ ୨୨ ଓ ସାହିଲ ରାଜ ଅପରାଜିତ ୫ ରନ୍ କରି ଝାଡଖଣ୍ଡକୁ ୪ ୱିକେଟରେ ଜିତାଇଥିଲେ। ଓଡ଼ିଶା ପକ୍ଷରୁ ପୁଣିଥରେ ଯୁବସ୍ପିନର ସୟଦ ତୁଫେଲ ଅହମ୍ମଦ୍ ୬ଟି ମଧ୍ୟରୁ ୪ଟି ୱିକେଟ ପାଇଥିଲେ। ଇନିଂସ ଓପନ କରିଥିବା ଅଫ୍‌ସ୍ପିନର ଗୋବିନ୍ଦ ପୋଦ୍ଦାରଙ୍କୁ ୨ଟି ୱିକେଟ ମିଳିଥିଲା। ଓଡ଼ିଶା ଏହି ମ୍ୟାଚ୍‌ରେ ଜଣେ ଫ୍ରଣ୍ଟ ଲାଇନ୍ ସ୍ପିନର ବା ଡେବ୍ୟୁଟାଣ୍ଟ ତୁଫେଲଙ୍କୁ ଖେଳାଇଥିଲା। ଏହି ମ୍ୟାଚ୍‌ରେ ତାଙ୍କୁ ୮ଟି ୱିକେଟ ମିଳିଥିଲା। ସମ୍ବିତ ବରାଳ ଓ ତୁଫେଲ ଏହି ସିଜନର ଆବିଷ୍କାର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

## କ୍ୱାର୍ଟର ଫାଇନାଲ୍‌ରେ ବେଙ୍ଗଲ, ଝାଡ଼ଖଣ୍ଡ

ନୂଆଦିଲ୍ଲୀ,୧।୨(ଏଜେନ୍ସି): ଶେଷ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ବେଙ୍ଗଲ, ଝାଡଖଣ୍ଡ, କର୍ଣ୍ଣାଟକ ୨୦୨୫-୨୬ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ରାଉଣ୍ଡରେ ହରିୟାଣାକୁ ବେଙ୍ଗଲ, ଓଡ଼ିଶାକୁ ଝାଡ଼ଖଣ୍ଡ, ନାଟକୀୟ ମୁକାବିଲାରେ ପଞ୍ଜାବକୁ କର୍ଣ୍ଣାଟକ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଫେବୃଆରୀ ୬ ତାରିଖରୁ କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯିବ। ଏହା ମଧ୍ୟରୁ ପ୍ରଥମ କ୍ୱାର୍ଟରରେ ଝାଡଖଣ୍ଡ ସହ ଉତ୍ତରାଖଣ୍ଡ, ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟପ୍ରଦେଶ ସହ ଜମ୍ମୁ-କଶ୍ମୀର, ତୃତୀୟ କ୍ୱାର୍ଟରରେ ବେଙ୍ଗଲ ସହ ଆନ୍ଧ୍ର ଓ ଚତୁର୍ଥ କ୍ୱାର୍ଟରରେ ମୁମ୍ବଇ ସହ କର୍ଣ୍ଣାଟକର ମୁକାବିଲା ହେବ। ଫେବୃଆରୀ ୧୫ରୁ ହେବାକୁ ଥିବା ସେମିଫାଇନାଲର ପ୍ରଥମ ମ୍ୟାଚ୍‌ରେ ପ୍ରଥମ ଓ ଚତୁର୍ଥ କ୍ୱାର୍ଟର ଫାଇନାଲର ବିଜେତା, ଦ୍ୱିତୀୟ ମ୍ୟାଚ୍‌ରେ ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟର ଫାଇନାଲର ବିଜେତା ଦଳ ମଧ୍ୟରେ ଖେଳାଯିବ।

ଗ୍ରୁପ୍-ଏ : ୧-ଝାଡଖଣ୍ଡ, ୨-ଆନ୍ଧ୍ରପ୍ରଦେଶ, ଗ୍ରୁପ୍-ବି: ୧- ମଧ୍ୟପ୍ରଦେଶ, ୨-କର୍ଣ୍ଣାଟକ, ଗ୍ରୁପ୍-ସି : ୧-ବେଙ୍ଗଲ, ୨-ଉତ୍ତରାଖଣ୍ଡ, ଗ୍ରୁପ୍-ଡି : ୧-ମୁମ୍ବଇ, ୨-ଜମ୍ମୁ-କଶ୍ମୀର।

■ ସିକେ ନାଇଡୁ ଟ୍ରଫି

## ସୁଜଲଙ୍କ ଶତକ ସତ୍ତ୍ୱେ ଓଡ଼ିଶା ଅଗ୍ରଣୀରୁ ବଞ୍ଚିତ



ଭୁବନେଶ୍ୱର, ୧।୨ (ସମିସ): ଜୟପୁରର କେଏଲ୍ ସାଇନି ଷ୍ଟାଡିୟମରେ ଘରୋଇ ରାଜସ୍ଥାନ ବିପକ୍ଷରେ ଚାଲିଥିବା ୨୫ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିରେ ଓଡ଼ିଶା ଅଳ୍ପକେ ପାଳି ଅଗ୍ରଣୀରୁ ବଞ୍ଚିତ ହୋଇଛି। ରାଜସ୍ଥାନର ୩୫୫ ରନ ଜବାବରେ ଭ୍ରମଣକାରୀ ଓଡ଼ିଶା ପ୍ରଥମ ପାଳିରେ ୧୧୪.୫ ଓଭରରେ ୩୪୬ ରନରେ ସୀମିତ ରହିଯାଇଛି। ଓଡ଼ିଶା ପକ୍ଷରୁ ସୁଜଲ ସିଂ ସର୍ବାଧିକ ୧୦୦ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରେୟାଂଶ ଭରଦ୍ୱାଜ ୭୭, ଅଧିନାୟକ ଓମ୍ ଟି ମୁଣ୍ଡେ ୭୦, ସାଇଦୀପ୍ ମହାପାତ୍ର ୧୩, ସମ୍ବିତ ବେଜ୍ ୧୪ ଓ ସୌମ୍ୟରଞ୍ଜନ ଲେଙ୍କା ୩୪ ରନ କରିଥିଲେ। ୯ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ରାଜସ୍ଥାନ ଦ୍ୱିତୀୟ ପାଳି ଆରମ୍ଭ କରି ରବିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୩ ୱିକେଟ୍‌ରେ ୩୩ ରନ କରିଛି। ଗୋଟିଏ ଦିନ ଖେଳ ବାକି ଥାଇ ରାଜସ୍ଥାନ ମୋଟ୍ ଉପରେ ୪୨ ରନରେ ଆଗୁଆ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS